

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-17 ◆SATURDAY ◆11 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୭ ◆ଶନିବାର ◆୧୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଜାତୀୟ ସଙ୍ଗୀତ ପୂର୍ବରୁ ଗାନ ହେବ 'ବନ୍ଦେ ମାତରମ୍'

■ ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏବଂ ଜାତୀୟ ଗୀତ 'ବନ୍ଦେମାତରମ୍'ର ଗାନକୁ ନେଇ କେନ୍ଦ୍ର ସରକାର ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ମନ୍ତ୍ରାଳୟଗୁଡ଼ିକୁ ପୁଣି ଥରେ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଗତ ୫ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ କେନ୍ଦ୍ର ପକ୍ଷରୁ ଏଭଳି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ନୂତନ ନିୟମ ଅନୁଯାୟୀ, ଯଦି କୌଣସି ସରକାରୀ କାର୍ଯ୍ୟକ୍ରମରେ ଉଭୟ ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତ ପରିବେଷଣ କରାଯାଏ, ତେବେ ପ୍ରଥମେ 'ବନ୍ଦେ ମାତରମ୍' ଗାନ କରାଯିବ ଏବଂ ଏହା ପରେ 'ଜନ ଗଣ ମନ' ଗାନ କରାଯିବ। ଜୁଲାଇ ୯ରେ ଏହି ସମ୍ପର୍କିତ ଏକ ଚିଠି ପଠାଯାଇଥିବା ବେଳେ ଶୁକ୍ରବାର ଏହାର ସବିଶେଷ ବିବରଣୀ ସାର୍ବଜନୀନ କରାଯାଇଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତର ମୂଳ ଶବ୍ଦ, ସଠିକ୍ ଉଚ୍ଚାରଣ ଏବଂ ସ୍ୱୀକୃତିପ୍ରାପ୍ତ ଶୈଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। କୌଣସି ପ୍ରକାରର ତ୍ରୁଟି ଏଡ଼ାଇବା ପାଇଁ କେନ୍ଦ୍ର ମନ୍ତ୍ରାଳୟ ନିଜର ୱେବସାଇଟ୍‌ରେ ଏହାର ସଠିକ୍ ପାଠ୍ୟ ଏବଂ ଉଚ୍ଚାରଣ ଉପଲବ୍ଧ କରାଇଛି। ଯେଉଁ ରାଜ୍ୟଗୁଡ଼ିକର ନିଜସ୍ୱ ରାଜ୍ୟ ସଙ୍ଗୀତ ରହିଛି, ସେମାନେ ମଧ୍ୟ ଏହି ନିର୍ଦ୍ଧାରିତ କ୍ରମକୁ ପାଳନ ▶ପୃଷ୍ଠା-୭



ରାଜ୍ୟଗୁଡ଼ିକୁ କେନ୍ଦ୍ରର କଡ଼ା ନିର୍ଦ୍ଦେଶ

# ଚୀନ୍‌ର ଜୋତା କାରଖାନାରେ ଅଗ୍ନିକାଣ୍ଡ; ୨୮ ମୃତ

■ ବେଜିଂ, ୧୦।୭ (ଏଜେନ୍ସି): ଚୀନ୍‌ର ଫୁଜିଆନ୍ ପ୍ରଦେଶସ୍ଥିତ ଏକ ଜୋତା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡରେ ୨୮ ଜଣ ପ୍ରାଣ ହରାଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଘଟଣାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଜିଞ୍ଜିଆଙ୍ଗ ସହରରେ ଅବସ୍ଥିତ 'ଫୁଜିଆନ୍ ହୁଇଟେଙ୍ଗ' ଜୋତା କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ସମୟରେ ୫ ମହଲା ବିଶିଷ୍ଟ ଏହି କଂକ୍ରିଟ୍ କୋଠା ମଧ୍ୟରେ ୨୩୭ ଜଣ ଶ୍ରମିକ ଏବଂ ୨ ଜଣ ପର୍ଯ୍ୟଟକ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡରେ ୨୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ୨୧୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। କୋଠାର ତଳ ମହଲାରେ ଥିବା ଏକ ଗୋଦାମ ଓ କର୍ମଶାଳାରୁ ନିଆଁ ଲାଗି ଜୋତା ତିଆରି ସାମଗ୍ରୀ ଗଦାରେ ଲାଗିଯାଇଥିଲା, ଯାହା ଭୟଙ୍କର ରୂପ ଧାରଣ କରିଥିଲା।



# ଶାନ୍ତି ଚୁକ୍ତି ଭଙ୍ଗ ପଛରେ ଇସ୍ରାଏଲ୍!

■ ମସ୍କୋ/ତେଲ୍ ଆଭିଭ୍, ୧୦।୭ (ଏଜେନ୍ସି): ଶାନ୍ତି ଚୁକ୍ତି ଭଙ୍ଗ ଓ ଇରାନ ଉପରେ ପୁନର୍ବାର ଆମେରିକା ଆକ୍ରମଣ ପଛରେ ଇସ୍ରାଏଲ୍ ଖଳନାୟକ ଭୂମିକା ଅବଲମ୍ବନ କରିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ମସୁଧା କରୁଥିବା ସଂକ୍ରାନ୍ତରେ ଇସ୍ରାଏଲ୍ ଆମେରିକାକୁ ସୂଚନା ଦେବା ପରେ ଇରାନ୍ ଉପରେ ପୁନର୍ବାର ଆକ୍ରମଣ ପାଇଁ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ଇସ୍ରାଏଲ୍ ଗୁଇନ୍ଦା ଏଜେନ୍ସି ମୋସାଦର ସୂଚନାକୁ ଆମେରିକା ବିଶ୍ୱାସ କରି ପୁନଃ ଆକ୍ରମଣ ନିର୍ଦ୍ଦେଶ ଦେବା ପରେ ଇରାନର ପ୍ରମୁଖ ଅଞ୍ଚଳ ଉପରେ ଆମେରିକୀୟ ସେନା କ୍ଷେପଣାସ୍ତ୍ର ବର୍ଷା କରିଛି। ଅନୁରୂପ ଭାବରେ ଇସ୍ରାଏଲ୍ ମଧ୍ୟ ଇରାନର ବିଭିନ୍ନ ସହର ଉପରେ ଆକ୍ରମଣ ଜାରି ରଖିଛି ଓ ଇରାନ ପକ୍ଷରୁ ପାଲଟା ଜବାବ ଦିଆଯାଇଛି। ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ବ୍ୟାପକ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବାରୁ ସମଗ୍ର ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଲଗାତାର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଉଭୟ ଦେଶର ଅନେକ ସହର ଧ୍ୱଂସ ହୋଇଛି।

ଏହି ଯୁଦ୍ଧ ପରିସ୍ଥିତିକୁ ନେଇ ପ୍ରମୁଖ ରାଷ୍ଟ୍ରଗୁଡ଼ିକ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଉଭୟ ଦେଶକୁ ତୁରନ୍ତ ଶତ୍ରୁତା ବନ୍ଦ କରିବା ଏବଂ ସଂଘର୍ଷକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଆହ୍ୱାନ ଜଣାଇଛନ୍ତି। ଯୁଦ୍ଧ ଜାରି ରହିଲେ କେବଳ ପଶ୍ଚିମ ଏସିଆ ନୁହେଁ, ସମଗ୍ର ବିଶ୍ୱର ଶାନ୍ତି ଓ ଅର୍ଥନୀତି ଉପରେ ଏହାର ଗୁରୁତର ପ୍ରଭାବ ପଡିବ ବୋଲି ସେ କହିଛନ୍ତି। ଜାତିସଂଘ ସମେତ ଅନେକ ଆନ୍ତର୍ଜାତିକ ସଂଗଠନ ମଧ୍ୟ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଜଣାଇଛନ୍ତି।


ଯୁଦ୍ଧବିରତି ପାଇଁ ପୁଟିନଙ୍କ ଆହ୍ୱାନ

# ବିଳମ୍ବ ହେବ ପଞ୍ଚାୟତ ନିର୍ବାଚନ

## ଜନଗଣନା ନ ସରିବା ଯାଏ ହେବନି ନିର୍ବାଚନ ■ ମିଳିନାହିଁ ବାଲାଟ ପେପର କାଗଜ କିଣା ଅନୁମତି

■ ଭୁବନେଶ୍ୱର, ୧୦।୭ (ସମିସ): ଆଉ ୬ ମାସ ପରେ ଶେଷ ହେବ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବ। ଏହାର ଅବ୍ୟବହିତ ପରେ ପୌରାଞ୍ଚଳ ଓ ମହାନଗର ନିଗମର ନିର୍ବାଚିତ ପ୍ରତିନିଧିମାନଙ୍କ ଅବଧି ସରିବ। ମାତ୍ର ଧାର୍ଯ୍ୟ ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବନାହିଁ। ଯେଉଁ ଢାଞ୍ଚା ଓ ଢଙ୍ଗରେ ନିର୍ବାଚନୀ ପ୍ରସ୍ତୁତି ଚାଲିଛି, ତାହା ଆସନ୍ତା ବର୍ଷ ଜୁନ୍ ପୂର୍ବରୁ ଶେଷ ହେବାର ସମ୍ଭାବନା ନାହିଁ। ଏହା ୨୦୨୭ ପରିବର୍ତ୍ତେ ପ୍ରାୟ ଏକ ବର୍ଷ ବିଳମ୍ବରେ ନିର୍ବାଚନ କରିବା ପାଇଁ ଯୋଜନାର ଅଂଶ ବିଶେଷ ବୋଲି ମଧ୍ୟ ବିରୋଧୀ ଆଶଙ୍କା କରିଛନ୍ତି। ଏପରିକି ବର୍ଷାଧିକ କାଳ ଧରି ଖାଲି ପଡ଼ିଥିବା ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ପଦ ପାଇଁ ନିର୍ବାଚନ ହୋଇ ପାରିନାହିଁ। ଏଥିପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାକୁ ରଦ୍ଦ କରାଯାଇଛି। ତେଣୁ ଆସନ୍ତା ବର୍ଷ ପୌର ଓ ପଞ୍ଚାୟତ ନିର୍ବାଚନକୁ ନେଇ ଲୋକଙ୍କ ମନରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ କହିଛନ୍ତି, ଜନଗଣନା କ୍ରମରେ ଘର ତାଲିକା ପ୍ରସ୍ତୁତ ସରିଛି। ଆସନ୍ତା ଫେବୃଆରୀରୁ ମାର୍ଚ୍ଚ ପ୍ରଥମ ସପ୍ତାହ ଯାଏଁ ଜନଗଣନା ହେବ ଓ ଏହା ପରେ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟ ପାଇଁ ନିର୍ବାଚନ ଆୟୋଗଙ୍କ ପାଖରେ ଯଥେଷ୍ଟ ଲୋକ ନ ଥିବାରୁ ଜନଗଣନା କାମ ସରିବା ପରେ ନିର୍ବାଚନ କାମ ଆରମ୍ଭ ହେବ। ନିର୍ବାଚନ ଆୟୋଗଙ୍କ ଏହି ସୂଚନାକୁ ବିଶ୍ୱାସ କରାଗଲେ, ପଞ୍ଚାୟତ ଓ ପୌର ନିର୍ବାଚନ ଅନ୍ୟୂନ ଦୁଇ ତିନିମାସ ବିଳମ୍ବ ହେବାର ସମ୍ଭାବନା ରହିଛି। ଅର୍ଥାତ ପଞ୍ଚାୟତ ନିର୍ବାଚନ ୨୦୨୭ ମଇ ବା ଜୁନ୍ ମାସରେ ହୋଇପାରେ ଆଶା କରାଯିବା କଥା।ପଞ୍ଚାୟତ ନିର୍ବାଚନ ବିଳମ୍ବିତ ହେଲେ, ସ୍ୱାଭାବିକ ପୌର ନିର୍ବାଚନ ବି ବିଳମ୍ବିତ ହେବ ମାତ୍ର ମେ ଓ ଜୁନ୍ ମାସର ପ୍ରଚଣ୍ଡ ଖରା ଓ ଏହା ପରବର୍ତ୍ତୀ ସମୟରେ ମୌସୁମୀ ଋତୁରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବ କି ନାହିଁ ତାହା ବି ସନ୍ଦେହରେ।

ପୂର୍ବରୁ ପଞ୍ଚାୟତ ନିର୍ବାଚନ ଆୟୋଜନକୁ ନେଇ ବିଜେପି ରାଜ୍ୟ ସଭାପତି ଆଗୁଆ ପଞ୍ଚାୟତ ନିର୍ବାଚନ ନେଇ ମତ ଦେଇଥିବା ବେଳେ ରାଜ୍ୟ ନିର୍ବାଚନ ଆୟୋଗ ଓ ପଞ୍ଚାୟତିରାଜ ମନ୍ତ୍ରୀ ମଧ୍ୟ ସଠିକ୍ ସମୟରେ ପଞ୍ଚାୟତ ନିର୍ବାଚନ ହେବ ବୋଲି କହିଥିଲେ। ମାତ୍ର ଯେଉଁ ଗତିରେ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଚାଲିଛି, ସେଥିରୁ ଧାର୍ଯ୍ୟ ସମୟରେ ନିର୍ବାଚନ ହେବା ସମ୍ଭାବନା ନାହିଁ ବୋଲି ଜଳଜଳ ଦିଶୁଛି। ବାଲାଟ ପେପର ଛପା ପାଇଁ ଆବଶ୍ୟକ ୱାଟରମାର୍କ କାଗଜ କ୍ରୟ ପାଇଁ ପାଣ୍ଠି ବରାଦ ମାଗି ରାଜ୍ୟ ମୁଦ୍ରଣ, ଲେଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ ମାସକ ମଧ୍ୟରେ ଦୁଇଥର ରାଜ୍ୟ ନିର୍ବାଚନ କମିଶନକୁ ଚିଠି ଲେଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସମ୍ମତି ମିଳିନାହିଁ। ଫଳରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ। ମୁଦ୍ରଣ ନିର୍ଦ୍ଦେଶାଳୟ ପ୍ରଥମେ ୧୦ ଜୁନ ୨୦୨୬ରେ ରାଜ୍ୟ ନିର୍ବାଚନ କମିଶନକୁ ଚିଠି ଲେଖି ୱାଟରମାର୍କ କାଗଜ କ୍ରୟ ପାଇଁ ଆବଶ୍ୟକ ପାଣ୍ଠି ବରାଦ ▶ପୃଷ୍ଠା-୭




# ଶୃଙ୍ଖଳିତ ରଥଯାତ୍ରା ଲାଗି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ସୁରକ୍ଷା ପାଇଁ ନିୟୋଜିତ ହେବେ ୧୯ ବରିଷ୍ଠ ଆଇପିଏସ୍ ଅଧିକାରୀ

■ ଭୁବନେଶ୍ୱର, ୧୦।୭ (ସମିସ): ରଥଯାତ୍ରା ପାଇଁ ଶେଷ ତଥା ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମୁଖ୍ୟମନ୍ତ୍ରୀ, ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଗୁରୁତ୍ୱ ଆରୋପ କରିଛନ୍ତି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପରେ ଆଜି ଆଉଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି

ଏହି ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ସ୍ଥାନାନ୍ତର, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ▶ପୃଷ୍ଠା-୭



### ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ଗୁରୁତ୍ୱ


### ୮ଟି ଅସ୍ଥାୟୀ ହସ୍ପିଟାଲ; ଲାଗିବ ୪୭୦ ସିସିଟିଭି କ୍ୟାମେରା

# ୨୦୨୯ରେ ହୋଇପାରେ 'ଏକ ଦେଶ, ଏକ ନିର୍ବାଚନ'

■ ପାନାଜି, ୧୦।୭ (ଏଜେନ୍ସି): ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ଆସନ୍ତା ୨୦୨୯ରେ କାର୍ଯ୍ୟକାରୀ ହେବ। ସଂସଦର ଯୁଗ୍ମ କମିଟି (ଜେପିସି) ନିର୍ବାଚନୀ ସଂସ୍କାରକୁ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ କାମ କରୁଛି ବୋଲି ସୂଚନା ଦେଇଛନ୍ତି କମିଟିର ଅଧ୍ୟକ୍ଷ ତଥା ଭାଜପା ସାଂସଦ ପି. ପି. ଚୌଧୁରୀ। ଗୋଆରେ ଆୟୋଜିତ ଦୁଇ ଦିନିଆ ବୈଠକ ଅବସରରେ ସେ କହିଛନ୍ତି ଯେ ଦେଶର ବିଭିନ୍ନ ରାଜ୍ୟରେ କମିଟି ପକ୍ଷରୁ ସାଧାରଣ ନାଗରିକ, ସାମାଜିକ ସଂଗଠନ, ସମ୍ବିଧାନ ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଏପର୍ଯ୍ୟନ୍ତ ଯେଉଁମାନଙ୍କ ସହ ଆଲୋଚନା ହୋଇଛି, ସେମାନଙ୍କ ମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ତେବେ ସମସ୍ତ ରାଜନୈତିକ ଦଳଙ୍କ ପାଇଁ ଗ୍ରହଣୀୟ ହେବା ଭଳି ଏକ ବ୍ୟବହାରିକ ବ୍ୟବସ୍ଥା ପ୍ରସ୍ତୁତ କରିବା କମିଟିର ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଗୋଆ ଗସ୍ତ ସମୟରେ କମିଟି ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଏକକାଳୀନ ନିର୍ବାଚନ ଲାଗୁ କରିବା ବେଳେ କେଉଁ ସମ୍ବିଧାନିକ, ▶ପୃଷ୍ଠା-୭

### ସୂଚନା ଦେଲେ ଜେପିସି ଅଧ୍ୟକ୍ଷ



## ରାମମନ୍ଦିର ଦାନ ଅର୍ଥ ପରିମାଣ ହ୍ରାସ

# କମିଛି ୫୦୦ ଟଙ୍କିଆ, ବଢ଼ିଛି ୧୦ ଟଙ୍କିଆ

■ ଅଯୋଧ୍ୟା, ୧୦।୭ (ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରର ଦାନ ପାଣ୍ଠି ଚୋରି ମାମଲାକୁ ନେଇ ବିବାଦ ଥମି ନ ଥିବା ବେଳେ ଶୁକ୍ରବାର ଦାନ ଅର୍ଥ ଗଣନା କାର୍ଯ୍ୟରେ ନିୟୋଜିତ ୨୩ ଜଣ କର୍ମଚାରୀ ସାମୂହିକ ଇସ୍ତଫା ଦେଇଛନ୍ତି। ସୂଚନା ଅନୁସାରେ ମନ୍ଦିରରେ ଦାନ ପାଣ୍ଠି ଚୋରି ଘଟଣା ସାମ୍ନାକୁ ଆସିବା ପରେ ଦାନ ଅର୍ଥ ଗଣନା ପ୍ରକ୍ରିୟାକୁ ଅଧିକ କଡ଼ା ଓ ସମୟସାପେକ୍ଷ କରାଯାଇଛି। ଭକ୍ତମାନେ ବର୍ତ୍ତମାନ ଅଧିକ ପରିମାଣରେ ୧୦ ଓ ୨୦ ଟଙ୍କିଆ ନୋଟ୍ ଦାନ କରୁଥିବାରୁ ଟଙ୍କା ଗଣନାରେ ବହୁତ ସମୟ ଲାଗୁଛି। ପୂର୍ବରୁ ୫୦୦ ଟଙ୍କିଆ ନୋଟର ୭୦ରୁ ୮୦ଟି ବଣ୍ଡିଲ୍ ପ୍ରସ୍ତୁତ ହେଉଥିବାବେଳେ ବର୍ତ୍ତମାନ ୫୦୦ ଟଙ୍କିଆ ନୋଟର ମାତ୍ର ୧୫ଟି ବଣ୍ଡିଲ୍ ହିଁ ପ୍ରସ୍ତୁତ ହେଉଛି। ସେହିପରି ୧୦ ଓ ୨୦ ଟଙ୍କିଆ ନୋଟ ବଣ୍ଡିଲ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଦୁଇଟି ସିଫ୍ଟରେ କାମ ହେଉଥିଲା ଓ ପ୍ରତ୍ୟେକ କର୍ମଚାରୀ ଦୈନିକ ୬ ଘଣ୍ଟା ଲେଖାଏଁ କାମ କରୁଥିଲେ। ମାତ୍ର ବର୍ତ୍ତମାନ ସକାଳ ୯ଟାରୁ ସନ୍ଧ୍ୟା ୬ଟା ▶ପୃଷ୍ଠା-୭

### ଗଣତି କାର୍ଯ୍ୟରୁ ୨୩ କର୍ମଚାରୀଙ୍କ ଇସ୍ତଫା

**ଶବବାହକ ଗାଡ଼ି ପାଇଁ ଅର୍ଥ ନାହିଁ**

# ବାଇକ୍‌ରେ ବୁହାହେଲା ଶବ

■ ଉମରକୋଟ, ୧୦।୭ (ସମିସ): ଶବବାହକ ଗାଡ଼ି ଭଡ଼ାରେ ନେବାକୁ ଅର୍ଥ ନାହିଁ। ବାଇକ୍‌ରେ ଶବକୁ ଗାଁକୁ ନେଲେ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଞ୍ଚଳରେ। ବ୍ଲକର ମୂର୍ତ୍ତୁମା ପଞ୍ଚାୟତ ଆମ୍ବାଗୁଡା ଗ୍ରାମର ଅନିତ୍ରା ଲହରା (୧୩) ରୋଗରେ ପୀଡ଼ିତ ହୋଇ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ଭଲ ନ ହେବାରୁ ପରିବାର ଲୋକେ ତାଙ୍କୁ ଉମରକୋଟ ବ୍ଲକ ସାନ ଭରଣ୍ଡି ଗ୍ରାମରେ ଥିବା ନିଜ ସମ୍ପର୍କୀୟ ଘରକୁ ନେଇଥିଲେ। ▶ପୃଷ୍ଠା-୭



**ଭେଣ୍ଟିଲେଟରରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ**

# ନିଶ୍ୱାସ ନେଇପାରୁନି ନର୍ସିଂ ଶିକ୍ଷା

■ ଭୁବନେଶ୍ୱର, ୧୦।୭ (ସମିସ): ୬ ବର୍ଷ ବିତିଲାଣି, ମାତ୍ର ସରୁନାହିଁ ୪ ବର୍ଷିଆ ନର୍ସିଂ ଶିକ୍ଷାର୍ଥୀଙ୍କ ପାଠ୍ୟକ୍ରମ। ୮ଟି ସେମିଷ୍ଟାର ବଦଳରେ ମାତ୍ର ୩-୪ ଟି ପରୀକ୍ଷା ହୋଇଛି। ସରକାରୀ ଶିକ୍ଷାନୁଷ୍ଠାନର ପିଲାଙ୍କ ସହ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଘରୋଇ ଅନୁଷ୍ଠାନରେ ପଢୁଥିବା ପିଲାମାନେ ବି ଭଗବାନଙ୍କ ଭରଷାରେ ରହିଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଘରୋଇ କଲେଜର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ମାତ୍ରାଧିକ ବିଳମ୍ବ ହେଉଥିବା ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଥିବାବେଳେ ସାରା ରାଜ୍ୟର ନର୍ସିଂ ଶିକ୍ଷା ବ୍ୟବସ୍ଥା ନିଶ୍ୱାସ ନେବାରେ ବି କଷ୍ଟ ଅନୁଭବ କରୁଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ଅଧୀନରେ ଥିବା ଶିକ୍ଷାନୁଷ୍ଠାନରେ ପ୍ରାୟ ୫୨ ଟି ସେମିଷ୍ଟାର ପରୀକ୍ଷା ହୋଇ ନ ଥିବାବେଳେ ଏବେ ନର୍ସିଂ ଶିକ୍ଷାରେ ଅଚଳାବସ୍ଥା ରାଜ୍ୟରେ ଡ଼ାକ୍ତରୀ ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

୨୦୨୩ରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ପ୍ରତିଷ୍ଠା ହୋଇଥିଲା। ୨୦୨୩-୨୪ ଶିକ୍ଷାବର୍ଷରୁ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ସମସ୍ତ ଡାକ୍ତରୀ ଓ ନର୍ସିଂ ଶିକ୍ଷାନୁଷ୍ଠାନ ପଞ୍ଜୀକୃତ ହେଲା। ଇତି ମଧ୍ୟରେ ବିଏସ୍‌ସି ନର୍ସିଂ ପ୍ରଥମ ବ୍ୟାଚ୍ ପିଲାଙ୍କ ୩ ବର୍ଷ ସରିବା ସହ ଶେଷ ବର୍ଷ ଶିକ୍ଷାଗ୍ରହଣ ଜାରି ରହିଛି। ସେମାନଙ୍କ ୬ଟି ସେମିଷ୍ଟାର ସରିବା ବଦଳରେ ମାତ୍ର ୨ଟି ସେମିଷ୍ଟାର ପରୀକ୍ଷା ସରିଛି। ଅବଶିଷ୍ଟ ୪ଟି ସେମିଷ୍ଟାର ପରୀକ୍ଷା ହୋଇନାହିଁ ଓ କେବେ ହେବ ତାହାର ମଧ୍ୟ ସୂଚନା ନାହିଁ। ଅନୁରୂପ ଭାବେ ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖାଇଥିବା ପିଲାଙ୍କ ମାତ୍ର ଗୋଟିଏ ସେମିଷ୍ଟାର ସରିଥିବାବେଳେ ୩ଟି ବକେୟା ରହିଛି ରହିଛି। କେବଳ ବିଏସ୍‌ସି ନର୍ସିଂ ନୁହେଁ, ପିବି ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମରେ ୨୦୨୩-୨୪ରେ ନାମଲେଖାଇଥିବା ପିଲାଙ୍କ ପାଠପଢ଼ା ୨୦୨୫ ରୁ ସରିଲାଣି। ବର୍ଷେ ହେବ ସେମାନେ ଶିକ୍ଷାନୁଷ୍ଠାନକୁ ପଢ଼ିବାକୁ ମଧ୍ୟ ଆସୁନାହାନ୍ତି। ମାତ୍ର ସେମାନଙ୍କ ଦ୍ୱିତୀୟ ବାର୍ଷିକ ପରୀକ୍ଷା ଏବେଯାଏଁ ହୋଇନାହିଁ। ଅନୁରୂପ ଭାବେ ୨୦୨୪-୨୫ ବ୍ୟାଚ୍ ପିଲାଙ୍କ ପାଠପଢ଼ା ସରିଥିଲେ ମଧ୍ୟ ଗୋଟିଏ ମଧ୍ୟ ପରୀକ୍ଷା ସରିନାହିଁ। ଏମ୍‌ଏସ୍‌ସି ନର୍ସିଂ ପାଠ୍ୟକ୍ରମର ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମ ପାଇଁ ୨୦୨୩-୨୪ରେ ନାମଲେଖାଇଥିବା ପିଲାମାନେ ୨୦୨୫ରୁ ପଢ଼ା ସାରିଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନାହିଁ।

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ିଥିବା ପିଲାମାନେ ପରୀକ୍ଷା ହେଉ ନ ଥିବାରୁ ପ୍ରମାଦ ଗଣୁଛନ୍ତି। ପାଠପଢ଼ା ଅବଧି ସରିଥିଲେ ମଧ୍ୟ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ହୋଇପାରୁ ନାହାନ୍ତି। ▶ପୃଷ୍ଠା-୭

- ୬ ବର୍ଷରେ ବି ସରୁନି ୪ ବର୍ଷିଆ ନର୍ସିଂ ପାଠ୍ୟକ୍ରମ
- ନିଯୁକ୍ତି, ଇଣ୍ଟର୍ଣ୍ଣଶିପ୍, ପ୍ଲେସ୍‌ମେଣ୍ଟରୁ ଶିକ୍ଷାର୍ଥୀ ବଞ୍ଚିତ
- ଆନ୍ଦୋଳନ କଲେ ମିଳୁଛି ପରୀକ୍ଷାରେ ଫେଲ ଧମକ




# ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁରକ୍ଷା ଭେଦ; ପ୍ରତିବାଦକାରୀଙ୍କ ହଙ୍ଗାମା



ମେଲବୋର୍ଣ୍ଣ, ୧୦।୭ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ମେଲବୋର୍ଣ୍ଣରେ ପ୍ରଧାନମନ୍ତ୍ରୀ ରହୁଥିବା ହୋଟେଲରେ ଜଣେ ଉଗ୍ର-ଦକ୍ଷିଣପନ୍ଥୀ ତଥା ପ୍ରବାସୀ ବିରୋଧୀ ପ୍ରତିବାଦକାରୀ ପୁଲିସ ବଳୟ ଭେଦ କରି ପଶିଆସିବା ସହ ଅଶାଳୀନ ନାରାବାଜି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆରେ ପହଞ୍ଚିବାର ମାତ୍ର କିଛି ଘଣ୍ଟା ପରେ ଏହି ଘଟଣା ଘଟିଥିଲା। ପ୍ରଧାନମନ୍ତ୍ରୀ ହୋଟେଲ ଲବିରେ ରେଡ୍ କାର୍ପେଟରେ ଯାଉଥିବା ସମୟରେ, ଉପର ମହଲାରୁ ହ୍ୟୁଗୋ ଲେନନ ନାମକ ଜଣେ ବ୍ୟକ୍ତି ମୋଦୀଙ୍କ ବିରୋଧରେ ଅଶାଳୀନ ଭାଷା ପ୍ରୟୋଗ କରିବା ସହ 'ଏହା ଅଷ୍ଟ୍ରେଲିଆ, ଆମକୁ ଆଉ ଭାରତୀୟ ଦରକାର ନାହିଁ' ବୋଲି ଚିତ୍କାର କରିଥିଲେ। ଭିକ୍ଟୋରିଆ ପୁଲିସ ତୁରନ୍ତ ୨୨ ବର୍ଷୀୟ ଏହି ପ୍ରତିବାଦକାରୀଙ୍କୁ କାବୁ କରି ସେଠାରୁ ବାହାର କରିଦେଇଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ, ହ୍ୟୁଗୋ ଲେନନ ଜଣେ 'ନିଓ-ନାଜି' (ହିଟଲର ସପକ୍ଷବାଦୀ) ସହଯୋଗୀ ଏବଂ ସେ ପୂର୍ବରୁ ମଧ୍ୟ ଅନେକ ପ୍ରବାସୀ ବିରୋଧୀ ଆନ୍ଦୋଳନ ସହ ଜଡିତ ଥିଲେ। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମ୍ପର୍କିତ ସୂଚନା ପୂର୍ବରୁ ପ୍ରସାରିତ ହୋଇଥିବାରୁ ସେ ହୋଟେଲରେ ପହଞ୍ଚିବାରେ ସଫଳ ହୋଇଥିବା ସନ୍ଦେହ କରାଯାଉଛି। ଏହାସହ ପରଦିନ ମେଲବୋର୍ଣ୍ଣର ମାର୍ଭେଲ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ମଧ୍ୟ ଲେନନ ଏବଂ ତାଙ୍କ ସହଯୋଗୀମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲେ। ସେମାନେ 'ଭାରତୀୟ ଆକ୍ରମଣ ବନ୍ଦ କର' ଏବଂ 'ମୋଦୀ ଫେରିଯାଅ' ଭଳି ସ୍ଲୋଗାନ ଲେଖାଥିବା ପୋଷ୍ଟର ଧରି ପ୍ରାୟ୨ ଘଣ୍ଟା ଧରି ବିକ୍ଷୋଭ କରିଥିଲେ। ତେବେ ଷ୍ଟାଡିୟମ ଭିତରେ ଥିବା ଭାରତୀୟ ସମର୍ଥକଙ୍କ ଉତ୍ସାହ ଏବଂ ବାଦ୍ୟଯନ୍ତ୍ରର ଉଚ୍ଚ ସ୍ୱରରେ ପ୍ରତିବାଦକାରୀଙ୍କ ସ୍ୱର ଦବି ଯାଇଥିଲା। ଶେଷରେ ସେମାନେ ସେଠାରୁ ଚାଲିଯିବାକୁ ବାଧ ହୋଇଥିଲେ।

### ଇସ୍ରାଏଲର ବଡ଼ ନିଷ୍ପତ୍ତି

# ଭାରତରେ ପ୍ରସ୍ତୁତ ହେବ ଆଇରନ୍ ଡୋମ୍ ମିସାଇଲ୍



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଭାରତ ଏବଂ ଇସ୍ରାଏଲର ପ୍ରତିରକ୍ଷା ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଇସ୍ରାଏଲର ପ୍ରତିରକ୍ଷା କମ୍ପାନୀ 'ରାଫେଲ୍ ଆଡଭାନ୍ସଡ୍ ପ୍ରତିରକ୍ଷା ପ୍ରଣାଳୀ' ତା'ର ସବୁଠାରୁ ଆଧୁନିକ ଏୟାର ଡିଫେନ୍ସ ସିଷ୍ଟମ 'ଆଇରନ୍ ଡୋମ୍' ପାଇଁ ବ୍ୟବହୃତ ହେଉଥିବା 'ତାମିର' ଇଣ୍ଟରସେପ୍ଟର ମିସାଇଲ୍‌ଗୁଡ଼ିକୁ ଭାରତରେ ମିଳିତ ଭାବେ ନିର୍ମାଣ କରିବା ପାଇଁ ଯୋଜନା କରୁଛି। ଏଥିପାଇଁ କମ୍ପାନୀ କେତେକ ପ୍ରମୁଖ ଭାରତୀୟ ପ୍ରତିରକ୍ଷା ସଂସ୍ଥା ସହିତ ଆଲୋଚନା ଚଳାଇଛି। ବିଶ୍ୱବ୍ୟାପୀ ଚାଲିଥିବା ବିଭିନ୍ନ ଯୁଦ୍ଧ ଓ ସଂଘର୍ଷ କାରଣରୁ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀର ଚାହିଦା ବହୁତ ବଢ଼ିଯାଇଛି। ଭାରତରେ ଏହାର ଉତ୍ପାଦନ ଲାଇନ୍ ପ୍ରତିଷ୍ଠା ହେବା ଦ୍ୱାରା ରାଫେଲ୍ କମ୍ପାନୀର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ ଏବଂ ଅନ୍ୟ ଦେଶକୁ ମିସାଇଲ୍ ରପ୍ତାନି କରିବା ସହଜ ହେବ। ଏହାସହ ଜରୁରୀକାଳୀନ ପରିସ୍ଥିତିରେ ଇସ୍ରାଏଲ୍‌କୁ ମଧ୍ୟ ଅତିରିକ୍ତ ମିସାଇଲ୍ ସହାୟତା ମିଳିପାରିବ। ଏହି ଚୁକ୍ତି ସଫଳ ହେଲେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆହୁରି ମଜବୁତ ହେବ ଏବଂ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତର ସୁନାମ ବୃଦ୍ଧି ପାଇବ। ଇସ୍ରାଏଲ୍ ଏବଂ ଭାରତର ଏହି ନୂତନ ସାମରିକ ସହଭାଗିତା ଦ୍ୱାରା କେବଳ କୌଶଳଗତ ସମ୍ପର୍କ ସୁଦୃଢ଼ ହେବ ନାହିଁ, ବରଂ ଏହା ଭାରତକୁ ବିଶ୍ୱର ଏକ ପ୍ରମୁଖ ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବାରେ ବଡ଼ ସହାୟକ ହେବ।

## ଚେକ୍ ବାଉନ୍ସ ମାମଲାରେ ରାଜପାଲଙ୍କୁ ଜେଲ୍

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ରାଜପାଲ ଯାଦବଙ୍କ ଅଡୁଆ ପୁଣି ବଢ଼ିଛି। ଏକାଧିକ ଚେକ୍ ବାଉନ୍ସ ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନିମ୍ନ ଅଦାଲତ ଦେଇଥିବା ଦଣ୍ଡାଦେଶକୁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ କାଏମ ରଖିଛନ୍ତି। ଏହି ନିଷ୍ପତ୍ତି ପରେ ରାଜପାଲ ଜେଲ୍ ଯିବା ସ୍ପଷ୍ଟ ହୋଇଛି। ରାଜପାଲ ଯାଦବଙ୍କ ଦ୍ୱାରା ଦାୟର ହୋଇଥିବା ପୁନର୍ବିଚାର ପିଟିସନକୁ ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା ଖାରଜ କରିଦେଇଛନ୍ତି। ଅଭିନେତାଙ୍କ ଆଚରଣକୁ ସନ୍ଦେହଜନକ ବୋଲି କହି କୌଣସି ପ୍ରକାରର ପରୀକ୍ଷାମୂଳକ ମୁକ୍ତି ପ୍ରଦାନ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆଇନ ଅନୁଯାୟୀ, ରାଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତାଙ୍କ ବିରୋଧରେ ମୋଟ ୭ଟି ଚେକ୍ ବାଉନ୍ସ ମାମଲାରେ ୩ ମାସ ଜେଲ୍ ଦଣ୍ଡ ଶୁଣାଯାଇଛି। ଜରିମାନା ଅନାଦେୟ ହେଲେ ରାଜପାଲଙ୍କୁ ଅତିରିକ୍ତ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜପାଲ ପୂର୍ବରୁ କୋର୍ଟରେ ୨.୨୫ କୋଟି ଟଙ୍କା ଜମା କରିସାରିଛନ୍ତି। ହାଇକୋର୍ଟ ରାଜପାଲଙ୍କୁ ଏହି ନିର୍ଦ୍ଦେଶ ବିରୋଧରେ ଆବେଦନ କରିବା ପାଇଁ ୨ ମାସର ସମୟ ପ୍ରଦାନ କରିଛନ୍ତି।

## ଦେଢ଼ ବର୍ଷର ଭଣଜାକୁ ହତ୍ୟା: ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ

ଫିରୋଜାବାଦ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲା ଅଦାଲତ ଜଣେ ବ୍ୟକ୍ତିଙ୍କୁ ନିଜର ଦେଢ଼ ବର୍ଷର ଭଣଜାକୁ ଅତି ନିର୍ମମ ଭାବେ ହତ୍ୟା କରିବା ଅପରାଧରେ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜିତେନ୍ଦ୍ର ପାଠକ ଓରଫ୍ ବିରାଜ ନିଜ ଭାଉଜଙ୍କୁ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ଭାଉଜ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ସେ କ୍ରୋଧିତ ହୋଇ ଶିଶୁପୁତ୍ର ଆରଭକୁ ତଳେ କାଟି ହତ୍ୟା କରିଥିଲେ। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ, ଗତ ମେ ୩୦ରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ବିରାଜ ନିଜ ଭ୍ରାତୃବଧୂଙ୍କୁ ବିବାହ କରିବା ପଥରେ ଏହି ଶିଶୁଟିକୁ ବାଧକ ମଣି ସ୍ପଷ୍ଟ ଦିବାଲୋକରେ ତାକୁ ମାରିଦେଇଥିଲେ। ପୁଲିସ ମାତ୍ର ୬ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ସହ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା। ଜିଲ୍ଲା ଓ ରୋ ଜଜ୍ ମାମଲାର ଗୁରୁତ୍ୱକୁ ଦେଖି ଏହି ଐତିହାସିକ ରାୟ ପ୍ରକାଶ କରିଛନ୍ତି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟାଳୟଙ୍କ ଦ୍ରୁତ ବିଚାର ପ୍ରକ୍ରିୟା ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ନିଷ୍ଠୁର ଅପରାଧୀକୁ ଫାଶୀ ଦଣ୍ଡାଦେଶ ମିଳିପାରିଛି।

## ସରକାରୀ ରେକର୍ଡରୁ ହଟିବ 'ଦଳିତ' ଶବ୍ଦ

ଜୟପୁର, ୧୦।୭ (ଏଜେନ୍ସି): ରାଜସ୍ଥାନ ପୁଲିସ ନିଜର ସମସ୍ତ ସରକାରୀ ସଞ୍ଚାର ଏବଂ କାର୍ଯ୍ୟାଳୟ ରେକର୍ଡରେ 'ଦଳିତ' ଶବ୍ଦର ବ୍ୟବହାର ଉପରେ ରୋକ୍ ଲଗାଇଛି। ଏଣିକି ଏହି ଶବ୍ଦ ବଦଳରେ ସାମ୍ବିଧାନିକ ଭାବେ ସ୍ୱୀକୃତିପ୍ରାପ୍ତ ଶବ୍ଦ 'ତଫସିଲଭୁକ୍ତ ଜାତି' କିମ୍ବା 'ଅନୁସୂଚିତ ଜାତି' ବ୍ୟବହାର କରିବାକୁ ସମସ୍ତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ପୁଲିସ ବିଭାଗର ପ୍ରାଥମିକ ଏତଲା, ଚାର୍ଜସିଟ୍, ଗିରଫ ସ୍ମାରକପତ୍ର ଏବଂ ଅନ୍ୟାନ୍ୟ ସରକାରୀ କାଗଜପତ୍ରରେ 'ଦଳିତ' ଶବ୍ଦ ଲେଖାଯାଇପାରିବ ନାହିଁ କିମ୍ବା କୁହାଯାଇପାରିବ ନାହିଁ। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମିଳିଥିବା ଅଭିଯୋଗ ଆଧାରରେ ଏହି କଡ଼ା ନିୟମ ଲାଗୁ କରାଯାଇଛି। 'ଦଳିତ' ଶବ୍ଦଟି ଏକ ସାମାଜିକ-ରାଜନୈତିକ ପରିଚୟ ଭାବେ ବ୍ୟବହାର ହେଉଥିବାବେଳେ, ଆଇନଗତ ଓ ସରକାରୀ ସ୍ତରରେ କେବଳ 'ତଫସିଲଭୁକ୍ତ ଜାତି' ଶବ୍ଦର ବୈଧତା ରହିଥିବାରୁ ଏହି ପଦକ୍ଷେପ ନିଆଯାଇଛି।

## ସ୍ପେନ ଅଗ୍ନିକାଣ୍ଡରେ ୧୧ ମୃତ

ମାଦ୍ରିଦ, ୧୦।୭ (ଏଜେନ୍ସି): ଦକ୍ଷିଣ ସ୍ପେନର ଆଲମେରିଆରେ ଏକ ଭୟାଭୟ ଅଗ୍ନିକାଣ୍ଡରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ପଶ୍ଚିମ ୟୁରୋପରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି ଦୁର୍ଘଟଣା ସ୍ପେନର ସବୁଠାରୁ ମାରାତ୍ମକ ଅଗ୍ନିକାଣ୍ଡ ମଧ୍ୟରୁ ଏକ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଆଲମେରିଆର ସିଏରା ଡି ଲୋସ ଫିଲାବ୍ରେସ୍ ପର୍ବତମାଳା ନିକଟବର୍ତ୍ତୀ ଏକ ଛୋଟ ଗ୍ରାମରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଅନେକ ମୃତଦେହ ସମ୍ପୂର୍ଣ୍ଣ ରୂପେ ପୋଡ଼ିଯାଇଥିବା ଗାଡ଼ି ଭିତରୁ ଉଦ୍ଧାର କରାଯାଇଛି। ଅଗ୍ନିକାଣ୍ଡ ଯୋଗୁଁ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୧୦୦୦ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ଅନେକ ମୁଖ୍ୟ ରାସ୍ତାକୁ ବନ୍ଦ କରିଦିଆଯାଇଛି।

### ୧୯୯୬ ଶ୍ରୀନଗର ହିଂସାକାଣ୍ଡ

# ୬ ହୁରିୟତ ନେତାଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜସିଟ୍



ଶ୍ରୀନଗର, ୧୦।୭ (ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୧୯୯୬ରେ ଶ୍ରୀନଗରରେ ଏକ ଶବଯାତ୍ରା ବେଳେ ହୋଇଥିବା ହିଂସାକାଣ୍ଡ ଏବଂ ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ଘଟଣାରେ ବିଚ୍ଛିନ୍ନତାବାଦୀ ହୁରିୟତ କନଫରେନ୍ସର ୬ ଜଣ ବରିଷ୍ଠ ନେତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ଯେଉଁ ନେତାମାନଙ୍କ ବିରୋଧରେ ଅଭିଯୋଗ ହୋଇଛି ସେମାନେ ହେଲେ ସବିର ଅହମ୍ମଦ ଶାହା, ସୈୟଦ ଅଲି ଶାହା ଗିଲାନି, ଅବଦୁଲ ଗନି ଲୋନେ, ମହମ୍ମଦ ୟାକୁବ ୱାକିଲ ଓରଫ ମହମ୍ମଦ ୟାକୁବ ଭାକିଲ, ଜାଭିଦ ଅହମ୍ମଦ ମୀର ଏବଂ ଶକିଲ ଅହମ୍ମଦ ବକ୍ସି। ଏମାନଙ୍କ ମଧ୍ୟରୁ ଗିଲାନି, ଲୋନେ ଏବଂ ୱାକିଲଙ୍କର ମାମଲାର ତଦନ୍ତ ଚାଲିଥିବା ସମୟରେ ମୃତ୍ୟୁ ହୋଇଛି। ତଥାପି, ତଦନ୍ତ ସମୟରେ ମିଳିଥିବା ପ୍ରମାଣ ଆଧାରରେ ଚାର୍ଜସିଟରେ ସେମାନଙ୍କର ଅପରାଧିକ ଷଡଯନ୍ତ୍ର ଏବଂ ବେଆଇନ ସମାବେଶରେ ଥିବା ଭୂମିକା ବିଷୟରେ ବିସ୍ତୃତ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୧୭ ଜୁଲାଇ ୧୯୯୬ରେ ଶ୍ରୀନଗରର ନାଜ୍ କ୍ରସିଂଠାରେ ନିହତ ଆତଙ୍କବାଦୀ ହିଲାଲ ଅହମ୍ମଦ ବେଗର ଶବଯାତ୍ରା ବାହାରିଥିଲା। ସେହି ସମୟରେ ଏହି ୬ ଜଣ ନେତା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସେଠାରେ ସେମାନେ ପୁଲିସ କର୍ମଚାରୀଙ୍କ ବିରୋଧରେ ହିଂସା ସୃଷ୍ଟି କରିବାକୁ ଲୋକଙ୍କୁ ଉସୁକାଇଥିଲେ। ସେହି ଶୋଭାଯାତ୍ରାରେ ସଶସ୍ତ୍ର ଆତଙ୍କବାଦୀମାନେ ମିଶି ପୁଲିସ ଉପରେ ଆଖିବୁଜା ଗୁଳି ଚାଳନା କରିଥିଲେ। ଫଳରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହାବ୍ୟତୀତ ପ୍ରବଳ ପଥର ମାଡ଼ ଯୋଗୁଁ ସରକାରୀ ଗାଡ଼ିଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏନ୍‌ଆଇଏ କହିଛି ଯେ ଏହି ନେତାମାନେ ଭାରତ-ବିରୋଧୀ, ପାକିସ୍ତାନ ସମର୍ଥକ ଏବଂ ବିଚ୍ଛିନ୍ନତାବାଦୀ ସ୍ଲୋଗାନ ଦେବା ସହ ସଶସ୍ତ୍ର ସଂଗ୍ରାମ ପାଇଁ ଭାଷଣ ଦେଇଥିଲେ। ଏହି ହିଂସାକାଣ୍ଡ ଏକ ପୂର୍ବ ପ୍ରସ୍ତୁତ ଷଡଯନ୍ତ୍ରର ଅଂଶ ଥିଲା। ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ଥିଲା। କେନ୍ଦ୍ର ସରକାରଙ୍କ ବିରୋଧରେ ଜନସମର୍ଥନ ଏକାଠି କରିବା ଏବଂ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିବା ଯୋଜନା ରହିଥିଲା। ଏବେ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଧାରା ସହିତ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି।

### ଅଯୋଧ୍ୟା ରାମ ମନ୍ଦିର ଦାନ ଦୁର୍ନୀତି ମାମଲା

# ଜୁଲାଇ ୧୩ରେ ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ପାଇଁ ସଂଗୃହିତ ଦାନ ଚୋରି ଅଭିଯୋଗର ଏକ ନିରପେକ୍ଷ ତଥା ସମୟୋପଯୁକ୍ତ ତଦନ୍ତ ଦାବିରେ ଦାୟର ହୋଇଥିବା ଏକାଧିକ ଆବେଦନର ଶୁଣାଣି ଆସନ୍ତା ଜୁଲାଇ ୧୩ରେ ସୁପ୍ରିମକୋର୍ଟରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଏହି ପ୍ରସଙ୍ଗରେ ମୋଟ ୩ଟି ପ୍ରମୁଖ ଆବେଦନ ଦାଖଲ କରାଯାଇଛି। ପ୍ରଥମତଃ ଆବେଦନକାରୀ ନରେନ୍ଦ୍ର କୁମାର ଗୋସ୍ୱାମୀ ଏହି ଘଟଣାର ସିବିଆଇ ତଦନ୍ତ ସହ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆର୍ଥିକ କାରବାରର ସିଏଜି ଅଡିଟ୍ ପାଇଁ ଦାବି କରିଛନ୍ତି। ଦ୍ୱିତୀୟରେ ଆରଜେଡି ସାଂସଦ ସୁଧାକର ସିଂ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମସ୍ତ ଆର୍ଥିକ କାରବାରର ଫୋରେନ୍ସିକ ଅଡିଟ୍ ପାଇଁ ଆବେଦନ କରିଛନ୍ତି। ତୃତୀୟରେ ଅଜୟ କୁମାର ରାୟ ଏବଂ ଦିନେଶ କୁମାର ଯାଦବ ନାମକ ଦୁଇଜଣ ଆଇନଜୀବୀ ସିବିଆଇ ନେତୃତ୍ୱରେ ଏକ ବହୁମୁଖୀ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ଅନିୟମିତତାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହେବା ପରେ, ଗତ ଜୁନ୍ ୧୩ରେ ଉତ୍ତରପ୍ରଦେଶ ସରକାର ଏକ ଏସଆଇଟି ଗଠନ କରିଥିଲେ। ଏହି ଦଳରେ ଲକ୍ଷ୍ନୌ ବିଭାଗୀୟ କମିଶନର ବିଜୟ ବିଶ୍ୱାସ ପନ୍ଥ, ଆଇଜି କିରଣ ଏସ୍. ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନୀଲ ରତନ ସାମିଲ ଅଛନ୍ତି। ତେବେ ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ, ଏହି ଘଟଣା ସହିତ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଜଡ଼ିତ ଥିବାରୁ ଏକ ପେସାଦାର ଏବଂ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ମନ୍ଦିରକୁ ମିଳିଥିବା ଦାନ ଚୋରି ମାମଲାରେ ପୂର୍ବରୁ ୮ ଜଣଙ୍କୁ ଗିରଫ କରାଯାଇ ଜୁନ୍ ୨୯ରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଏହାପରେ ଗତ ଜୁଲାଇ ୭ରେ ଅଯୋଧ୍ୟା ଅଦାଲତ ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର ଏବଂ କରୁଣେଶ ପାଣ୍ଡେଙ୍କ ସମେତ ତିନିଜଣ ଅଭିଯୁକ୍ତଙ୍କୁ ଦିନିକିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି।

## ଶିଶୁ ଯୌନ ନିର୍ଯାତନା ଖବର ଲୁଚାଇବା ଅପରାଧ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଶିଶୁ ଯୌନ ନିର୍ଯାତନା ମାମଲାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ କୌଣସି ଶିଶୁଠାରୁ ଯୌନ ନିର୍ଯାତନା ସମ୍ପର୍କିତ ସିଧାସଳଖ ଅଭିଯୋଗ ପାଇବା ପରେ କୌଣସି ବ୍ୟକ୍ତି ନିଜ ସ୍ତରରେ ବେସରକାରୀ ତଦନ୍ତ କରି ପୁଲିସକୁ ସୂଚନା ନଦେଇ ରହିପାରିବେ ନାହିଁ। ଏହା ସହିତ ସୁପ୍ରିମକୋର୍ଟ ଆସାମର ଗୁଆହାଟୀସ୍ଥିତ ଏକ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅପରାଧିକ ମାମଲା ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ମନୋଜ ମିଶ୍ର ଏବଂ ବିଚାରପତି କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ନିମ୍ନ ଅଦାଲତ ଏବଂ ଗୁଆହାଟୀ ହାଇକୋର୍ଟଙ୍କ ପୂର୍ବ ଆଦେଶକୁ ରଦ୍ଦ କରିଦେଇଛନ୍ତି, ଯେଉଁଥିରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦୋଷମୁକ୍ତ କରାଯାଇଥିଲା। ପକ୍ସୋ ଆଇନର ଅନୁଯାୟୀ, ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ପୀଡ଼ିତ ଶିଶୁଠାରୁ ମିଳିଥିବା ସିଧାସଳଖ ଓ ବିଶ୍ୱାସଯୋଗ୍ୟ ସୂଚନା ଥାଏ, ତେବେ ତାହାକୁ ଅପରାଧର ଜ୍ଞାନ ବୋଲି ଧରାଯିବ ଏବଂ ଏଥିପାଇଁ ପୁଲିସକୁ ଜଣାଇବା ବାଧ୍ୟତାମୂଳକ ଅଟେ। ଏହି ଘଟଣାଟି ଜଣେ ୮ ବର୍ଷର ଛାତ୍ରୀଙ୍କ ସହ ଜଣେ ବରିଷ୍ଠ ଛାତ୍ରଙ୍କ ଦ୍ୱାରା ହୋଇଥିବା ଯୌନ ନିର୍ଯାତନା ସହିତ ଜଡ଼ିତ। ପୀଡ଼ିତା ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ସେ ପୁଲିସକୁ ନଜଣାଇ ନିଜେ ତଦନ୍ତ କରିଥିଲେ ଏବଂ 'କିଛି ଘଟିନାହିଁ' ବୋଲି କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରିଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପକ୍ସୋ ଆଇନରେ ନିଜ ସ୍ତରରେ ସତ୍ୟାସତ୍ୟ ଜାଣିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଭଳି ବେସରକାରୀ ତଦନ୍ତ ଦ୍ୱାରା ପ୍ରମାଣ ନଷ୍ଟ ହେବାର ଆଶଙ୍କା ଥାଏ, ଯାହା ଆଇନର ମୂଳ ଉଦ୍ଦେଶ୍ୟକୁ ବ୍ୟାହତ କରେ। ସୁପ୍ରିମକୋର୍ଟ କେବଳ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲାକୁ କାୟମ ରଖିଛନ୍ତି, କାରଣ ସେ ପୀଡ଼ିତାଙ୍କଠାରୁ ସିଧାସଳଖ ଅଭିଯୋଗ ପାଇଥିଲେ।

### ଶୀର୍ଷ ନେତୃତ୍ୱରେ ଶୂନ୍ୟତା

## ଇରାନର ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ତେହରାନ, ୧୦।୭ (ଏଜେନ୍ସି): ଇରାନର ଶୀର୍ଷ ଶାସନ ବ୍ୟବସ୍ଥାରେ ଏକ ବଡ଼ ଧରଣର ଶୂନ୍ୟତା ପ୍ରକାଶ ପାଇଛି। ଦେଶର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇ ଦୀର୍ଘ ସମୟ ଧରି ଅନୁପସ୍ଥିତ ରହିବା ଯୋଗୁଁ ଶାସନ ଗଦିରେ ସଙ୍କଟ ଦେଖାଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଆଭ୍ୟନ୍ତରୀଣ ଅଶାନ୍ତି ଚଳିତ ସପ୍ତାହରେ ସାର୍ବଜନୀନ ଭାବେ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କୁ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେମାନଙ୍କୁ ଉପହାସ କରାଯିବା ସହ ହଇରାଣ ହରକତ କରାଯାଇଥିବା ଦେଖିବାକୁ ମିଳିଛି। ସର୍ବୋଚ୍ଚ ନେତାଙ୍କ ଅନୁପସ୍ଥିତି ଏବଂ ଶୀର୍ଷ ନେତାଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ଇରାନ ଶାସନ କଳ ମଧ୍ୟରେ ଥିବା ବିବାଦ ଓ ବିଶୃଙ୍ଖଳାକୁ ସ୍ପଷ୍ଟ କରୁଛି। ଏହି ପରିସ୍ଥିତି ଆଗାମୀ ଦିନରେ ଇରାନର ରାଜନୀତିକୁ କେଉଁ ମୋଡ଼ ଦେବ, ସେ ନେଇ ଅନ୍ତର୍ଜାତୀୟ ସ୍ତରରେ ନଜର ରଖାଯାଇଛି।

## କେରଳରେ ସର୍ବନିମ୍ନ ସ୍ତରକୁ ଖସିଲା ଜନ୍ମ ହାର

ତିରୁଅନନ୍ତପୁରମ୍, ୧୦।୭ (ଏଜେନ୍ସି): କେରଳର ସାଧାରଣ ଜନ୍ମ ହାର ଇତିହାସରେ ପ୍ରଥମ ଥର ପାଇଁ ଏକକ ଅଙ୍କକୁ ଖସି ଆସିଛି, ଯାହା ରାଜ୍ୟରେ ଏକ ଆସନ୍ନ ଜନସଂଖ୍ୟା ସଙ୍କଟ ଆଡ଼କୁ ସଙ୍କେତ କରୁଛି। ରାଜ୍ୟ ଅର୍ଥନୀତି ଏବଂ ପରିସଂଖ୍ୟାନ ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୪ ମସିହାର ସାଂଖ୍ୟିକ ରିପୋର୍ଟରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଜନ୍ମ ହାର ୧୧.୦୬ ଥିବାବେଳେ ୨୦୨୪ରେ ଏହା ୯.୬୪କୁ ହ୍ରାସ ପାଇଛି। ସେହିପରି ପଞ୍ଜିକୃତ ଜୀବିତ ଜନ୍ମ ସଂଖ୍ୟା ପ୍ରାୟ ୩ ଲକ୍ଷ ୯୩ ହଜାରରୁ ୩ ଲକ୍ଷ ୪୪ ହଜାରକୁ କମିଯାଇଛି। କରୋନା ମହାମାରୀ ପରବର୍ତ୍ତୀ ବର୍ଷ ଅର୍ଥାତ ୨୦୨୨ରେ ଏଥିରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ବର୍ଷରେ ଏହା ଦ୍ରୁତ ଗତିରେ ହ୍ରାସ ପାଇଛି। ଆଞ୍ଚଳିକ ସ୍ତରରେ ଆଲାପୁଝା ଜିଲ୍ଲାରେ ସବୁଠାରୁ କମ୍ ଜନ୍ମ ହାର ରେକର୍ଡ କରାଯାଇଥିବା ବେଳେ ଉତ୍ତର କେରଳର ମାଲାପୁରମରେ ଏହା ସବୁଠାରୁ ଅଧିକ ରହିଛି।

## ଲରେନ୍ସ ଗ୍ୟାଙ୍ଗ୍ ନାମରେ ଆମେରିକାର ଚାର୍ଜସିଟ୍

ୱାସିଂଟନ, ୧୦।୭ (ଏଜେନ୍ସି): ଭାରତୀୟ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ତା'ର ସହଯୋଗୀମାନଙ୍କ ବିରୋଧରେ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ ଏକ ବଡ଼ ଚାର୍ଜସିଟ୍ ଦାଖଲ କରାଯାଇଛି। ଆମେରିକାର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ୨୦୧୫ ମସିହାରୁ ଭାରତୀୟ ଜେଲ୍‌ରେ ଥାଇ ମଧ୍ୟ ବିଷ୍ଣୋଇ ବେଆଇନ ମୋବାଇଲ୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସାରା ବିଶ୍ୱରେ ନିଜର ଅପରାଧିକ ସାମ୍ରାଜ୍ୟ ଚଳାଉଥିଲା। ଏହି ଗ୍ୟାଙ୍ଗଷ୍ଟର ବିରୋଧରେ ହତ୍ୟା, ଜବରଦସ୍ତ ଚାନ୍ଦା ଆଦାୟ, ସ୍ମଗଲିଂ ଏବଂ ମାଦକ ଦ୍ରବ୍ୟ କାରବାର ଭଳି ଅନେକ ସଂଗୀନ ଅଭିଯୋଗ ଆଣିଛି ଆମେରିକା। ଚାର୍ଜସିଟ୍ ଅନୁଯାୟୀ, କାନାଡାରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜରର ହତ୍ୟା ପଛରେ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର୍‌ର ହାତ ରହିଛି। ଏହା ବ୍ୟତୀତ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ମଧ୍ୟ ଏହି ଗ୍ୟାଙ୍ଗ୍ ନିଜେ ଦାୟିତ୍ୱ ନେଇଥିଲା। ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ବାରମ୍ବାର ଧମକ ଦେବା ଏବଂ ଗାୟକ ଗିପ୍ପି ଗ୍ରେୱାଲଙ୍କ ଘର ଉପରକୁ ଗୁଳିମାଡ଼ କରିବା ଭଳି ଘଟଣାକୁ ନେଇ ଆମେରିକା ପୁଲିସ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ 'ଆନ୍ତର୍ଜାତୀୟ ଅପରାଧିକ ସଂଗଠନ' ଭାବେ ଘୋଷଣା କରିଛି।

## ଆମେରିକାରେ ସଡ଼କ ଦୁର୍ଘଟଣା: ଭାରତୀୟ ଛାତ୍ରୀ ମୃତ

ନ୍ୟୁୟର୍କ, ୧୦।୭ (ଏଜେନ୍ସି): ଆମେରିକାର ନ୍ୟୁୟର୍କରେ ସଡ଼କ ଦୁର୍ଘଟଣାରେ ପ୍ରସନ୍ନା ଆଟଲୁରୀ ନାମକ ଜଣେ ୨୫ ବର୍ଷୀୟା ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ପ୍ରସନ୍ନା ନିକଟରେ ପେସ୍ ୟୁନିଭର୍ସିଟିରୁ ପାଠପଢ଼ା ଶେଷ କରି ଚାକିରି ଖୋଜୁଥିଲେ। ଗତ ଜୁଲାଇ ୫ରେ ସେ ନିଜ ସାଙ୍ଗମାନଙ୍କ ସହ କାର୍‌ରେ ମନ୍ଦିର ଯାଉଥିବା ବେଳେ ଏକ ଟ୍ରାଫିକ୍ ସିଗନାଲ୍‌ରେ ଅଟକିଥିଲେ। ଏହି ସମୟରେ ପଛପଟୁ ଏକ ଦ୍ରୁତଗାମୀ ଗାଡ଼ି ସେମାନଙ୍କ କାର୍‌କୁ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ପ୍ରସନ୍ନାଙ୍କ ସହ ଅନ୍ୟ ଜଣେ ମହିଳାଙ୍କର ମଧ୍ୟ ମୃତ୍ୟୁ ହୋଇଛି ଏବଂ ଆଉ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରସନ୍ନା ଆନ୍ଧ୍ରପ୍ରଦେଶର ଏନଟିଆର ଜିଲ୍ଲା ଇବ୍ରାହିମପଟନମ ମଣ୍ଡଳର ଏକ ସାଧାରଣ ଚାଷୀ ପରିବାରର ଝିଅ ଥିଲେ। ଏହି ଦୁଃଖଦ ଖବର ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି।

### ସୁପ୍ରିମକୋର୍ଟରେ ଆବେଦନକାରୀଙ୍କ ତୁମୁଳକାଣ୍ଡ

# ବିଚାରପତିଙ୍କ ଉପରକୁ କାଗଜ ଫୋପାଡ଼ି ଗାଳିଗୁଲଜ



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ସୁପ୍ରିମକୋର୍ଟରେ ଶୁକ୍ରବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ମାମଲାର ଶୁଣାଣି ବେଳେ ଆବେଦନକାରୀ ଜଣକ ବିଚାରପତିଙ୍କ ଉପରକୁ ଦଲିଲ ଫିଙ୍ଗିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଘଟଣା ଅନୁଯାୟୀ, ଜଷ୍ଟିସ କେ.ଭି. ବିଶ୍ୱନାଥନ୍ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠରେ ଆଲାହାବାଦ ହାଇକୋର୍ଟଙ୍କ ଏକ ନିଷ୍ପତ୍ତି ବିରୋଧରେ ଦାୟର ହୋଇଥିବା ଆବେଦନର ଶୁଣାଣି ହେଉଥିଲା। ଏହି ସମୟରେ କୋର୍ଟରେ ଆବେଦନକାରୀ ଜଣକ ଅତ୍ୟନ୍ତ ଅସଭ୍ୟ ଭାବେ ନିଜର ପକ୍ଷ ରଖିଥିଲେ। ସେ ବିଚାରପତିଙ୍କୁ, 'ହେ ନ୍ୟାୟିକ ସେବକ, ମୁଁ ତୁମକୁ ଆଦେଶ ଦେଉଛି ଯେ ଲକ୍ଷ୍ନୌର ଏସିପିଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଅ' ବୋଲି କହିଥିଲେ। ଏଭଳି ଆଚରଣରେ ଆଶ୍ଚର୍ଯ୍ୟ ପ୍ରକଟ କରି ଜଷ୍ଟିସ ବିଶ୍ୱନାଥନ୍ ପ୍ରଶ୍ନ କରିଥିଲେ, 'ଆପଣ କଣ ଆମକୁ ଆଦେଶ ଦେଉଛନ୍ତି' ଏହାପରେ ପରିସ୍ଥିତି ଅଧିକ ଜଟିଳ ହୋଇଥିଲା। ଆବେଦନକାରୀ ଜଣକ ନିଜ ହାତରେ ଥିବା କେସ୍ ସମ୍ବନ୍ଧୀୟ କାଗଜପତ୍ରଗୁଡ଼ିକୁ ଶୂନ୍ୟରେ ଫିଙ୍ଗିବା ସହ ମୁଖ୍ୟ ବିଚାରପତିଙ୍କ ବିରୋଧରେ ଅତ୍ୟନ୍ତ ଅପଶବ୍ଦ ବ୍ୟବହାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ସେହି ସମୟରେ ଖଣ୍ଡପୀଠରେ ଉପସ୍ଥିତ ନଥିଲେ। କିନ୍ତୁ ଏହି ହଟ୍ଟଗୋଳ ପରେ ସୁରକ୍ଷାକର୍ମୀମାନେ ତୁରନ୍ତ ଆବେଦନକାରୀଙ୍କୁ କୋର୍ଟରୁମରୁ ବାହାର କରିଦେଇଥିଲେ। ସମ୍ପୃକ୍ତ ଆବେଦନକାରୀଙ୍କ ପରିଚୟ ଏବଂ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ଡିସେମ୍ବରରେ ବାଂଲାଦେଶ କୋର୍ଟରେ ଆତ୍ମସମର୍ପଣ କରିବେ ଶେଖ ହସିନା



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଶୁକ୍ରବାର ସ୍ୱଦେଶ ଫେରିବାକୁ ଘୋଷଣା କରିଛନ୍ତି। ସେ ଏବଂ ତାଙ୍କ ଦଳ 'ଆୱାମୀ ଲିଗ୍'ର ବରିଷ୍ଠ ନେତାମାନେ ଆସନ୍ତା ଡିସେମ୍ବର ମାସରେ ସ୍ୱଦେଶ ଫେରିବେ ଏବଂ ସେଠାକାର କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ସୂଚନା ମିଳିଛି। ନିଜ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସେ ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ୨୦୨୪ ଅଗଷ୍ଟ ୫ରେ ଏକ ବ୍ୟାପକ ଛାତ୍ର ଆନ୍ଦୋଳନ ପରେ ଶେଖ ହସିନା ବାଂଲାଦେଶ ଛାଡ଼ି ଭାରତରେ ଶରଣ ନେଇଥିଲେ। ସେବେଠାରୁ ସେ ଭାରତରେ ନିର୍ବାସିତ ଜୀବନ ବିତାଉଛନ୍ତି। ଗତ ନଭେମ୍ବର ୨୦୨୫ରେ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ଏକ ସାକ୍ଷାତକାରରେ ୭୮ ବର୍ଷୀୟା ଏହି ନେତ୍ରୀ କହିଛନ୍ତି ଯେ ଗିରଫ କିମ୍ବା ତାଙ୍କ ହତ୍ୟାର ପ୍ରବଳ ସମ୍ଭାବନା ଥିଲେ ମଧ୍ୟ ତାଙ୍କୁ ସ୍ୱଦେଶ ଫେରିବାକୁ ହେବ।

# ୧୪ରେ ସବୁ ସହରାଞ୍ଚଳରେ 'ନମସ୍ତେ ଦିବସ'

ଭୁବନେଶ୍ୱର, ୧୦।୭(ସମିସ): ସଫେଇ ମିତ୍ରଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ଯାନ୍ତ୍ରିକ ଓ ନିରାପଦ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଚଳିତ ମାସ ଆସନ୍ତା ୧୪ ତାରିଖରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ରେ "ନମସ୍ତେ ଦିବସ' ପାଳନ କରାଯିବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ଏନ୍‌ଏସିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଭାରତ ସରକାରଙ୍କ ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ସ୍ଥାନୀୟ ସଂସ୍ଥାକୁ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ।

# ରାକ୍ଷୀ ପୂର୍ଣ୍ଣିମାରେ 'ସୁଭଦ୍ରା' ୫ମ କିସ୍ତି ବିତରଣ

ଭୁବନେଶ୍ୱର, ୧୦।୭ (ସମିସ): ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ୫ମ କିସ୍ତି ବିତରଣର ପ୍ରସ୍ତୁତି ସମୀକ୍ଷା ବୈଠକ ହୋଇଛି। ଜୁଲାଇ ୨୫ ସୁଦ୍ଧା ଯୋଜନା ଅଧୀନରେ ଅବଶିଷ୍ଟ ସମସ୍ତ ଆବେଦନର ଯାଞ୍ଚ, ଯୋଗ୍ୟତା ନିର୍ଦ୍ଧାରଣ ଓ ବ୍ୟାଙ୍କ ଲିଙ୍କ୍ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧,୧୫,୭୫,୬୩୩ଟି ଆବେଦନ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩,୧୭,୯୬୬ଟି ନୂତନ ଆବେଦନ ପ୍ରାପ୍ତ ହୋଇଛି। ସମସ୍ତ ଯାଞ୍ଚ ଓ ଯୋଗ୍ୟତା ନିର୍ଣ୍ଣୟ ପରେ ୧,୦୨,୦୪,୩୯୬ ଜଣ ସମ୍ଭାବ୍ୟ ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚରେ ମୃତ୍ୟୁ ନିଶ୍ଚିତ ହୋଇଥିବା ୫,୨୭୭ ଜଣ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ୧,୦୧,୯୯,୧୧୯ ଜଣଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏହି କ୍ରମରେ ସମସ୍ତ ନୂଆ ଆବେଦନର ଯାଞ୍ଚ ଓ ନିଷ୍ପତ୍ତି ପ୍ରକ୍ରିୟାକୁ ଆସନ୍ତା ୨୫ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘୂର୍ଣ୍ଣିବଳୟ ସକ୍ରିୟ; ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୦।୭ (ସମିସ): ଗାଙ୍ଗେୟ ଉପତ୍ୟକା ଓ ଏହାର ପାର୍ଶ୍ୱବର୍ତ୍ତୀ ବାଙ୍ଗଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସମୁଦ୍ରପତନ ଠାରୁ ୪.୫ ରୁ ୪.୮ କିମି ଉଚ୍ଚତାରେ ସକ୍ରିୟ ରହିଛି। ଏହାପ୍ରଭାବରେ ଶୁକ୍ରବାର ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଛି। ବିଶେଷ କରି ଭୁବନେଶ୍ୱରରେ ସନ୍ଧ୍ୟାରେ ପ୍ରବଳ ବର୍ଷା ହୋଇଥିବା ବେଳ ଏହି ଧାରା ଆହୁରି ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହା ସହ ଆଗାମୀ ୧୩ ରୁ ଅନ୍ୟ ଏକ ଘୂର୍ଣ୍ଣିବଳୟ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ। ଏହାଦ୍ୱାରା ମୌସୁମୀ ଅଧିକ ସକ୍ରିୟ ହେବ ଓ ପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି।

ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଶନିବାର କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୁରଭଞ୍ଜ ଜିଲ୍ଲାକୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ୧୬ ତାରିଖ ଯାଏ ରାଜ୍ୟରେ କିଛି କିଛି ଅଞ୍ଚଳରେ ବର୍ଷା ସହ ପ୍ରବଳ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। ୧୩ ପରେ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ଟି ସ୍ଥାନରେ ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ ଗୁରୁଣ୍ଡିଆରେ ବର୍ଷା ୭୧ ମିମି ରେକର୍ଡ ହୋଇଛି। ମୌସୁମୀ ଋତୁରେ ଏଯାବତ ୬ ଟି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅତ୍ୟଧିକ ବର୍ଷା ରେକର୍ଡର୍ କରାଯାଇଥିବା ବେଳେ ୫ ଜିଲ୍ଲାରେ ଅଧିକା ବର୍ଷା ହୋଇଛି। ୧୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୪ ଜିଲାରେ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ମୟୂରଭଞ୍ଜ ,ବାଲେଶ୍ୱର, ଦେବଗଡ ଓ ସମ୍ବଲପୁରରେ ବର୍ଷାର ପରିମାଣ ନିଅଣ୍ଟିଆ ରହିଥିବା ପାଣିପାଗ କେନ୍ଦ୍ର କହିଛି।



କଟକ ଯୋବ୍ରା ବ୍ୟାରେଜ ନିକଟରେ ମହାନଦୀର ବନ୍ୟାଜଳ

ସମ୍ବଲପୁର, ୧୦।୭ (ସମିସ): ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ଓ ଅନ୍ୟ ଡ୍ୟାମ୍‌ର ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇଛି। ଗୁରୁବାର ଜଳସ୍ତର ୬୧୫ ଫୁଟ୍‌ରେ ପହଞ୍ଚିଥିବାବେଳେ ପୂର୍ବାହ୍ଣ ସାଢ଼େ ୧୧ଟାରେ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲାଯାଇ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲାଯାଇଥିଲା। ମୋଟ ୧୦ଟି ଗେଟ୍ ଦେଇ ପ୍ରାୟ ଦେଢ଼ ଲକ୍ଷ କ୍ୟୁସେକ୍ ଜଳ ମହାନଦୀକୁ ଛଡ଼ାଯାଉଥିଲା। ମହାନଦୀରେ ଏହି ଜଳ ୧୮ ଘଣ୍ଟା ମଧ୍ୟରେ ସୁବର୍ଣ୍ଣପୁର ଓ ପରେ ବୌଦ୍ଧ ଜିଲ୍ଲାକୁ ପହଞ୍ଚିଛି। ଶୁଖିଲା ପଡ଼ି ରହିଥିବା ମହାନଦୀ ଏବେ ବିଭିନ୍ନ ସ୍ଥାନରେ ଫୁଲିଉଠୁଛି। ତେବେ ସମ୍ପ୍ରତି ବର୍ଷା ପରିମାଣ ହ୍ରାସ ପାଇଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହେବାର କୌଣସି ଆଶଙ୍କା ନ ଥିବା ଜଣାପଡ଼ିଛି। ଏହି ବନ୍ୟାଜଳ ମୁଣ୍ଡଳୀରେ ପହଞ୍ଚିବା ପାଇଁ ପ୍ରାୟ ୩୬ ଘଣ୍ଟା ସମୟ ଲାଗିବ। ସେତେବେଳକୁ ସେଠାରେ ଜଳସ୍ତର ଯଥେଷ୍ଟ କମି ଯାଇଥିବ। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ହୀରାକୁଦ ମୁଖ୍ୟବନ୍ଧ ତଥା ଅପର ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି। ଆଜି ସନ୍ଧ୍ୟା ସାଢ଼େ ୬ଟା ସମୟରେ ଆଉ ୨ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ମୋଟ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୩ ଫୁଟ ରହିଛି। ନଦୀବନ୍ଧର ବାମପଟର ୭ଟି ଓ ଡାହାଣ ପଟର ୩ଟି ଏହିପରି ୧୦ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୧,୯୫୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୮୦,୩୪୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାର ମଧ୍ୟକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବାପରେ ଆଜି ସନ୍ଧ୍ୟା ସାଢ଼େ ୬ଟା ସମୟରେ ଆଉ ୨ଟି ଗେଟ୍ ବନ୍ଦ କରିଦିଆଯାଇଛି।

## ବିରୋଧୀ ଦଳ ନେତାଙ୍କ ଡିପ୍‌ଫେକ୍ ଭିଡିଓ

# 'ସୋସିଆଲ ଟକ୍' ନାଁରେ ବିଜେଡିର ଏତଲା



ଭୁବନେଶ୍ୱର, ୧୦।୭ (ସମିସ): 'ସୋସିଆଲ ଟକ୍' ନାମକ ଏକ ପେଜ୍‌ରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ ଅପଲୋଡ୍ ହେଉଛି। ଅତ୍ୟନ୍ତ ମାନହାନୀକାରୀ ଓ ବ୍ୟକ୍ତିଗତ ସମ୍ମାନକୁ ହାନି ଉଦ୍ଦେଶ୍ୟରେ ପ୍ରସାରିତ ଏହି ଭିଡ଼ିଓଗୁଡ଼ିକୁ ତୁରନ୍ତ ଅପସାରଣ ଓ ଏହାକୁ ପ୍ରସ୍ତୁତ କରିଥିବା ସୋସିଆଲ ଟକ୍ ନାମକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଜବତ ପାଇଁ ଦାବି କରିଛି ବିଜେଡି। ପ୍ରୀତି ପ୍ରକାଶ ନାୟକ ନାମକ ଜଣେ ବ୍ୟକ୍ତି ଏହି ଭିଡ଼ିଓ ପ୍ରସ୍ତୁତ କରିଥିବା ଅଭିଯୋଗ କରି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ୟାପିଟାଲ ଥାନାରେ ଦଳ ପକ୍ଷରୁ ଏତଲା ଦିଆଯାଇଛି।

### ଭ୍ରମାତ୍ମକ ଭିଡିଓ ପ୍ରସ୍ତୁତକର୍ତ୍ତା ପ୍ରୀତିପ୍ରକାଶଙ୍କୁ ଗିରଫ ଦାବି

### ବିଜେପି ଇଙ୍ଗିତରେ ବିଜେଡି ବିରୋଧରେ ହେଉଛି ଷଡ଼ଯନ୍ତ୍ର

ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ ତତ୍‌କାଳୀନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ନେଇ ପ୍ରସ୍ତୁତ ଏହି ଡ଼ିପ୍‌ଫେ୍ ଭିଡ଼ିଓକୁ ପ୍ରୀତିପ୍ରକାଶ ନାୟକ ତାଙ୍କ ସୋସିଆଲ ଟକ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ କରିଛନ୍ତି। ଏଥିରେ ବାରମ୍ବାର ଅପମାନଜନକ ଶବ୍ଦ ବ୍ୟବହାର କରାଯିବା ସହ ଏଆଇ ପ୍ରସ୍ତୁତ୍ ହୀନ ମାନସିକତାର ଛବି ପ୍ରସ୍ତୁତ କରାଯାଇଛି। ଏହି ଭିଡ଼ିଓ ପ୍ରସ୍ତୁତି ପଛରେ ବିଜେପିର ପ୍ରୋତ୍ସାହନ ଥିବା ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡିପଫେକ୍ ଭିଡିଓ କରି ସୋସିଆଲ ମିଡିଆରେ ପ୍ରଚାର ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ କରିଥିବା ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଜେପି ସରକାର ଦୁଇ ବର୍ଷ ହେବ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରି ନପାରି ସବୁଠି ନିନ୍ଦିତ ହେଉଛି। ମାତ୍ର ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବନ୍ଦିତ କରିଛି। ଫଳରେ ବିଜେପି ଦଳ ଅସହିଷ୍ଣୁ ହୋଇ ଏହିପରି କାର୍ଯ୍ୟ କରୁଛି। ଜନସାଧାରଣଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ ଏପରି ଭିଡ଼ିଓ ପ୍ରସ୍ତୁତ କରାଯାଇଛି। ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ପୂର୍ବରୁ ମଧ୍ୟ ଏଭଳି ଡିଫାମେଟରି କଣ୍ଟେଣ୍ଟ ପାଇଁ ବିଭାଗୀୟ ମାମଲା (କେସ୍ ନମ୍ବର ୧୪୬/୨୦୨୩) ସମ୍ମୁଖୀନ ହୋଇଛନ୍ତି। ବିଜେପି ସମର୍ଥନରେ ସୋସିଆଲ ମିଡିଆରେ ସେ ଏହିପରି କାର୍ଯ୍ୟ ଅଭ୍ୟାସଗତ ଭାବେ ବାରାମ୍ବାର କରୁଛନ୍ତି। ଭୂକମ୍ପ ପ୍ରଭାବିତ ଭେନିଜୁଏଲା ଅଞ୍ଚଳକୁ ଭିକେ ପାଣ୍ଡିଆନ ପରିଦର୍ଶନକୁ ବିଦ୍ରୂପ ଭାବେ ଉପସ୍ଥାପନ କରାଯାଇଛି। ଆକ୍ରୋଶ ମୂଳକ ଭାବେ ଅପଶବ୍ଦ ପ୍ରୟୋଗ କରି ତାଙ୍କ ସମ୍ମାନ ନଷ୍ଟ କରିବାକୁ ପ୍ରୟାସ କରାଯାଇଛି। ଭିଡିଓ ପ୍ରସ୍ତୁତକାରୀ, ସେୟାର, ରି-ପୋଷ୍ଟ କିମ୍ବା ଅନ୍ୟ ଭାବେ ପ୍ରଚାର କରିଥିବା ଅନ୍ୟ କୌଣସି ବ୍ୟକ୍ତି, ପେଜ୍ କିମ୍ବା ଆକାଉଣ୍ଟ୍ ମଧ୍ୟ ସମାନ ଭାବେ ଦାୟୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ତେଣୁ ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକଙ୍କ ବିରୋଧରେ ମାମଲା ରୁଜୁ କରି, ଇନଷ୍ଟାଗ୍ରାମ ଆକାଉଣ୍ଟ୍ ଜବତ କରି ପରୀକ୍ଷଣ କରିବା, ଉକ୍ତ ଭିଡିଓକୁ ଅପସାରଣ କରିବା, ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ କରି ପ୍ରଚାର କରିଥିବା ଅନ୍ୟ ଆକାଉଣ୍ଟ୍ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ବିଜେଡିର ଏହି ଟିମ୍‌ରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ସ୍ନେହାଶିଷ ଜେନା, ଏମ୍‌ଡି ସହିଦୁଲ୍ଲା, ପ୍ରତୀକ ଦାଶ, ଶୁଭମ ଶୁଭଦର୍ଶୀ ଖଟୁଆ, ମଳୟ ସାହୁ, ପ୍ରତ୍ୟୁଷ ଜେନା, ଚିତ୍ତରଞ୍ଜନ ଦାସ, ଦୀପକ ହୋତା, ପ୍ରିୟାଂଶୁ ସାହୁ, ଇସ୍କନ ନାୟକ ଓ ଆଶୁତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନଙ୍କୁ ଭେଟିଲେ ଚୌଦ୍ୱାର ମୁନିସିପାଲିଟିର ଅଧ୍ୟକ୍ଷା ଓ କାଉନସିଲର



ଭୁବନେଶ୍ୱର, ୧୦।୭ (ସମିସ): ଚୌଦ୍ୱାର ମୁନିସିପାଲିଟିର ଅଧ୍ୟକ୍ଷା ମାନସୀ ସାମଲ ଓ ବିଜେଡିର କାଉନସିଲରମାନେ ଆଜି ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ଏକଜୁଟ ହୋଇ ଲୋକଙ୍କ ସେବା ଜାରି ରଖିବାକୁ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ସ୍ମୃତି ଚାରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚୌଦ୍ୱାର ସହ ବିଜୁ ବାବୁଙ୍କର ଆବେଗିକ ସମ୍ପର୍କ ରହିଥିଲା ଓ ଚୌଦ୍ୱାର ବିକାଶରେ ବିଜୁ ବାବୁଙ୍କର ବିଶେଷ ଅବଦାନ ଥିଲା। ତେଣୁ ଚୌଦ୍ୱାରର ସ୍ୱାଭିମାନ ଓ ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଆଲୋଚନାରେ ଯୋଗ ଦେଇଥିବା କାଉନସିଲରମାନେ ଚୌଦ୍ୱାରର ବିକାଶ କାମରେ ଆସୁଥିବା ବାଧା ସମ୍ପର୍କରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ବିଜୁ ଜନତା ଦଳର ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସାଂସଦ ସଂତୃପ୍ତ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ଥିଲେ।

# ବାର୍‌ହା ଆକ୍ରମଣରେ ବୃଦ୍ଧା ମୃତ

ବ୍ରହ୍ମଗିରି,୧୦।୭ (ସମିସ): ଶୁକ୍ରବାର ସକାଳେ ବାର୍‌ହା ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧାଙ୍କୁ ପ୍ରଥମେ ବ୍ରହ୍ମଗିରି ରେବଣା ନୂଆଗାଁ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ କୃଷ୍ଣପ୍ରସାଦ ବ୍ଲକ୍ ସାତପଡ଼ା ଗ୍ରାମ ପଞ୍ଚାୟତ ବଳଭଦ୍ରପୁରର ପଦ୍ମାବତୀ ଜାଲି (୬୫) ଓ ସେହି ଗ୍ରାମର ବ୍ରାହ୍ମଣୀ ଦଳାଇ(୬୦) ମିଶି ପୋଲାଙ୍ଗ ଗୋଟାଇବା ପାଇଁ ଯାଇଥିଲେ। ବାଡ଼ିରେ ପୋଲାଙ୍ଗ ଗୋଟାଇବା ସମୟରେ ହଠାତ୍ ବାର୍‌ହା ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପଦ୍ମାବତୀଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ବ୍ରାହ୍ମଣୀ ଆହତ ହୋଇଥିଲେ।

# ନନ୍ଦନକାନନରେ ମର୍ମୋସେଟ୍ ମାଙ୍କଡ଼ ଛୁଆ ଜନ୍ମ

**ସଂଖ୍ୟା ୫କୁ ବୃଦ୍ଧି**

ବାରଙ୍ଗ, ୧୦।୭(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବାନର ଦୁନିଆ ୬୯ ନମ୍ବର ଖୁଆଡରେ ରହୁଥିବା ମର୍ମୋସେଟ୍ ମାଙ୍କଡ଼ ଶାବକ ଜନ୍ମ ଦେଲା ପରେ ଏହି ମାଙ୍କଡ଼ଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ତେବେ, ମା' ମାଙ୍କଡ଼ଟି ନବଜାତ ଶାବକକୁ ଆପଣେଇ ନଥିଲା। ଚିଡ଼ିଆଖାନା କର୍ମଚାରୀମାନେ କିଛି ସମୟ ଅପେକ୍ଷା କରିବା ପରେ ବି ମା'ର ଆଚରଣରେ ପରିବର୍ତ୍ତନ ନ ଆସିବାରୁ ନନ୍ଦନକାନନ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ତୁରନ୍ତ ଶାବକଟିକୁ ଉଦ୍ଧାର କରି ପ୍ରାଣୀ ଉଦ୍ୟାନର ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ୨୪ ଘଣ୍ଟିଆ ଯତ୍ନରେ ବର୍ତ୍ତମାନ ଶାବକଟି ରହିଛି। ତାକୁ ପ୍ରତି ୨ ଘଣ୍ଟାରେ ଥରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଫର୍ମୁଲା ମିଲ୍କ ଖୁଆଯାଉଛି। ଏଥିସହିତ ତାପମାତ୍ରା, ଓଜନ ଓ ଅନ୍ୟାନ୍ୟ ଶାରୀରିକ ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖାଯାଉଛି। ସେପଟେ ମା' ମାଙ୍କଡ଼ର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସ୍ଥିର ଥିବା ଜଣାପଡ଼ିଛି। ପ୍ରସବ ପରେ ତାକୁ ମଧ୍ୟ ସ୍ୱତନ୍ତ୍ର ଯତ୍ନ ଓ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ମର୍ମୋସେଟ୍ ହେଉଛି ଦୁନିଆର ସବୁଠାରୁ ଛୋଟ ମାଙ୍କଡ଼ ପ୍ରଜାତି ମଧ୍ୟରୁ ଗୋଟିଏ।



ଏମାନଙ୍କ ଓଜନ ୩୦୦-୪୦୦ ଗ୍ରାମ ମଧ୍ୟରେ ରହିଥାଏ। ଏମାନେ ଅତ୍ୟନ୍ତ ଚଞ୍ଚଳ ଓ ଗଛରୁ ଗଛକୁ ଡେଇଁବାରେ ପାରଙ୍ଗମ। ଦକ୍ଷିଣ ଆମେରିକାର ବ୍ରାଜିଲ୍, କଲୋମ୍ବିଆ ଆଦି ଦେଶରେ ଏମାନଙ୍କ ମୂଳ ବାସସ୍ଥାନ। ନନ୍ଦନକାନନରେ ଏହି ପ୍ରଜାତିର ସଫଳ ପ୍ରଜନନ ଉଦ୍ୟାନ ପାଇଁ ଏକ ବଡ଼ ସଫଳତା।

# ସେଲ୍ଫି ନେବାବେଳେ ନାଳରେ ଖସି ଛାତ୍ରଙ୍କ ମୃତ୍ୟୁ

ମୁନିଗୁଡା, ୧୦।୭ (ସମିସ): ରାୟଗଡ଼ ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ସେଲ୍ଫି ନେବା ବେଳେ ନାଳରେ ଖସି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଅମ୍ବାଦଳା ଥାନା କୁଳେରପଟା ଗ୍ରାମର ଦାସ ପୂଜାରୀଙ୍କ ପୁଅ ଲଳିତ ପୂଜାରୀ (୧୫)। ସେ ଅମ୍ବାଦଳା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଥିଲେ।



ସୂଚନା ଅନୁଯାୟୀ, ଗାଁ ନିକଟସ୍ଥ ବୁଜିବାଙ୍ଗ ନାଳରେ ସେଲ୍ଫି ନେଉଥିବା ବେଳେ ପଥରଉପରୁ ତାଙ୍କର ଗୋଡ଼ ଖସିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବିଶ୍ୱନାଥପୁର, ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ଏହି ଘଟଣାକୁ ନେଇ ଏବେ ନୂଆ ବିବାଦ ସାମ୍ନାକୁ ଆସିଛି। ସହପାଠୀ ଓ କେତେକ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଲଳିତ ଘଟଣା ଦିନ ବିଦ୍ୟାଳୟକୁ ଯାଇ ସେଠାରେ ବ୍ୟାଗ୍ ରଖି ମଧ୍ୟାହ୍ନରେ ଘରକୁ ଆସି ସେଲ୍ଫି ନେବାକୁ ଯାଇଥିଲେ। ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖା ନଯିବାରୁ ଏପରି ଘଟିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରୁଣ କୁମାର ରାଉତରାୟ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଲଳିତ ଘଟଣା ପୂର୍ବରୁ ଦୁଇ ଦିନ ଧରି ବିଦ୍ୟାଳୟକୁ ଆସିନଥିଲେ। ଯଦି ଛାତ୍ର ବିଦ୍ୟାଳୟକୁ ଆସିନଥିଲେ, ତେବେ ତାଙ୍କ ସ୍କୁଲ ବ୍ୟାଗ ବିଦ୍ୟାଳୟରେ ରହିଲା କିପରି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଏହି ଘଟଣା ପରେ ତାଙ୍କର ଜଣେ ସହପାଠୀ ସେହି ବ୍ୟାଗକୁ ତାଙ୍କ ଘରେ ପହଞ୍ଚାଇଥିବା କୁହାଯାଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହେଉଛି।

**ପ୍ରଶାସନିକ ବିଫଳତା**

# ରାଜ୍ୟର ୧୩ଟି ଆଦିମ ଜନଜାତି ଅବହେଳିତ

## ଦାଦନ ଯାଇ ଜୁଆଙ୍ଗ ମୃତ୍ୟୁ ଘଟଣା ଲଜ୍ଜିତ କରୁଛି: ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ

କେନ୍ଦୁଝର, ୧୦।୭ (ସମିସ): ସୁଦୂର ତାମିଲନାଡୁରେ ଥିବା ଏକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଏହି ପ୍ରତିନିଧି ଦଳ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଗୁରୁବାର କେନ୍ଦୁଝର ଜିଲ୍ଲରେ ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ଗସ୍ତ କରିବା ପରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ କେନ୍ଦୁଝର ରୋଟାରୀ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ।



### ତୁରନ୍ତ ଆଦିବାସୀ ବ୍ୟାପାର ମନ୍ତ୍ରୀ ଘଟଣାସ୍ଥଳକୁ ଯାଆନ୍ତୁ

### ଜିତୁ ମୁଣ୍ଡା ପରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ

### ବାଂଶପାଳ ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ପ୍ରତିନିଧି ଦଳ

କେନ୍ଦୁଝର ଜିଲ୍ଲାର ଦୁଇଟି ଘଟଣା ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା ଓ ୧୫ ଜଣ ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଆଲୋଡନ ଖେଳାଇଛି। ପ୍ରଶାସନ କେନ୍ଦୁଝର ଜିଲ୍ଲାରେ ବିଫଳ ହୋଇଛି। ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତର ଭାବେ ନେଇ ତାଙ୍କ ଅନୁସୁଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବା ପାଇଁ ବିଜେଡି ଦାବି କରିଛି।

ଏହି ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଅନୁଧ୍ୟାନ କରିଛି ଯେ ରାଜ୍ୟରେ ଥିବା ୧୩ଟି ଆଦିମ ଜନଜାତି ଆଜି ବିଶେଷ ଭାବରେ ଅବହେଳିତ ଅବସ୍ଥାରେ ଥିବାବେଳେ 'କୁବେରପୁରୀ କେନ୍ଦୁଝର'ରେ ଦାରିଦ୍ର୍ୟ ସୀମା ଲଂଘନ କରିଛି। କେନ୍ଦୁଝର ଜିଲ୍ଲାର ଏହି ଜୁଆଙ୍ଗ ଜନଜାତିମାନଙ୍କ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଜିବୀକା ମିଶନ ଆଦି ଏଠାରେ ବିଫଳ ହୋଇଥିବା କଥା ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲାର ୧୪ଜଣ ଜୁଆଙ୍ଗ ବାଳିକା ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଜଣେ ବାଳିକାଙ୍କ ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ସ୍କୁଲ ଯିବା କଥା ସେମାନେ ଦାଦନ ଖଟିବାକୁ ଯାଇଥିଲେ। କେତେ ଜଣ ଜୁଆଙ୍ଗ ଦାଦନ ଖଟିବାକୁ ଯାଇଛନ୍ତି,କେତେ ଜଣଙ୍କର ଶବ ଫେରିଛି, କେତେଜଣ ଚିକିତ୍ସିତ ହେଉଛନ୍ତି ଆଉ କେତେ ଜଣ ଅଛନ୍ତି ତାହା ରାଜ୍ୟବାସୀ ଜାଣିବାର ଅଧିକାର ଅଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ଡବଲ ଇଂଜିନ ସରକାର ପ୍ରତ୍ୟେକଟି କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସେ କହିଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଶତକଡା ୯୦ ପ୍ରତିଶତ ଜୁଆଙ୍ଗ ଗ୍ରାମକୁ ପହଞ୍ଚିପାରି ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଅଭିଯୋଗ କରିଥିଲେ। ଜିତୁ ମୁଣ୍ଡା ଘଟଣା ସହ ଜୁଆଙ୍ଗଙ୍କ ମୃତ୍ୟୁ ପ୍ରମାଣିତ କରିଛି ଯେ କେନ୍ଦୁଝର ଜିଲ୍ଲାରେ ବ୍ୟବସ୍ଥା ବିଫଳ ହୋଇଛି। ଜୁଆଙ୍ଗମାନଙ୍କୁ ବିକାଶର ଧାରାକୁ ଆଣିବାକୁ ତୁରନ୍ତ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ସେ ଦାବି କରିଥିଲେ। କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ ଜୁଆଙ୍ଗ ଗାଁଗୁଡ଼ିକୁ ସବୁଦିନିଆ ରାସ୍ତା ହେବା ଆବଶ୍ୟକ। ଅନ୍ୟପକ୍ଷରେ, ବାଂଶପାଳ ବ୍ଲକ ଅଞ୍ଚଳର ଜଣେ ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ ଘଟଣାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଘୋର ଉଦବେଗ ପ୍ରକାଶ କରି କହିଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିସାôଳୟରେ ବେଡ ଅଭାବରୁ ପୀଡ଼ିତା ତଳେ ଚିକିତ୍ସିତ ହେଉଥିବା ଏହି ପ୍ରତିନିଧି ଦଳ ଦେଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସୋର ବିଧାୟକ ମାଧବ ଧଡା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଦେବାଶିଷ ମାରାଣ୍ଡି, ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ, ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ, ମୀନା ମାଝୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଲଲହଡ଼ାରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଉଦଘାଟିତ

ପାଲଲହଡ଼ା, ୧୦।୭(ସମିସ)




ପାଲଲହଡ଼ା ଉପଖଣ୍ଡରେ ଓଡ଼ିଶାର ୭୭ତମ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଅଟ୍ଟାଳିକା ଭୂମିପୂଜନ ଏବଂ ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତର, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଜଏଣ୍ଟ କମିଶନର ପିବିଏସ୍ ଉଷା, ଡେପୁଟି କମିଶନର ସର୍ଦ୍ଦାର ସିଂହ ଚୌହାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ହାଟପଡାଠାରେ ନୂତନ ଅଟ୍ଟାଳିକା ପାଇଁ ଭୂମିପୂଜନ କରାଯାଇଥିବା ବେଳେ ମାଲ୍ୟଗିରି ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ କ୍ୟାମ୍ପସ ଉଦଘାଟନ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଅଟ୍ଟାଳିକା ନିର୍ମାଣ ପାଇଁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହା ସହ ପାଲଲହଡ଼ାରେ ପ୍ରାୟ ୩.୭୫ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ କରାଯାଇଛି। ସେଥିମଧ୍ୟରେ ପାଲଲହଡ଼ାରେ ନୂତନ କଲ୍ୟାଣ ମଣ୍ଡପ, ଶରତ ଚନ୍ଦ୍ର କୁବର ଉନ୍ନତୀକରଣ, ପାଲଲହଡ଼ା ବାଇପାସ ରାସ୍ତାରେ ସ୍ୱାଗତ ତୋରଣ ନିର୍ମାଣ, ଶିଗଡ଼ାଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ପ୍ରକଳ୍ପ ରହିଛି। ସମାଜର ଶେଷ ଧାଡ଼ିରେ ଥିବା ବିଦ୍ୟାର୍ଥୀଙ୍କୁ ରୋଜଗାରଭିତ୍ତିକ, ଦକ୍ଷତା ଆଧାରିତ ଏବଂ ବ୍ୟବସାୟ ଭିତ୍ତିକ ପାଠପଢ଼ା ପ୍ରଦାନ କରିବାକୁ ସମସ୍ତେ ମିଳିତ ପ୍ରୟାସ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁରୋଧ କରିଥିଲେ। ଏହି କେନ୍ଦ୍ରୀୟ ବିଦ୍ୟାଳୟ ପାଲଲହଡ଼ାର ଶିକ୍ଷା ଇତିହାସରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ପାଲଲହଡ଼ା ପର୍ଯ୍ୟନ୍ତ ରେଳପଥ କାମ ତ୍ୱରାନ୍ୱିତ ହେଉଛି। ପାଲଲହଡ଼ା ଖୁଣ୍ଟଗୁଡ଼ା ରେଳପଥରେ ସଂଯୋଗ ହେବ ଯାହାଦ୍ୱାରା ଅଞ୍ଚଳର ଶିଳ୍ପ, ବାଣିଜ୍ୟ, ଶିକ୍ଷା ଓ ଅର୍ଥନୈତିକ ବିକାଶ ନୂତନ ଦିଗ ପାଇବ। ପାଲଲହଡ଼ା ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବାରୁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଳି ଜଳଭଣ୍ଡାରକୁ ଆଧାର କରି ମତ୍ସ୍ୟଚାଷର ବ୍ୟାପକ ସମ୍ଭାବନା ରହିଛି। କେଜ୍ କଲଚର ମାଧ୍ୟମରେ ମାଛଚାଷ କରି ସ୍ଥାନୀୟ ଯୁବକ ଓ ଚାଷୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ପାଲଲହଡ଼ାର ସମସ୍ତ ପ୍ରଶାସନିକ ଅଧିକାରୀ, ବିଜେପି କାର୍ଯ୍ୟକର୍ତ୍ତା ଧର୍ମେନ୍ଦ୍ର ମହାନ୍ତ, ଅନ୍ତର୍ଯ୍ୟାମୀ ରାଉତ, ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ଆଇନଜୀବୀ ତନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କିଶୋରନଗରରେ ଜନଶୁଣାଣି ୧୩ରେ

କିଶୋରନଗର, ୧୦।୭(ସମିସ): କିଶୋରନଗର ବ୍ଲକ ପରିସରରେ ଆସନ୍ତା ୧୩ ତାରିଖ ପୂର୍ବାହ୍ନରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି। ଏହି ଶିବିରରେ ପଞ୍ଚାୟତିରାଜ ଓ ପାନୀୟଜଳ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ମହିଳା ଶିଶୁ ବିକାଶ ଆଦି ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇ ନିଜ ବିଭାଗ ଉପରେ ହେବାକୁ ଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣି ତାହାର ସମାଧାନ କରିବେ। ଶିବିରରେ ଜନସାଧାରଣ ଯୋଗଦେଇ ନିଜ ଅଭିଯୋଗ କରିପାରିବେ।

## ପଞ୍ଚାୟତ ଉନ୍ନୟନ ସମ୍ପର୍କିତ ତାଲିମ



କିଶୋରନଗର, ୧୦।୭(ସମିସ): କିଶୋରନଗର ବ୍ଲକ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଶୁଭକାନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିପିଡିଓ ସୁରେଶ ଚନ୍ଦ୍ର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ସିପି ଧନେଶ୍ୱର ସାହୁ ଯୋଗଦେଇ ଉପସ୍ଥିତ ୬ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ୬୫ ଜଣ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଜାତୀୟ ଅନୁସୂଚିତ ଜାତି କମିଶନଙ୍କୁ ଦାବିପତ୍ର



ଅନୁଗୋଳ, ୧୦।୭(ସମିସ): ବାବାସାହେବ ଆମ୍ବେଦକର ଫାଉଣ୍ଡେସନ ଅନୁଗୋଳ ପକ୍ଷରୁ ଜିଲ୍ଲାର ବିଭିନ୍ନ ଜନସ୍ୱାର୍ଥ ସମସ୍ୟା ସମ୍ପର୍କରେ ଜାତୀୟ ଅନୁସୂଚିତ ଜାତି କମିଶନ ସଦସ୍ୟ ଭଦ୍ଦେପଲ୍ଲୀ ରାମଚନ୍ଦ୍ରଙ୍କୁ ଭେଟି ଆଲୋଚନା କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜରଡ଼ା ଗ୍ରାମ କଣିହାଁ ଅଞ୍ଚଳର ଏମ୍‌ସିଏଲ୍ ପ୍ରଭାବିତ ଅନୁସୂଚିତ ଜାତି ପରିବାରଗୁଡ଼ିକର ପୁନର୍ବାସ, ଜମି ବଣ୍ଟନରେ ଅନିୟମିତତା ଓ ସେମାନଙ୍କ ସହ ହେଉଥିବା ଅନ୍ୟାୟ ସମ୍ପର୍କିତ ଦାବିପତ୍ର ଉପସ୍ଥାପନ କରାଯାଇଥିଲା। ଏଥିସହ କୁମଣ୍ଡରେ ବିଗତ ଦିନରେ ହୋଇଥିବା ଜାତିଆଣ ହିଂସା ଏବଂ ପଡ଼ତରାଠାରେ ବାବାସାହେବଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ତଥା ଜାତିଆଣ ହିଂସା ସମ୍ପର୍କରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଦାବିପତ୍ର ଦିଆଯାଇଥିଲା। ଏ ବିଷୟରେ ସଦସ୍ୟ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ● ପବିତ୍ର ମୋହନ ପ୍ରଧାନ ସରକାରୀ ଡାକ୍ତରଖାନା

## ସେବିକା ନିଯୁକ୍ତିରେ ମହାଦୁର୍ନୀତିର ଖୁଲାସା କେବେ?

ତାଳଚେର, ୧୦।୭(ସମିସ): ତାଳଚେରସ୍ଥିତ ପବିତ୍ରମୋହନ ସରକାରୀ ଡାକ୍ତରଖାନାରେ ସେବିକା ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରେ ମହାଦୁର୍ନୀତି ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ ଆଜକୁ ଦୁଇମାସ ବିତି ଯାଇଥିଲେ ବି ଏଥିରେ ଯେଉଁ ଅଧିକାରୀ ଓ ଦଲାଲ ସମ୍ପୃକ୍ତ ତାଙ୍କୁ ଚିହ୍ନଟ କରା ନ ଯିବା କିମ୍ବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କଂଗ୍ରେସ ପକ୍ଷରୁ ୫ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ବିଜେଡି ପକ୍ଷରୁ ମଧ୍ୟ ସମାନ ଦାବିପତ୍ର ପ୍ରଦାନ କରାଯାଇଛି। ସେହିଭଳି ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ୍ୟ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ପବିତ୍ର ମୋହନ ପ୍ରଧାନ ଡାକ୍ତରଖାନାରେ ସେବିକା ତଥା ଏଏନଏମ୍ ଓ ଜିଏନଏମ୍ ଚାକିରି କରିଥିବା ବ୍ୟକ୍ତିମାନେ ଜାଲ୍ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଛନ୍ତି। ଏମସିଏଲ୍ ଦ୍ୱାରା ଟେଣ୍ଡର ପାଇଥିବା ଠିକାସଂସ୍ଥା କମାଣ୍ଡୋ ସିକ୍ୟୁରିଟି ଏଜେନ୍ସି ବିନା ବିଜ୍ଞାପନରେ ଏହି ନିଯୁକ୍ତି ପ୍ରକ୍ରିୟା କରି ମାତ୍ରାଧିକ ଅର୍ଥ ନେଇ ଜାଲ୍ ସାର୍ଟିଫିକେଟ୍ ଦ୍ୱାରା ନିଯୁକ୍ତି ପ୍ରଦାନ କରିଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ଜନସାଧାରଣଙ୍କ ଜୀବନକୁ ମରଣ ମୁହଁରେ ପକାଇ ଏହି ସଂସ୍ଥା ବେଆଇନ କାର୍ଯ୍ୟ କରିଥିବାରୁ ପ୍ରଶାସନ ତରଫରୁ ଏହି କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଛି। ମାତ୍ର ଏହି ଜାଲ୍ ସାର୍ଟିଫିକେଟ୍ କାରବାରରେ ଲିପ୍ତ ବ୍ୟକ୍ତିମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଜାଲ୍ ସାର୍ଟିଫିକେଟ ମାଧ୍ୟମରେ ସେବିକା ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରାଯାଇ ରୋଗୀଙ୍କ ଜୀବନ ସହ ଖେଳିଥିବା ଏହି ଏଜେନ୍ସିକୁ ପକ୍ଷଭୁକ୍ତ କରି ଆସନ୍ତା ୭ ଦିନ ମଧ୍ୟରେ ଦୋଷୀକୁ ଧରାଯିବା ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା, ଆଉ କେତେଦିନ ପରେ ପ୍ରଶାସନ ଏହି ମହାଘୋଟାଲାର ପର୍ଦ୍ଦାଫାସ କରିବ।

## ଗଗନ ଓ ରେବତୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

### ● ପରିବାରକୁ ସହଯୋଗ କରବା ପାଇଁ ଯୁବବର୍ଗର ସଂକଳ୍ପ




କଣିହାଁ, ୧୦।୭(ସମିସ): ଗ୍ରାମର ଦିବଂଗତ ଗଗନ ସାମଲ (୪୪) ଓ ତାଙ୍କ ମା' ରେବତୀ ସାମଲ (୮୬)ଙ୍କ ଏକାଦଶାହ କାର୍ଯ୍ୟକ୍ରମ ଅବସରରେ ଗ୍ରାମବାସୀ ଓ ଯୁବବର୍ଗ ପକ୍ଷରୁ ଗ୍ରାମ ପରିକ୍ରମା କରି ଶ୍ରଦ୍ଧାଞ୍ଜଳି ସଭା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏହି ଅବସରରେ ଗଗନଙ୍କ ସମାଜସେବା, ପରୋପକାର ମନୋଭାବ ଓ ଗ୍ରାମର ବିଭିନ୍ନ ଧାର୍ମିକ, ସାମାଜିକ ଏବଂ ବ୍ୟକ୍ତିଗତ କାର୍ଯ୍ୟରେ ତାଙ୍କ ନିଷ୍ଠାପୂର୍ଣ୍ଣ ସହଯୋଗକୁ ସ୍ମରଣ କରାଯାଇଥିଲା। ଗଗନ ଓ ତାଙ୍କ ମା' ରେବତୀ ସବୁବେଳେ ଗ୍ରାମର ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସହଯୋଗ ଓ ଉପସ୍ଥିତ ରହୁଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରି ଆଗାମୀ ଦିନରେ ତାଙ୍କ ପରିବାର ପାଖରେ ସବୁବେଳେ ଛିଡ଼ା ହେବା ସହ ଯଥାସମ୍ଭବ ସହଯୋଗ କରିବାକୁ ଗ୍ରାମର ଯୁବବର୍ଗ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ସୁଶାନ୍ତ ସାମଲ, ଅମୂଲ୍ୟ ସାମଲ, ଅକ୍ଷୟ ସାମଲ, ରାକେଶ ଭୂତିଆ, ପ୍ରବୀଣ ଭୂତିଆ, ଟୁକୁନା ସାମଲ, ରଘୁ ସାମଲ, ପିଣ୍ଟୁ ସାମଲ, ଜହର ସାମଲ, ସୌମ୍ୟରଞ୍ଜନ ସାମଲ, ମାନସରଞ୍ଜନ ସାମଲ, ବିନୟ ସାମଲ, ବିମ୍ବାଧର ଭୂତିଆ, ବାପୁଜୀ ଭୂତିଆ, ବିଦେଶୀ ସାମଲ, ବାପୁ ସାମଲଙ୍କ ସମେତ ଗଗନଙ୍କ ବଡ଼ଭାଇ ଜୟ ସାମଲଙ୍କ ପରିବାରବର୍ଗ, ଗ୍ରାମବାସୀ ଓ ବହୁ ଯୁବକ ଉପସ୍ଥିତ ଥିଲେ। ଅପରାହ୍ନରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଗଗନ ଓ ରେବତୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

## ରତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, ୧୦।୭(ସମିସ): ଚେତନା ମିଶନ୍ ସହଯୋଗରେ ଅନୁଗୋଳ ସ୍ଥିତ ଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ରତୁସ୍ରାବ ସ୍ୱଚ୍ଛତା ସଚେତନତା ଓ ସାନିଟାରି ପ୍ୟାଡ୍ ଏବଂ ସାନିଟାଇଜର ବଣ୍ଟନ




କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଯାଇଅଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଶିବିରକୁ ଉଦଘାଟନ କରିଥିଲେ।ଉପସ୍ଥିତ କିଶୋରୀମାନଙ୍କୁ ରତୁସ୍ରାବ ସମୟରେ ସ୍ୱଚ୍ଛତା, ପୌଷ୍ଟିକ ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସାନିଟାରି ପ୍ୟାଡ୍ର ସଠିକ୍ ବ୍ୟବହାର ସମ୍ପର୍କରେ ସଚେତନ କରିଥିଲେ। ରୋଟାରୀ କ୍ଲବ ଅଫ୍ ଅନୁଗୋଳ ରୟାଲର ସଭାପତି ଏବଂ ଚେତନା ମିଶନର ଅଧିଷ୍ଠାତ୍ରୀ ବାଣୀ ଦେବ ରତୁସ୍ରାବ ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା ଏବଂ ଏହାକୁ ନେଇ ଥିବା କୁସଂସ୍କାର ଓ ସଙ୍କୋଚକୁ ଦୂର କରିବା ସମାଜର ସମସ୍ତଙ୍କ ଦାୟିତ୍ୱ ବୋଲି ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଜ୍ୟୋତିରଞ୍ଜନ ଠେଟୋଇ, ଜିଲ୍ଲା ତଥ୍ୟ ପରିଚାଳକ ହରେକୃଷ୍ଣ ସାହୁ, ଆର ବି ଏସ କେ ମ୍ୟାନେଜର ଦୀପ୍ତି ରଞ୍ଜନ ଦାସ, ସି ଏଚ ସି ଗୁଡ଼ିବନ୍ଧର ଟିକାକରଣ ଦଳ ଯୋଗ ଦେଇଥିଲେ।ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ସାନିଟାରି ପ୍ୟାଡ୍ ବଣ୍ଟନ କରାଯିବା ସହ ସ୍ୱାସ୍ଥ୍ୟବିଧି ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। ଏତଦ୍ ବ୍ୟତୀତ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ସାନିଟାଇଜର ମଧ୍ୟ ବଣ୍ଟା ଯାଇଥିଲା।

## ବଚପନ ପ୍ଲେ ସ୍କୁଲରେ ବନ ମହୋତ୍ସବ ପାଳିତ




ଅନୁଗୋଳ, ୧୦।୭(ସମିସ): ବନ ମହୋତ୍ସବ ସପ୍ତାହ ଅବସରରେ ରୋଟାରୀ କ୍ଲବ ଅନୁଗୋଳ ରୟାଲ ଏବଂ ବଚପନ ପ୍ଲେ ସ୍କୁଲ ମିଳିତ ଆନୁକୂଲ୍ୟରେ ବଚପନ ପ୍ଲେ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସବୁଜ ବଳୟର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ। ଗଛକୁ ଜୀବନ ଭାବି ଏହାକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି କ୍ଲବ ସଭାପତି ବାଣୀ ଦେବ କହିଥିଲେ। ସ୍କୁଲ ଅଧ୍ୟକ୍ଷା ଇଭାଲିନ ରଥ ସମସ୍ତଙ୍କୁ ନିଜ ଦୈନନ୍ଦିନ ଜୀବନରେ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଅଧ୍ୟକ୍ଷା ରଥ, ଉପଦେଷ୍ଟା ରଶ୍ମିରେଖା ବେହେରା, ସମସ୍ତ ଶିକ୍ଷୟିତ୍ରୀ ଓ ରୋଟାରୀ କ୍ଲବ ସମ୍ପାଦକ ଡ. ବିଶ୍ୱଜିତ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଚାରାରୋପଣରେ ସହାୟତା କରିଥିଲେ। ଏହି ଅବସରରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ କ୍ଲବ ତରଫରୁ ପୁରସ୍କୃତ କରାଯାଇଥିଲା। ନିଝାର ଅଲ୍ଲୀ ଦାମାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଣ୍ଡରପାଳ ଜେଏମଏଫସି କୋର୍ଟ ପକ୍ଷରୁ ବନ ମହୋତ୍ସବ




ବଣ୍ଡରପାଳ, ୧୦।୭(ସମିସ): ବଣ୍ଡରପାଳସ୍ଥିତ ବିଚାର ବିଭାଗୀୟ ଅଦାଲତର ତାଲୁକ ଆଇନ ସେବା କମିଟି ଦ୍ୱାରା ୭୭ତମ ବନ ମହୋତ୍ସବ ସପ୍ତାହ ସ୍ଥାନୀୟ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଚାରପତି ସାବିତ୍ରୀ ଦାସ ପ୍ରଥମେ ଏକ ଚାରା ରୋପଣ କରି ସମାରୋହ ଉଦଘାଟନ କରିଥିଲେ, ତାପରେ ଅଦାଲତର ସମସ୍ତ ଆଇନଜୀବୀ, କୋର୍ଟ ଷ୍ଟାଫ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକାର ଫଳ ଗଛ, ଔଷଧୀୟ ଗଛ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ, ଏହି କାର୍ଯ୍ୟକ୍ରମରେ ବିଚାରପତି ଛାତ୍ରଛାତ୍ରୀମାନଙ୍କୁ ଗଛ ଲଗାଇବା ଦ୍ୱାରା ମାନବ ସମାଜର ଉପକାର ତଥା ପରିବେଶ ପ୍ରଦୂଷଣ ମୁକ୍ତ, ସବୁଜ ବିପ୍ଳବ ଓ ମାଆଙ୍କ ପାଇଁ ଗଛଟିଏ ସ୍ଲୋଗାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ଅଲେଖପୁର ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଉଦଘାଟିତ

କିଶୋରନଗର, ୧୦।୭(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପଞ୍ଚାୟତ ଅଲେଖପୁର ଗ୍ରାମରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟିତ ହୋଇଛି। ପୂଜକ କେଶବ ଚନ୍ଦ୍ର ଶତପଥୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ସୁଶାନ୍ତ କୁମାର ପ୍ରଧାନ ଦାୟିତ୍ୱ ସମ୍ପାଦନ କରିଥିଲେ। ମୁଖ୍ୟଅତିଥି ଭାବେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର ଯୋଗଦେଇ ନୂତନ ଗୃହର ଉଦଘାଟନ କରିଥିଲେ। ଅଙ୍ଗନବାଡ଼ି କର୍ମୀ ସୁବାସିନୀ ପ୍ରଧାନଙ୍କ ନେତୃତ୍ୱରେ



ସମଗ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହାୟିକା ସୁଶୀଳା ପ୍ରଧାନ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସନ୍ତୋଷ କୁମାର ସାହୁ, ଠାକୁରଗଡ଼ ପଞ୍ଚାୟତର ୬ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ, ଆଶାକର୍ମୀ, ମେଡିକାଲ କର୍ମଚାରୀ, ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## 'ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅରାଜକତା'

ଅନୁଗୋଳ, ୧୦।୭(ସମିସ): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟିର ପ୍ରୋଗ୍ରାମ କୋଅର୍ଡିନେଟର ରୋଶନ ଲାଲ ବିଟ୍ଟୁ ଯୋଗଦେଇ କଂଗ୍ରେସ ଦଳର ସର୍ବମାନ୍ୟ ନେତା ତଥା ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସାରା ଭାରତ ବର୍ଷରେ ଦେଶର ଶିକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ନଷ୍ଟ କରି ଏକ ଶିକ୍ଷା ଅରାଜକତା ସୃଷ୍ଟି କରିଛନ୍ତି, ତା'ର ଦୃଢ଼ ପ୍ରତିବାଦ କରିବା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଛାତ୍ରୋଁକି ଗୁଞ୍ଜ ଡାକରା ଦିଆଯାଇଛି। ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ କଂଗ୍ରେସ ନେବ ବୋଲି ଆଲୋକପାତ କରିଥିଲେ। ନୀଟ ପରୀକ୍ଷାରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣଭାବେ ନଷ୍ଟଭ୍ରଷ୍ଟ କରି ଯେଉଁଳି ଭାବେ ପ୍ରଶ୍ନପତ୍ର ବିକ୍ରି କରାଗଲା ଓ ଭାରତର ନାକନୀଶକୁ ନିଲାମ କରାଗଲା, ତାହା ଦେଶବାସୀଙ୍କ ମୁଣ୍ଡକୁ ତଳକୁ




କରିଦେଇଛି। ସାମାନ୍ୟତମ ନିଜ ମୁଣ୍ଡକୁ ଦୋଷ ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାହୁଁ ନାହାଁନ୍ତି। ସେ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ ଥିଲା। ହେଲେ ସେ ତାହା କଲେନାହିଁ।ଏଣୁ ଯଥାଶୀଘ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ଦାବି କରିବା ସହ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉତ୍ତମରୂପେ ପରୀକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ରାଜ୍ୟର ମଧ୍ୟ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି, କୋମଳମତି ଛାତ୍ରଛାତ୍ରୀଙ୍କ ଶିକ୍ଷା ପୁସ୍ତକର ସଠିକ ଭାବେ ଯୋଗାଇ ଦେବାକୁ ରାଜ୍ୟ ସରକାର ଅସମର୍ଥ। କମିସନ ସର୍ବସ୍ୱ ବିଜେପି ସରକାର ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ସହିତ ଖେଳୁଛନ୍ତି, ଏଣୁ ଶିକ୍ଷାର ସୁଧାର ଆଣିବା ପାଇଁ ଏ ସରକାରର ଆନ୍ତରିକତାର ଅଭାବ। ଜଣେ ମୁର୍ଖ ଲୋକ ସହଜରେ ଯଦି ଭୁଲକୁ ଧରି ପାରୁଛି, କିଭଳି ଏଭଳି ଅକ୍ଷମଣୀୟ ତ୍ରୁଟି ପୁସ୍ତକରେ ରହିଲା, ତାର ଟେର ରାଜ୍ୟ ସରକାର ପାଇପାରୁ ନଥିବା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ଆଦିବାସୀ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପାଳ ଚନ୍ଦ୍ର ନାଥ, ଗୋବିନ୍ଦ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ପୁରୁଣା ବହିରେ ଶିକ୍ଷାଦାନ ଦାବିରେ ବିକ୍ଷୋଭ

ଅନୁଗୋଳ, ୧୦।୭(ସମିସ)




ବିଜ୍ଞାନସମ୍ମତ ଏବଂ ମୌଳିକ ଧାରଣାଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତବର୍ଷ ବହିରେ ଶିକ୍ଷାଦାନ କରିବା, ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ, ଗଣଶିକ୍ଷାମନ୍ତ୍ରୀଙ୍କ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ନୂତନ ବହି ମୁଦ୍ରଣ ଆଦି ଦାବିରେ ଏଆଇଡିଏସଓ ଅନୁଗୋଳ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ କର୍ମକର୍ତ୍ତାମାନେ ଅନୁଗୋଳ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏଆଇଡିଏସଓ ଜିଲ୍ଲା ଉପସଭାପତି ସରୋଜିନୀ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ ପ୍ରମୁଖ ବକ୍ତବ୍ୟ ରଖି କହିଲେ ଯେ ଜାତୀୟ ଶିକ୍ଷାନୀତି (ଏନଇପି)-୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତବର୍ଷ ବ୍ୟାପକ ପ୍ରସ୍ତୁତି ନ ନେଇ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି। ବର୍ତ୍ତମାନ ସୁଦ୍ଧା ୨୬୦୦ରୁ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରାପଡ଼ି ସାରିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି। ତେଣୁ ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବା ସମ୍ଭାବନା ରହିଛି। ତ୍ରୁଟିକୁ ସୁଧାରିବା ପାଇଁ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ 'ସଂଶୋଧନ ଦଲିଲ' ପ୍ରସ୍ତୁତ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ୍ୟ ବ୍ୟାପକ ତ୍ରୁଟି ରହିଛି। ସଂଶୋଧନ ଦଲିଲରେ ଯେତିକି ଭୁଲ୍ ଦର୍ଶାଯାଇଛି ତା'ଠାରୁ ବହୁ ଅଧିକ ଭୁଲ୍ ସାମ୍ନାକୁ ଆସୁଛି। ଯେଉଁ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ, ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ। ଯଦ୍ୱାରା ସେମାନଙ୍କ ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ। ଏହି ଭୁଲ ଶିକ୍ଷା ଗ୍ରହଣ କରି କେବଳ ଯେ ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ ତାହା ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶିକାର ହେବେ ଏବଂ ଏହା ଦ୍ୱାରା ବିଜ୍ଞାନସମ୍ମତ ଶିକ୍ଷା ବାଧାପ୍ରାପ୍ତ ହେବ। ବର୍ତ୍ତମାନ ଜୁଲାଇ ମାସ ଅଧା ହେବାକୁ ବସିଲାଣି। ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି। ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବାରୁ ବିଦ୍ୟାଳୟଗୁଡ଼ିକରେ ଏପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ତେଣୁ ବିଜ୍ଞାନସମ୍ମତ ଓ ଯୁକ୍ତିଭିତ୍ତିକ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇ ବଣ୍ଟନ ନ ହେବା ପର୍ଯ୍ୟନ୍ତ ଗତବର୍ଷ ବହିରେ ଶିକ୍ଷାଦାନ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ସରକାର ଏହି ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ଆନ୍ଦୋଳନ ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି।

### ଦୁହୁରିଆରେ ମଦ ଦୋକାନକୁ ବିରୋଧ

# ଶତାଧିକ ମହିଳାଙ୍କ ଧାରଣା, ସ୍ଥାନାନ୍ତର ଦାବି

କେନ୍ଦ୍ରାପଡ଼ା,୧୦।୭ (ସମିସ)



କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ଛକରେ ନୂଆ କରି ଖୋଲାଯାଇଥିବା ମଦ ଦୋକାନକୁ ବିରୋଧ କରି ଶତାଧିକ ମହିଳା ଦୋକାନ ସମ୍ମୁଖରେ ଧାରଣାରେ ବସିବା ସହ ଜୋରଦାର ନାରାବାଜି କରିଥିଲେ। ଜମ୍ବାର ପଞ୍ଚାୟତର ସରପଞ୍ଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପଞ୍ଚାୟତର ବହୁ ସଂଖ୍ୟକ ମହିଳା ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ନୂଆକରି ଲାଇସେନ୍ସ ପାଇଥିବା ଏହି ମଦ ଦୋକାନ ନିର୍ଦ୍ଧାରିତ ସ୍ଥାନରେ ନ ଖୋଲି ଗଜଲକ୍ଷ୍ମୀ ପୂଜା ଘର ନିକଟରେ ସ୍ଥାପନ କରାଯାଇଛି। ଏଥିସହ ଦୋକାନ ଦୁହୁରିଆ ଫାଣ୍ଡିର ଠିକ୍ ପଛପଟେ ରହିଥିବାବେଳେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଓ ୫୩ନଂ ଜାତୀୟ ରାଜପଥ ସଂଲଗ୍ନ ଅଞ୍ଚଳରେ ଅବସ୍ଥିତ। ଏଭଳି ସ୍ଥାନରେ ମଦ ଦୋକାନ ଖୋଲାଯିବା ବିଭିନ୍ନ ନିୟମାବଳୀର ଉଲ୍ଲଂଘନ ବୋଲି ଲୋକେ ଅଭିଯୋଗ କରିଛନ୍ତି। ପାଣ୍ଡିରି ଗାଁର ପ୍ରବେଶ ପଥରେ ଏହି ଦୋକାନ ଥିବାରୁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଆନ୍ଦୋଳନକାରୀ କହିଛନ୍ତି। ସେମାନଙ୍କ ଅଭିଯୋଗ, ମଦ୍ୟପମାନେ ଦୋକାନରୁ ମଦ କିଣି ପାଣ୍ଡିରି ଗାଁର ପ୍ରବେଶ ଦ୍ୱାର ନିକଟରେ ଥିବା କଲଭର୍ଟ ଉପରେ ବସି ଦିନଦ୍ୱିପ୍ରହରରେ ମଦ୍ୟପାନ କରୁଛନ୍ତି। ଫଳରେ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଅଞ୍ଚଳର ସାମାଜିକ ପରିବେଶ ମଧ୍ୟ ବିଗିଡ଼ୁଛି। ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ରାଜକିଶୋର ଖୁଣ୍ଟିଆ ଓ ପଞ୍ଚାୟତବାସୀ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ସହ ଅବକାରୀ ବିଭାଗ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ବଢ଼ିଚାଲିଛି।

● ହୀରାକୁଦରୁ ଜଳ ନିଷ୍କାସନ ପରେ କେନ୍ଦ୍ରାପଡ଼ାରେ ସତର୍କ ସୂଚନା

## ମହାନଦୀ ଓ ଶାଖା ନଦୀକୁ ନ ଯିବା ପାଇଁ ଅନୁରୋଧ

କେନ୍ଦ୍ରାପଡ଼ା,୧୦।୭ (ସମିସ): ହୀରାକୁଦ ଡ୍ୟାମ୍ ଗେଟ୍ ଖୋଲିଯିବା ପରେ ମହାନଦୀ ଓ ଏହାର ବିଭିନ୍ନ ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀଙ୍କୁ ସତର୍କ ଓ ସଚେତନ ରହିବାକୁ ଅନୁରୋଧ କରାଯାଇଛି। ନଦୀରେ ସ୍ରୋତ ଓ ଜଳସ୍ତର ବୃଦ୍ଧି ଯୋଗୁଁ ଅଘଟଣ ଘଟିବାର ଆଶଙ୍କା ରହିଛି। ତେଣୁ ସାଧାରଣ ଲୋକ ନଦୀ, ନଦୀପଠା, ବାଲିଚର, ଗାଧୋଇବା ଘାଟ ଓ ଅନ୍ୟାନ୍ୟ ନିମ୍ନାଞ୍ଚଳକୁ ଯିବାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ନଦୀରେ ଗାଧୋଇବା, ମାଛ ଧରିବା, ଡଙ୍ଗା ଚଳାଚଳ କରିବା, ବାଲି ଉତ୍ତୋଳନ ଭଳି ସମସ୍ତ କାର୍ଯ୍ୟକଳାପ ବନ୍ଦ ରଖିବାକୁ କୁହାଯାଇଛି। ଗୃହପାଳିତ ପଶୁଙ୍କୁ ନଦୀକୂଳ କିମ୍ବା ଜଳାବଦ୍ଧ ନିମ୍ନାଞ୍ଚଳକୁ ଚରାଇବା ପାଇଁ ନ ନେବାକୁ ମଧ୍ୟ ପ୍ରଶାସନ ପରାମର୍ଶ ଦେଇଛି। ଜିଲ୍ଲା ପ୍ରଶାସନ ଆହୁରି ସ୍ପଷ୍ଟ କରିଛି ଯେ, କୌଣସି ଗୁଜବ କିମ୍ବା ଅପ୍ରମାଣିତ ସୂଚନାକୁ ବିଶ୍ୱାସ ନ କରି କେବଳ ଜିଲ୍ଲା ପ୍ରଶାସନ, ଜଳସମ୍ପଦ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ସରକାରୀ ନିର୍ଦ୍ଦେଶକୁ ଅନୁସରଣ କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦିଆଯାଇଛି।

## ଦୁର୍ଘଟଣାରେ ଦୁଇ ସାମ୍ବାଦିକ ଗୁରୁତର ଆହତ



କେନ୍ଦ୍ରାପଡ଼ା,୧୦।୭ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଛକରୁ ଏସ୍ପିଙ୍କ କାର୍ଯ୍ୟାଳୟ ମଧ୍ୟବର୍ତ୍ତୀ ହରିଦେଓଡ଼ିହ ନିକଟରେ ଆଜି ମଧ୍ୟାହ୍ନରେ ଘଟିଥିବା ଦୁର୍ଘଟଣାରେ ଦୁଇଜଣ ସାମ୍ବାଦିକଙ୍କ ସହ ଅନ୍ୟଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ସାମ୍ବାଦିକ ମନୋଜ ସ୍ୱାଇଁ ଓ ଉମାକାନ୍ତ ମହାପାତ୍ର। ସେହିପରି ଜଗଜଙ୍ଗ ନିକଟ ଖମାର କେଶପୁର ଗ୍ରାମର ଅଖିଳ ସାହୁ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସାମ୍ବାଦିକ ମନୋଜ ସ୍ୱାଇଁ ଓ ଉମାକାନ୍ତ ମହାପାତ୍ର ଏସ୍ପି କାର୍ଯ୍ୟାଳୟ ନିକଟସ୍ଥ ଏକ ଗ୍ରାମକୁ ଖବର ସଂଗ୍ରହ ପାଇଁ ବାଇକ୍ ଯୋଗେ ଯାଉଥିଲେ। ପଛପଟୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ପ୍ରଥମେ ଅଖିଳ ସାହୁ ଚଳାଉଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଅଖିଳ ଭାରସାମ୍ୟ ହରାଇ ସାମ୍ବାଦିକ ମନୋଜ ସ୍ୱାଇଁ ଚଳାଉଥିବା ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ମନୋଜଙ୍କ ବାଇକ ରାସ୍ତା ଉପରେ ଖସିପଡ଼ିଥିବାବେଳେ ମନୋଜ ଓ ଉମାକାନ୍ତ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉମାକାନ୍ତ ମହାପାତ୍ର ଓ ଅଖିଳ ସାହୁଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମନୋଜଙ୍କ ଚିକିତ୍ସା କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଜଣାପଡ଼ିଛି।

## କେନ୍ଦ୍ରାପଡ଼ା ସହରରେ ଦିନବେଳେ ଭାରୀଯାନ ଚଳାଚଳ ଉପରେ କଟକଣା

କେନ୍ଦ୍ରାପଡ଼ା,୧୦।୭ (ସମିସ): ସଡ଼କ ସୁରକ୍ଷା ସୁଦୃଢ଼ କରିବା, ଦୁର୍ଘଟଣା ହ୍ରାସ କରିବା ଓ ସହର ମଧ୍ୟରେ ସାଧାରଣ ଲୋକଙ୍କ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ଦିନ ସମୟରେ ଭାରୀଯାନ ଚଳାଚଳ ଉପରେ ସାମୟିକ କଟକଣା ଜାରି କରାଯାଇଛି। ଭାରୀଯାନ ଚଳାଚଳ ଫଳରେ ପଦଚାରୀ, ଦୁଇଚକିଆ ଯାନ ଚାଳକ ଓ ସାଧାରଣ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମୋଟର ଯାନ ଆଇନ, ୧୯୮୮ର ଧାରା ୧୧୫ ଓ ୧୧୭ ଏବଂ ଓଡ଼ିଶା ମୋଟର ଯାନ ନିୟମାବଳୀ, ୧୯୯୩ର ନିୟମ ୧୭୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର ସହର ମଧ୍ୟରେ ସମସ୍ତ ଭାରୀଯାନ ଚଳାଚଳ ଉପରେ ପ୍ରତିଦିନ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ କଟକଣା ଜାରି କରିଛନ୍ତି। ତେବେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ଏହି କଟକଣାରେ ସାମୟିକ କୋହଳ ପ୍ରଦାନ କରାଯାଇଛି। ଏହି ଆଦେଶ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ସ୍କୁଲ କମିଟି ଗଠନବେଳେ ଗଣ୍ଡଗୋଳ, ଥାନାରେ ଏତଲା

ରାଜକନିକା,୧୦।୭ (ସମିସ): ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସ୍କୁଲରେ ଅଭିଭାବକଙ୍କୁ ନେଇ ସ୍କୁଲ କମିଟି ଗଠନ ନିର୍ଦ୍ଦେଶ ଥିଲା। ତେବେ ରାଜକନିକା ଥାନା ଅଧୀନ ବରାଡିଆର ପିଏମଶ୍ରୀ ନୋଡାଲ ହାଇସ୍କୁଲରେ କମିଟି ଗଠନକୁ ନେଇ ଗଣ୍ଡଗୋଳ ହୋଇ ଥାନାରେ ଏତଲା ହୋଇଛି। ସ୍କୁଲ କମିଟି ଗଠନ ବେଳେ ୧୫ ଜଣ ସଭ୍ୟଙ୍କ ମଧ୍ୟରୁ ଜଣେ ସଭ୍ୟ କମିଟିରୁ ବାହାରିଯିବାରୁ ଆସନ୍ତାକାଲି ଆଉ ଜଣେ ସଭ୍ୟ ଚୟନ କରି ଯୋଡି କମିଟି ଗଠନ ପାଇଁ ଆଲୋଚନା ହେଉଥିବାବେଳେ ତିନିଜଣ ସଭ୍ୟ ପାଟିତୁଣ୍ଡ କରିଥିଲେ। ଏହା ଶୁଣି ସ୍କୁଲର ଜଣେ ଶିକ୍ଷକ ଦୌଡ଼ି ଆସି ପ୍ରଧାନଶିକ୍ଷକଙ୍କୁ ପାଟି କାହିଁକି ହେଉଛି କହିବାରୁ ତିନିଜଣ ସଭ୍ୟ ଉକ୍ତ ଶିକ୍ଷକଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରଧାନଶିକ୍ଷକ ଅମୀୟ ଦାଶଙ୍କ ସହିତ ସ୍କୁଲର ସମସ୍ତ ଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ରାଜକନିକା ଥାନା ଅଧିକାରୀ ଏତଲାକୁ ଭିତ୍ତି କରି ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଭିତରକନିକାରେ ୯୨ କୁମ୍ଭୀର ବସା ଚିହ୍ନଟ



ରାଜନଗର, ୧୦।୭ (ସମିସ): ଭିତରକନିକାରେ ନଦୀ, ନାଳରେ ବାସ କରୁଥିବା କୁମ୍ଭୀରଙ୍କ ୯୨ଟି ବସା ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗତବର୍ଷ ୧୧୭ଟି ବସା ଚିହ୍ନଟ ହୋଇଥିଲା। ଏବେ କୁମ୍ଭୀର ବସା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଜୁଲାଇ ୨୦ ତାରିଖ ସୁଦ୍ଧା ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧ୍ୟରେ କେତେ ସଂଖ୍ୟକ କୁମ୍ଭୀର ବସା କରି ଅଣ୍ଡା ଦେଇଛନ୍ତି ତାହା ସ୍ପଷ୍ଟ ହେବ। ଆଜି ସୁଦ୍ଧା କନିକା ରେଞ୍ଜରେ ୯୦ଟି ଓ ରାଜନଗର ରେଞ୍ଜରେ ୨ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ମାଆ କୁମ୍ଭୀର ଅନ୍ତଃସତ୍ତ୍ୱା ହେବା ପରେ ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠୁଁ ଉଚ୍ଚ ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠି କୁଟା ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡାଇ ଦେଇଥାଏ। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। ଗତବର୍ଷ ଚିହ୍ନଟ ହୋଇଥିବା ୧୧୭ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଞ୍ଜରେ ୧୦୪ଟି କୁମ୍ଭୀର ବସା, ରାଜନଗର ରେଞ୍ଜରେ ୧୧ଟି, ଗହୀରମଥା ରେଞ୍ଜ ଅଞ୍ଚଳରେ ୧ଟି, ମହାକାଳପଡା ରେଞ୍ଜ ଅଞ୍ଚଳରେ ୧ଟି କୁମ୍ଭୀର ବସା ଚିହ୍ନଟ କରାଯାଇଥିଲା।

## ନାଫେଡ୍ ଖାଉଟି ଦ୍ରବ୍ୟ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଡେରାବିଶ, ୧୦।୭ (ସମିସ): କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ନାଫେଡ୍ (ନ୍ୟାସନାଲ୍ ଏଗ୍ରିକଲଚର ମାର୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ) ପକ୍ଷରୁ ପ୍ରସ୍ତୁତି ଖାଉଟି ସାମଗ୍ରୀର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ସମବାୟ ସମୂହ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମବାୟ ସମିତି ସଭାପତି ନାରାୟଣ ପାତ୍ର ଅଧ୍ୟକ୍ଷତା କରି ସମବାୟ ଆନ୍ଦୋଳନକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା, କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏହି ସମବାୟ ସମିତି ସବୁ ସମୟରେ ତା'ର ପ୍ରୟାସ ଜାରି ରଖିଛି ବୋଲି କହିଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ଦାସ ଏହି ବିକ୍ରୟ କେନ୍ଦ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ଉପସଭାନେତ୍ରୀ ସସ୍ମିତା ପାତ୍ର, ଅଗ୍ରଣୀ ଚାଷୀ ତଥା ସମିତିସଭ୍ୟ ଫଗୁ ଚରଣ ସାହୁ, କେଲୁଚରଣ ନାଥ, ଗୋଲଖ ସାହୁ, ନିର୍ମଳ ସେଠୀ, ଧ୍ରୁବଚରଣ ବିହାରୀ ପ୍ରମୁଖ ଯୋଗଦେଇ ସମିତିର ସଫଳତା ଉପରେ ଆଲୋକପାତ କରିଥିଲେ। କର୍ମଚାରୀ ଧ୍ରୁବ ଚରଣ ନାୟକ, ଚିନ୍ମୟ ଚିତ୍ତରଞ୍ଜନ ସାହୁ, କୈଳାସ ସାହୁ, କୁଳମଣି କର ପ୍ରମୁଖ ପରିଚାଳନା କରିଥିଲେ।

## ନର୍ସରୀ ପକ୍ଷରୁ ଏକ ଟଙ୍କାରେ ଗଛ ବିକ୍ରି

ପଞ୍ଚୁପାଣ୍ଡବ,୧୦।୭ (ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ଥିବା ବନ ବିଭାଗ ନର୍ସରୀ ପକ୍ଷରୁ ଏକ ଟଙ୍କାରେ ଗଛ ବିକ୍ରି ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ବନ ମହୋତ୍ସବ ଉପଲକ୍ଷେ ବିଭିନ୍ନ ଜାଗାରେ ଚାରାରୋପଣ କରାଯାଉଥିବାବେଳେ ବିଭିନ୍ନ ପଡ଼ିଆ, କେନାଲ କଡ଼, ସ୍କୁଲ କଲେଜରେ ଚାରାରୋପଣ କରାଯାଉଥିବା ଦେଖିବାକୁ ମିଳୁଛି। ବନ ବିଭାଗରେ ନିଜର ପରିଚୟପତ୍ର ଦେଖି ଗଛ ପିଛା ଏକ ଟଙ୍କାରେ ବିଭିନ୍ନ ଜାତିର ଗଛ ଦିଆଯାଉଥିବା ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ସାମଲ କହିଛନ୍ତି।



### ବିଇଓ କାର୍ଯ୍ୟାଳୟରୁ କେହି ଆସିଲେନି

## ସାହାବାଜପୁର ଏମ୍‌ଇ. ସ୍କୁଲ ଏସ୍‌ଏମ୍‌ସି କମିଟି ଗଠନ ବାତିଲ

ମହାକାଳପଡ଼ା,୧୦।୭ (ସମିସ): ସାହାବାଜପୁର ଏମ୍‌ଇ ସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି) ଗଠନ ବୈଠକ ଶେଷ ମୁହୂର୍ତ୍ତରେ ବାତିଲ ହୋଇଯାଇଛି। ବିଇଓ କାର୍ଯ୍ୟାଳୟରୁ କେହି ନ ଆସିବାରୁ ଶତାଧିକ ଅଭିଭାବକ ପ୍ରାୟ ଦୁଇଘଣ୍ଟା ଧରି ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଯାଇଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୯ ଜଣ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ନୂତନ ଏସ୍‌ଏମ୍‌ସି କମିଟି ଗଠନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଅଭିଭାବକଙ୍କୁ ସ୍କୁଲ ପରିସରକୁ ଡକାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ସତ୍ତ୍ୱେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କାର୍ଯ୍ୟାଳୟରୁ କୌଣସି ଅଧିକାରୀ କିମ୍ବା ପ୍ରତିନିଧି ପହଞ୍ଚି ନ ଥିଲେ। ପରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରା ବୈଠକ ବାତିଲ ହୋଇଥିବା ଘୋଷଣା କରିଥିଲେ। ସେ କହିଛନ୍ତି, କମିଟି ଗଠନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ବିଇଓ କାର୍ଯ୍ୟାଳୟରୁ କୌଣସି ପ୍ରତିନିଧି ନ ଆସିବାରୁ ବୈଠକ କରିବା ସମ୍ଭବ ହୋଇ ନ ଥିଲା। ଅଭିଭାବକ ଅଭିଯୋଗ କରିଛନ୍ତି ଯେ, ସେମାନେ କାମ ଛାଡ଼ି ବୈଠକରେ ଯୋଗଦେବାକୁ ଆସିଥିଲେ। କିନ୍ତୁ କୌଣସି ପୂର୍ବ ସୂଚନା ନ ଦେଇ ବୈଠକ ବାତିଲ କରାଯିବା ପ୍ରଶାସନିକ ଅବ୍ୟବସ୍ଥାର ପରିଚୟ ବୋଲି ସେମାନେ କହିଛନ୍ତି। କିଛି ଅଭିଭାବକ ଏହା ପଛରେ ବାହ୍ୟ ଚାପ ଥିବା ସନ୍ଦେହ ମଧ୍ୟ ପ୍ରକାଶ କରିଥିଲେ। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ତେବେ ଫୋନ୍ ରିସିଭ୍ ହୋଇ ନ ଥିଲା। ଅଭିଭାବକମାନେ ଶୀଘ୍ର ଏସ୍‌ଏମ୍‌ସି କମିଟି ଗଠନ ସହ ବୈଠକ ବାତିଲ ହେବାର ପ୍ରକୃତ କାରଣ ସାର୍ବଜନୀନ କରିବାକୁ ଦାବି କରିଛନ୍ତି।

### ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ମଟର ଅଚଳ

## ରଘୁଦେଇପୁର ଗ୍ରାମର ୩୦୦ ପରିବାର ହନ୍ତସନ୍ତ



ପଞ୍ଚୁପାଣ୍ଡବ,୧୦।୭ (ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ଥିବା ବସୁଧା ଯୋଜନାର ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପରୁ ପ୍ରାୟ ତିନି ସପ୍ତାହ ହେଲା ପାଣି ଯୋଗାଣ ବନ୍ଦ ରହିଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପରେ ଥିବା ମଟର କୌଣସି କାରଣରୁ ଖରାପ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ନୂଆ ମଟର ଲାଗିନାହିଁ କି ମରାମତି ହୋଇନାହିଁ। ଏହି ଗ୍ରାମର ପ୍ରାୟ ତିନିଶହ ପରିବାର ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପାଣି ଟାଙ୍କି ଦୀର୍ଘଦିନ ହେଲା ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ପଞ୍ଚାୟତକୁ ହସ୍ତାନ୍ତର ହୋଇ ନ ଥିବା ଅଭିଯୋଗ ହେଉଛି। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି। ଏହି ପଞ୍ଚାୟତରେ ପ୍ରାୟ ପାଞ୍ଚଟି ସ୍ଥାନରେ ଓଭର୍‌ହେଡ ପାଣି ଟାଙ୍କି ଥିବାବେଳେ ପଞ୍ଚାୟତବାସୀ ପାଣି ପାଇଁ ବିଭିନ୍ନ ସମୟରେ ସମସ୍ୟା ଭୋଗୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କେତେକ ଜାଗାରେ ପୁରୁଣା ପାଇପ୍ ବିଛା ଯାଇଥିବାରୁ ବାରମ୍ବାର ପାଇପ୍ ଫାଟି ପାଣି ଏଣେତେଣେ ଯାଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ମଟର ଆସିଛି। କିନ୍ତୁ ମିସ୍ତ୍ରୀ ଆଜିକାଲି କରୁଥିବାରୁ ବିଳମ୍ବ ହୋଇଛି। ଦିନେ ଦୁଇଦିନ ମଧ୍ୟରେ ପାଣି ସମସ୍ୟା ସମାଧାନ ହୋଇଯିବ ବୋଲି କହିଛନ୍ତି।

## ନାବାଳିକାଙ୍କୁ ଅପହରଣ କରି ନେଉଥିବା ମହିଳା ଗିରଫ



ରାଜକନିକା,୧୦।୭ (ସମିସ): ଜଣେ ନାବାଳିକାଙ୍କୁ ଅପହରଣ କରି ନେଉଥିବା ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରାଜକନିକା ଥାନା ଅଧୀନ ପେଗରପଡ଼ା ଗ୍ରାମର ଝରଣା ମଲିକ ଆଜି ସକାଳେ ଓଲାଭର ଅଞ୍ଚଳର ଜଣେ ନାବାଳିକାଙ୍କୁ କାର୍‌ରେ ଅପହରଣ କରି ନେଉଥିବା ବେଳେ ଅଚିନ୍ତା ହନୁମାନ ଛକରେ ପରିବାର ଲୋକ କାବୁ କରି ପୁଲିସକୁ ଜିମା ଦେଇଥିଲେ। ପରେ ପୁଲିସ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଝରଣାଙ୍କ ପୁଅ ଓଲାଭର ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ଆଜି ପ୍ରେମିକଙ୍କ ମାଆ ନାବାଳିକାଙ୍କୁ ଆଜି ଏକ ଅଜଣା ଗାଡ଼ିରେ ବସାଇ କେରଳକୁ ନେଉଥିବାବେଳେ ପରିବାର ଲୋକେ ଓ ଗ୍ରାମବାସୀ ଗୋଡ଼ାଇ ଗୋଡ଼ାଇ ଧରି ରାଜକନିକା ଥାନାରେ ଜିମା ଦେଇଥିଲେ। ନାବାଳିକାଙ୍କ ଟ୍ୟୁସନ ଯିବାକୁ କହି ସକାଳୁ ଘରୁ ଆସି ଘରେ ନ ପହଞ୍ଚିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକ ମହିଳା ଜଣକ ନାବାଳିକଙ୍କୁ ଗାଡ଼ିରେ ନେଉଥିବା ଦେଖି ଧରି ପୁଲିସରେ ଦେଇଥିଲେ। ପରିବାର ଲୋକ ଥାନାରେ ଏତଲା ଦେବା ପରେ ପୁଲିସ ଝରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲିକ ସୂଚନା ଦେଇଛନ୍ତି।

● ସ୍ଥାଣୁ ପାଲଟିଛି ପୁଲିସ୍ ପ୍ରଶାସନ

## ପ୍ରତିଶ୍ରୁତିର ୨ ଦିନ ପରେ ବି ଧରାପଡ଼ିଲାନି ଶଶୀକାନ୍ତଙ୍କ ହତ୍ୟାକାରୀ

ଡେରାବିଶ, ୧୦।୭ (ସମିସ): ଚାନ୍ଦୋଳ ଫାଣ୍ଡ ଅଧୀନରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ହତ୍ୟାକାଣ୍ଡ, ଚୋରି, ଛିନ୍‌ତାଇ, ନିଶା କାରବାର ବୃଦ୍ଧି ପାଉଥିବାବେଳେ ପୁଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଚାନ୍ଦୋଳ ପଞ୍ଚାୟତ ନରଣପଡ଼ା ଗ୍ରାମରେ ଶଶୀକାନ୍ତ ଦାଶଙ୍କୁ ସେହି ଗ୍ରାମର ପ୍ରଦୀପ୍ତ ଦାଶ ଓ ତାଙ୍କ ପୁଅ ନିଳାଦ୍ରୀ ଗତ ରବିବାର ସନ୍ଧ୍ୟାରେ ଆକ୍ରମଣ କରି ଗୁରୁତର କରିଥିଲେ। ଶଶୀକାନ୍ତ ୪ ଦିନ ମୃତ୍ୟୁ ସହ ସଂଗ୍ରାମ କରି ବୁଧବାର ଦିନ ମୃତ୍ୟୁବରଣ କରିଥିଲେ। ଅଞ୍ଚଳବାସୀ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ଶଶୀକାନ୍ତଙ୍କ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ୪୮ ଘଣ୍ଟା ମଧ୍ୟରେ ଶଶୀକାନ୍ତଙ୍କ ହତ୍ୟାକାରୀକୁ ଧରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାସ୍ତାରୋକ ହଟିଥିଲା। ପ୍ରତିଶ୍ରୁତି ଅବଧି ପୂରିଥିଲେ ହେଁ ପୁଲିସ୍ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇଛି। ସେହିପରି ବର୍ଷକ ତଳେ ୨୦୨୫ ଜୁଲାଇ ୧୧ ତାରିଖରେ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ପ୍ରମୋଦ ସେଠୀଙ୍କୁ କେହି ଦୁର୍ବୃତ୍ତ କରିଥିଲେ। ଏହି ହତ୍ୟାକାଣ୍ଡର ତଦନ୍ତ ପୁଲିସ୍ ଫାଇଲ୍ ତଳେ ରହିଯାଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହି ଥାନା ଅଞ୍ଚଳରେ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଣ୍ଡରା ଷ୍ଟେଟ ବ୍ୟାଙ୍କ ଏଟିଏମ ଅଚଳ

ପଟ୍ଟାମୁଣ୍ଡାଇ,୧୦।୭ (ସମିସ): ଅଣ୍ଡରା ସମବାୟ ସମିତି କଲ୍ୟାଣ ମଣ୍ଡପରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ୪ ମାସ ହେବ ଅଚଳ ହୋଇପଡିଛି। ଫଳରେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଏଟିଏମ ପୂର୍ବରୁ ଅମୃତମଣୋହି-ଅଣ୍ଡରା ସୀମାରେ ଘରୋଇ ଜାଗାରେ ଖୋଲାଯାଇଥିଲା। ବନ୍ୟା ସମୟରେ ଏଟିଏମ ବୁଡି ଯାଇଥିଲା ଓ ପରେ ଏହି ଏଟିଏମ ଅଣ୍ଡରାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଜନସାଧାରଣଙ୍କ ବାରଣ ସତ୍ତ୍ୱେ ଏଟିଏମର ପୁରୁଣା ମେସିନ ପରିବର୍ତ୍ତନ କରା ନ ଯାଇ ସେହି ପୁରୁଣା ମେସିନ ବସାଯିବା ଫଳରେ ଏଟିଏମ ମେସିନ ୪ ମାସ ହେବ ଅଚଳ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାର କରିବାକୁ ସମବାୟବିତ ଚିତ୍ତରଞ୍ଜନ ମଲ୍ଲିକ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ଜିଲ୍ଲା ଜଜଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୧୦।୭ (ସମିସ): ନବନିଯୁକ୍ତ ଜିଲ୍ଲା ଜଜ୍ ଦୀପକ କୁମାର ଆଜି ପଟ୍ଟାମୁଣ୍ଡାଇ କୋର୍ଟ ପରିଦର୍ଶନରେ ଆସିଥିଲେ। ଜିଲ୍ଲା ଜଜ କୋର୍ଟ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ନିମନ୍ତ୍ରଣ କ୍ରମେ ଜିଲ୍ଲା ଜଜ ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏ ଅବସରରେ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ଉପସଭପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବିନ୍ଦ୍ର ଦାଶ, ଯୁଗ୍ମସମ୍ପାଦକ ସମ୍ପାଦକ କୁମାର ସତ୍ୟନାରାୟଣ ନାୟକ, କୋଷାଧ୍ୟକ୍ଷ ଗୀତାଞ୍ଜଳି ପୃଷ୍ଟି ଓ ପାଠାଗାର ସମ୍ପାଦିକା ସିନାରାଣୀ ଓଝା ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଜିଲ୍ଲା ଜଜ୍‌ଙ୍କୁ ବିପୁଳ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଓକିଲ ସଂଘ ପ୍ରତିଷ୍ଠାତା ସଭାପତି ଅନନ୍ତ ଦାଶ, ସମ୍ପାଦକ ଭୀମସେନ ପ୍ରଧାନ ଉପସ୍ଥିତ ଥିଲେ। ଉପସଭାପତି ଗୋପୀନାଥ ତ୍ରିପାଠୀ, ଆଡ଼ଭୋକେଟ ବିଦ୍ୟାଭୂଷଣ ଦାଶ ଓ ହୃଦାନନ୍ଦ ମହାନ୍ତି ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲା ଜଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ବିକଶିତ ଗାଁ ବିକଶିତ ଓଡ଼ିଶା କାମକୁ ନେଇ ବିବାଦ

## ମୁହାଁମୁହିଁ ସ୍ଥିତିରେ ବିଧାୟକଙ୍କ ସମର୍ଥକ ଓ ସରପଞ୍ଚ

ଗରଦପୁର, ୧୦।୭ (ସମିସ)

ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ବ୍ଲକ କଳାବୁଦା ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାମକୁ ନେଇ ବିବାଦ ଦେଖାଦେଇଛି। ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ନେଇ ବିଧାୟକଙ୍କ ସମର୍ଥକ ଓ ସରପଞ୍ଚ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ସ୍ଥାନୀୟ ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଶନି ମନ୍ଦିର ନିକଟରେ ଉପରୋକ୍ତ ଯୋଜନାରେ ୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ପ୍ରଦାନ କରିଥିଲେ। ଏହି କାମକୁ ସରପଞ୍ଚ ପ୍ରଜ୍ଞା ପ୍ରିୟଦର୍ଶିନୀ ଦାସ କରିବେ ବୋଲି ବିଡିଓ ଆଲୋକ ସେଠୀ ଅନୁମୋଦନ କରି କାମ ଆରମ୍ଭ କରିବାକୁ ସରପଞ୍ଚଙ୍କୁ କହିଥିଲେ। ବିଡିଓଙ୍କ କହିବା ମୁତାବକ ସରପଞ୍ଚ ସରକାରୀ ନିୟମ ଅନୁସାରେ ପ୍ରଥମେ ଗତମାସ ୨୩ ତାରିଖରେ କାର୍ଯ୍ୟ ହେବା ସ୍ଥାନର ଫିଜିବିଲିଟ୍ ଓ ଜିଓ ଟ୍ୟାଗ୍ ଫଟୋ ବିଡିଓଙ୍କୁ ପଠାଇ କାମ ଆରମ୍ଭ କରିଥିଲେ। ତେବେ ଗତକାଲି ପୁର୍ନବାର ବିଡିଓ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ପୁଣିଥରେ ଲେଆଉଟ୍ ଦେଇ ବିଧାୟକଙ୍କ ସମର୍ଥକଙ୍କୁ ଉକ୍ତ କାର୍ଯ୍ୟ କରିବା ପାଇଁ କହିବା ପରେ ଏବେ ବିବାଦ ଦେଖ ଦେଇଛି। ଉକ୍ତ କାମକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖା ଦେଇ ମୁହାଁମୁହିଁ ସ୍ଥିତି ଉପୁଜିଛି। କାମ ଆରମ୍ଭ ପୂର୍ବରୁ ବିଡିଓଙ୍କ ସହମତିରେ ଗୋବିନ୍ଦପୁର ଗ୍ରାମ୍ୟ ରାସ୍ତା ପାଇଁ ୩ ଲକ୍ଷ, ପୁରୁଣା ଦେବୀ ରାସ୍ତା ୩ ଲକ୍ଷ, ବୁଢ଼ୀ ଜାଗୁଲାଇ ମନ୍ଦିର ସାଂସ୍କୃତିକ କେନ୍ଦ୍ର ପାଇଁ ୬ ଲକ୍ଷ ୭୨ ହଜାର ଓ ଶନି ମନ୍ଦିରଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ୬ ଲକ୍ଷ ୫୦ ହଜାର ଟଙ୍କାର କାମ ବିଜେପି କରିବା ପାଇଁ ସ୍ଥିର ହୋଇଥିବାବେଳେ ବିଜେଡି ସମର୍ଥିତ ସମିତି ସଭ୍ୟଙ୍କୁ ଅଣ୍ଡାଳୋଠାରେ ଭୋଗ ମଣ୍ଡପ ନିର୍ମିତ ପାଇଁ ୬ ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ବୈଠକରେ ସ୍ଥିରୀକୃତ ହୋଇଥିବାବେଳେ ଏ ସମ୍ବନ୍ଧରେ ସରପଞ୍ଚଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟ କରିବା ନିମନ୍ତେ ସରପଞ୍ଚ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ବିଧାୟକ ସମର୍ଥିତ ବିଧାୟକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ବିଧାୟକ ହସ୍ତକ୍ଷେପ କରିଥିଲେ। ଫଳରେ ବିଧାୟକଙ୍କ ସମର୍ଥିତଙ୍କୁ ବୁଢ଼ୀ ଜାଗୁଲାଇ ମନ୍ଦିର କାର୍ଯ୍ୟ କରିବା ପାଇଁ ସରପଞ୍ଚ ଛାଡ଼ି ଦେଇଥିଲେ। କିନ୍ତୁ ବିଧାୟକଙ୍କ ସମର୍ଥକଙ୍କ ଏତିକିରେ ମନ ବୁଝି ନ ଥିଲା। ସେମାନେ ପୁନର୍ବାର ବିଧାୟକଙ୍କୁ କହିବା ପରେ ବିଧାୟକ ବିଡିଓଙ୍କ ଉପରେ ଚାପ ପକାଇ ସରପଞ୍ଚଙ୍କ ସମର୍ଥକ କାମ ନେଇଥିବା ଶନି ମନ୍ଦିର ଗୋଷ୍ଠୀ କେନ୍ଦ୍ରକୁ ଆଉଥରେ କନିଷ୍ଠ ଯନ୍ତ୍ରୀଙ୍କୁ ଆଉଟ୍ ଦେଇ କାମ ଆରମ୍ଭ କରିବାକୁ କହିଲା ପରେ ବିବାଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିନିଧି ବଳରାମ ଦାସ ବିଡିଓଙ୍କୁ ପଚାରିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କହିଲା ପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହି କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଛନ୍ତି ବୋଲି କହିଛନ୍ତି। ଏହି ଛୋଟ କାମକୁ ଯଦି ବିଧାୟକଙ୍କ କଥାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରୁଛନ୍ତି, ତେବେ ପାଟକୁରାରେ ବିଜେପି କର୍ମୀ ଏବେ ବିଜେପିକୁ ଭୋଟ ଦେଇ କାନମୁଣ୍ଡ ଆଉଁସି ବସିଛନ୍ତି ବୋଲି ଆଲୋଚନା ହେଉଛି।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ଜନ-ସଙ୍କୋଚନ

ଯୁବଶକ୍ତିର ଦେଶ ଭାବେ ବିଶ୍ୱରେ ପରିଚୟ ଲାଭ କରିଥିବା ଭାରତର ଅଦୃଶ୍ୟ ସଙ୍କଟ ତାହାର ଜନସାଂଖ୍ୟିକ ସ୍ଥିତି ମଧ୍ୟରେ ଲୁଚି ରହିଛି। ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଏକପକ୍ଷରେ ବୟସ୍କଙ୍କ ସଂଖ୍ୟା ବଢୁଥିବା ବେଳେ ଜନ୍ମହାର ବା ପ୍ରଜନନ ହାର ହ୍ରାସ ପାଇଚାଲିଛି। ଜନ୍ମହାର ବୃଦ୍ଧି ସପକ୍ଷରେ ଦକ୍ଷିଣ ଭାରତୀୟ ନେତାମାନେ ଗୁରୁତ୍ୱ ଦେଉଥିଲେ ହେଁ ତାହା ରାଜନୀତିର ଗଣ୍ଡି ଭିତରେ ସୀମିତ ରହିଯାଉଥିବାରୁ ଯଥୋଚିତ ଗୁରୁତ୍ୱ ଲାଭ କରିପାରୁନାହିଁ। ୧୪୫କୋଟି(ଆନୁମାନିକ) ବିଶାଳ ଜନବୋଝ, ୮୦ କୋଟି ପରିବାରକୁ ମାଗଣା ରାସନ୍ ବଣ୍ଟନ ସମେତ ଅନ୍ୟାନ୍ୟ ରିହାତି ଜନିତ ଭୋଟ-ରାଜନୀତିର ବାଧବାଧକତା ପୃଷ୍ଠଭୂମିରେ ପରିବାର ନିୟନ୍ତ୍ରଣ ବା ଜନ୍ମହାର ହ୍ରାସ ସପକ୍ଷରେ ମତ ପ୍ରକାଶ ପାଉଛି। ଅପରପକ୍ଷରେ ଏହି ମାନସିକତା ଓ ଧାରା ଜାରି ରହିଲେ ଆଗାମୀ ୨୫/୩୦ ବର୍ଷ ପରେ ଭାରତ ଯୁବଶକ୍ତିର ଅଭାବୀ ଦେଶ ଭାବରେ ପରିଗଣିତ ହେବା ଆଶଙ୍କାକୁ ଅସ୍ୱୀକାର କରିହେବ ନାହିଁ।

ସ୍ୱାଧୀନତା ପରେ ପରେ ଭାରତ ଆଗରେ ମୁଖ୍ୟ ଆହ୍ୱାନ ଥିଲା ଏହାର ବିଶାଳ ଜନସଂଖ୍ୟା। ଏକପକ୍ଷରେ ଦେଶ ବିଭାଜନ ଜନିତ ଅର୍ଥନୈତିକ ଦୁଃସ୍ଥିତି, ତିନିତିନିଟି ଯୁଦ୍ଧର ପ୍ରଭାବ, ବ୍ରିଟିଶ୍ ବିଧ୍ୱସ୍ତ ଭାରତୀୟ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ନୂଆ କରି ଗଢ଼ିବାର ଅଗ୍ରାଧିକାର କର୍ତ୍ତବ୍ୟ ସହିତ ଦେଶବାସୀଙ୍କୁ ଦୁଇଓଳି ଦୁଇମୁଠା ଖାଦ୍ୟ ଯୋଗାଣର ଅପରିହାର୍ଯ୍ୟ ଦାୟିତ୍ୱବୋଧ ମଧ୍ୟରେ ସମତୁଲତା ଆଣିବା ପାଇଁ ସେତେବେଳେ ପରିବାର ନିୟୋଜନ ବା ଜନ୍ମ ନିୟନ୍ତ୍ରଣକୁ ସରକାର ପ୍ରୋତ୍ସାହନ ଦେବା ନିତାନ୍ତ ଆବଶ୍ୟକ ଥିଲା। କିନ୍ତୁ ଏବେ ପରିସ୍ଥିତି ଓଲଟମୁହାଁ ହୋଇଛି। ଜନ୍ମହାର ବା ପ୍ରଜନନ ହାର ବୃଦ୍ଧି ପାଇଁ ବିଭିନ୍ନ ରାଷ୍ଟ୍ର ବିଭିନ୍ନ ଲୋ।ଭନୀୟ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆନ୍ଧ୍ରପ୍ରଦେଶ ଦେଶର ପ୍ରଥମ ରାଜ୍ୟ ଭାବେ ତୃତୀୟ ସନ୍ତାନ ଜନ୍ମ ପାଇଁ ଦମ୍ପତିଙ୍କୁ ଉତ୍ସାହିତ କରିବାକୁ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛି।

ଅର୍ଥନୈତିକ ଓ ସମା।ଜିକ ପ୍ରଗତି ସହିତ ଜନ୍ମ ଓ ମୃତ୍ୟୁ ହାର ହ୍ରାସ ପାଇବା ସ୍ୱାଭାବିକ। କିନ୍ତୁ ଏହା ଯେଉଁ ହାରରେ ହ୍ରାସ ପାଉଛି ତାହା ସମାଜ ବିଜ୍ଞାନୀମାନଙ୍କୁ ଚିନ୍ତିତ କରିଛି। ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱରେ ମଧ୍ୟ ସୃଷ୍ଟି ହୋଇସାରିଛି। ବୈଶ୍ୱିକ ସ୍ୱାଭାବିକ ପ୍ରଜନନ ହାର ୨.୧(ଜଣେ ମହିଳାଙ୍କ ପିଛା ହାରାହାରି ଜନ୍ମିତ ସନ୍ତାନ ୨ରୁ ଅଧିକ)ଧାର୍ଯ୍ୟ କରାଯାଇଛି। ୧୯୬୦ ବେଳକୁ ବୈଶ୍ୱିକ ସ୍ତରରେ ହାରାହାରି ପ୍ରଜନନ ହାର ୫.୩ ଥିବା ବେଳେ ୨୦୨୪ ବେଳକୁ ଏହା ୨.୨କୁ ହ୍ରାସ ପାଇଛି। ଏହି ସମୟ ଭିତରେ ଭାରତରେ ପ୍ରଜନନ ହାର ୫.୯ରୁ ୧.୯(ସଦ୍ୟତମ ନମୁନା ପଞ୍ଜିକରଣ ତଥ୍ୟ)କୁ ହ୍ରାସ ପାଇଛି। ସାକ୍ଷରତା, ସଚେତନତା ବୃଦ୍ଧି ସହିତ ମହିଳାମାନେ ଅଧିକରୁ ଅଧିକ କର୍ମଜୀବୀ ହେବାର ଆକାଂକ୍ଷା ଏବଂ ଦରଦାମ ବୃଦ୍ଧି ଜନିତ ଆର୍ଥିକ ଚାପ ପ୍ରଜନନ ହାରକୁ ହ୍ରାସ କରୁଛି। ତେଣୁ ଜାପାନ୍, ଦକ୍ଷିଣ କୋରିଆ ଭଳି ବିକଶିତ ଦେଶମାନଙ୍କରେ ପ୍ରଜନନ ହାର ଯଥାକ୍ରମେ ୧.୧ ଓ ୦.୭ ରହିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ଦେଶମାନଙ୍କରେ ଏହା ହାରାହାରି ୪ରୁ ଅଧିକ ରହିଛି। ଏହାଛଡ଼ା ସାମାଜିକ ଗଣମାଧ୍ୟମର ପ୍ରଭାବ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ, ସାମାଜିକ-ଅର୍ଥନୈତିକ ଅସୁରକ୍ଷିତ ଭାବନା, ବୈଷୟିକ ଜ୍ଞାନକୌଶଳର ଦ୍ରୁତ ବିକାଶ ଆଦି ପ୍ରଜନନ ହାରକୁ ହ୍ରାସ କରିବାର ପ୍ରମୁଖ କାରକ।


ପ୍ରଜନନ ହାର ହ୍ରାସ ଯୋଗୁଁ ସମାଜରେ ଗୁରୁତର ବୟସଗତ ବୈଷମ୍ୟ ବଢ଼ିବାରେ ଲାଗିଛି। ଜୀବନର ପରିଣତ ବୟସରେ ଯୁବଶକ୍ତି ଉପରେ ନିର୍ଭରଶୀଳତା ଅନିବାର୍ଯ୍ୟ ଥିବା ବେଳେ ବିକଶିତ ଦେଶ ଓ ରାଜ୍ୟମାନଙ୍କରେ ପ୍ରଜନନ ହାର ହ୍ରାସ ଯୋଗୁଁ ବାର୍ଦ୍ଧକ୍ୟରେ ଦେଖାଶୁଣା କରିବାକୁ ଯୁବଶକ୍ତିର ଅଭାବ ରହୁଛି ଏବଂ ବାର୍ଦ୍ଧକ୍ୟ ଏକ ବୋଝ ପାଲଟି ଯାଉଛି। ଭାରତରେ ଏହି ସମସ୍ୟା ଆହୁରି ସାଂଘାତିକ ଓ ଉଦ୍‌ବେଗଜନକ। ଭାରତରେ ଏବେ ଜାତୀୟ ପ୍ରଜନନ ହାର ୧.୯ ରହିଥିଲେ ମଧ୍ୟ ସହରାଞ୍ଚଳରେ ଏହା ୧.୫ରେ ସୀମିତ ରହିଛି। ଦିଲ୍ଲୀରେ ୧.୨; କେରଳ, ତାମିଲନାଡୁ, ପଶ୍ଚିମବଙ୍ଗରେ ପ୍ରଜନନ ହାର (୧.୩) ଆମେରିକା, ଫିନ୍‌ଲାଣ୍ଡ, ଜାପାନ୍‌ଠାରୁ ମଧ୍ୟ କମ୍। ଅପରପକ୍ଷରେ ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଭଳି କିଛି ଉତ୍ତରଭାରତୀୟ ରାଜ୍ୟରେ ପ୍ରଜନନ ହାର ଜାତୀୟ ଧାର୍ଯ୍ୟ ହାରଠାରୁ ଅଧିକ। ପ୍ରଜନନ ହାରରେ ଏଭଳି ଆଞ୍ଚଳିକ ତାରତମ୍ୟ ଗୁରୁତର ମାନବ ସମ୍ବଳ-ବୈଷମ୍ୟ ସୃଷ୍ଟି କରିବା ସହିତ ହାରାହାରି ମୁଣ୍ଡପିଛା ଆୟ, ଟିକସ ରାଜସ୍ୱ ଆଦିର ସଂକୋଚନ ଜରିଆରେ ଅର୍ଥନୀତିକୁ ପ୍ରଭାବିତ କରିବା ପ୍ରାୟ ନିଶ୍ଚିତ। ପ୍ରଜନନ ହାରରେ ହ୍ରାସ ବା ଜନ-ସଂକୋଚନ ଆଗାମୀ ଦିନରେ ବିନିର୍ମାଣ, ସେବା, ଶିଳ୍ପ ଆଦି କ୍ଷେତ୍ରରେ ମଧ୍ୟ ଅନୁଭୂତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଭାରତରେ ୧୫ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ୬୦ ବର୍ଷରୁ ଅଧିକ ହୋଇଥିବା ବେଳେ ୨୦୫୦ ସୁଦ୍ଧା ଏମାନଙ୍କ ସଂଖ୍ୟା ୩୪.୭ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେଣୁ ଯୁବଶକ୍ତି ବା କର୍ମକ୍ଷମ ମାନବ ସମ୍ବଳର ହ୍ରାସ ଘଟିଲେ ପାରିବାରିକ ଅର୍ଥନୀତି ମଧ୍ୟ ଚାପଗ୍ରସ୍ତ ହେବ। ନିତି ଆୟୋଗର ରିପୋର୍ଟ ଅନୁଯାୟୀ ଭାରତରେ ଏବେ ୭୦% ବୟୋବୃଦ୍ଧ ପରିବାରର ଅନ୍ୟ ସଦସ୍ୟଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ୭୮% ଜୀବନ ଜିଇଁବାର ସର୍ବନିମ୍ନ ଅପରିହାର୍ଯ୍ୟ ଆର୍ଥିକ ସାହାରା ବା ଭତ୍ତା ସୁବିଧାରୁ ବଞ୍ଚିତ। ଦିନକୁ ଦିନ ସ୍ୱାସ୍ଥ୍ୟ ବା ଚିକିତ୍ସା ସେବା ମହଙ୍ଗା ହେଉଥିବାରୁ ଆଗାମୀ ଦିନରେ ଭାରତ ବାର୍ଦ୍ଧକ୍ୟ ଓ ଅସୁସ୍ଥ ଦେଶ ଭାବେ ଅଲୋଡ଼ା ପରିଚୟ ସୃଷ୍ଟି କରିବା ହିଁ ସାର ହେବ।

ମାନବ ସମ୍ବଳ ବୈଷମ୍ୟର ଏକମାତ୍ର ସମାଧାନ ଭାବେ କର୍ମଶକ୍ତିର ଆନ୍ତଃପ୍ରବାହ ବା ରାଜ୍ୟାନ୍ତର ସପକ୍ଷରେ ମତ ପ୍ରକାଶ ପାଉଥିଲେ ହେଁ ଏହା ଦୀର୍ଘମିଆଦୀ ସମାଧାନର ସୂତ୍ର ନୁହେଁ। ଏଣୁ ସରକାର ଜନ-ସଙ୍କୋଚନ ପ୍ରସଙ୍ଗରେ ଗୁରୁତ୍ୱର ସହିତ ବିଚାର କରିବାର ସମୟ ଆସିଛି। ସଂସଦର ବହୁମୂଲ୍ୟ ସମୟକୁ ଅଯଥା ରାଜନୀତିର ଉଚ୍ଚାଟରେ କୋଳାହଳମୟ ନ କରି ଏଭଳି ଦୀର୍ଘ ଓ ଗୁରୁତର ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ବିଚାରବିମର୍ଶରେ ସମୃଦ୍ଧ କଲେ ଜନବହୁଳ ଭାରତ ଉପକୃତ ହୁଅନ୍ତା।

# ଭାରତୀୟ ନାଗରିକତାର ଦ୍ୱନ୍ଦ୍ୱ

ସୌଜନ୍ୟ କୁମାର ପରିଡ଼ା




ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ସମାନ ଅଧିକାର, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜି ମଧ୍ୟ ଦେଶର ଅନେକ ସାଧାରଣ ନାଗରିକ ଜାଣିନାହାନ୍ତି ଯେ ଭାରତୀୟ ନାଗରିକତାର ପ୍ରକୃତ ଆଇନଗତ ପ୍ରମାଣ କ'ଣ? କେଉଁ ଦଲିଲକୁ ଅନ୍ତିମ ଭାବେ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରାଯିବ? ଏହି ପ୍ରଶ୍ନ ଆଜି କେବଳ ଆଇନଗତ ନୁହେଁ, ବରଂ ସାମାଜିକ ଓ ଜାତୀୟ ଚର୍ଚ୍ଚାର ବିଷୟ ପାଲଟିଛି। ନାଗରିକତା କେବଳ ଏକ ଆଇନଗତ ପରିଚୟ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ସମ୍ବିଧାନିକ ଅଧିକାର, ସମ୍ମାନ ଓ ରାଷ୍ଟ୍ର ସହ ତାଙ୍କର ସମ୍ପର୍କର ମୂଳ ଆଧାର। ତେଣୁ ନାଗରିକତା ପ୍ରମାଣ ନେଇ କୌଣସି ଅସ୍ପଷ୍ଟତା ରହିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ କେବେ ଶୁଭ ସଙ୍କେତ ନୁହେଁ।

ସମୟ ସମୟରେ ନାଗରିକତା ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି), ଜନଗଣନା, ଭୋଟର ତାଲିକା ସଂଶୋଧନ କିମ୍ବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ଆଲୋଚନା ହେବା ସମୟରେ ଲୋକଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୁଏ। କେହି କହନ୍ତି ଆଧାର କାର୍ଡ ହିଁ ନାଗରିକତାର ପ୍ରମାଣ, କେହି କହନ୍ତି ଭୋଟର ପରିଚୟପତ୍ର, ଆଉ କେହି ପାସପୋର୍ଟ କିମ୍ବା ଜନ୍ମ ପ୍ରମାଣପତ୍ରକୁ ଚୂଡ଼ାନ୍ତ ଦଲିଲ ବୋଲି ମନେ କରନ୍ତି। ଏହି ବିଭ୍ରାନ୍ତି ଲୋକଙ୍କ ମନରେ ଭୟ ଓ ଅନିଶ୍ଚିତତା ସୃଷ୍ଟି କରୁଛି।

ବାସ୍ତବରେ ଭାରତୀୟ ନାଗରିକତା 'ନାଗରିକତା ଆଇନ-୧୯୫୫' ଅନୁଯାୟୀ ନିର୍ଣ୍ଣୟ ହୁଏ। ଏହି ଆଇନରେ ଜନ୍ମ, ବଂଶାନୁକ୍ରମ, ପଞ୍ଜୀକରଣ, ସ୍ୱାଭାବିକୀକରଣ ଓ ଭୂଖଣ୍ଡ ମିଶ୍ରଣ ମାଧ୍ୟମରେ ନାଗରିକତା ପ୍ରଦାନର ବ୍ୟବସ୍ଥା ରହିଛି। ଆଇନ ନାଗରିକତା ପ୍ରାପ୍ତିର ଉପାୟ କହିଛି; କିନ୍ତୁ ସମସ୍ତ ଭାରତୀୟଙ୍କ ପାଇଁ ଏକକ 'ନାଗରିକତା ପ୍ରମାଣପତ୍ର' ଜାରି କରିବାର ବ୍ୟବସ୍ଥା ନାହିଁ। ଏହି କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଯାଉଛି। ଆଧାର ଆଇନ ସ୍ପଷ୍ଟ କହିଛି ଯେ ଆଧାର କେବଳ ପରିଚୟ ଓ ବାସସ୍ଥାନ ସହ ଜଡ଼ିତ ଏକ ଦଲିଲ, ଏହା ନାଗରିକତାର ପ୍ରମାଣ ନୁହେଁ। ସେହିପରି ଭୋଟର ପରିଚୟପତ୍ର ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦର୍ଶନ କରେ, ପାନ୍ କାର୍ଡ କରଦାତାଙ୍କ ପରିଚୟ, ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚଳାଇବାର ଅନୁମତି ଏବଂ ରାସନ କାର୍ଡ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇଁ ବ୍ୟବହୃତ ହୁଏ। ପାସପୋର୍ଟ ଜାରି କରିବା ସମୟରେ ନାଗରିକତା ସମ୍ବନ୍ଧୀୟ ଯାଞ୍ଚ ହୁଏ; କିନ୍ତୁ ଆଇନର ବ୍ୟବହାରିକ ପ୍ରୟୋଗରେ କେଉଁ ଦଲିଲ କେଉଁ ପରିସ୍ଥିତିରେ ଚୂଡ଼ାନ୍ତ ପ୍ରମାଣ ହେବ, ତାହା ନେଇ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା ନାହିଁ।

ଏହି ଅସ୍ପଷ୍ଟତାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ଗରିବ, ଗ୍ରାମାଞ୍ଚଳବାସୀ, ବୟସ୍କ ନାଗରିକ, ଆଦିବାସୀ, ପ୍ରାକୃତିକ ବିପର୍ଯ୍ୟୟରେ ଦଲିଲ ହରାଇଥିବା ପରିବାର ଏବଂ ଅଶିକ୍ଷିତ ଲୋକଙ୍କ ଉପରେ। ଅନେକଙ୍କ ପାଖରେ ପୁରୁଣା ଜନ୍ମ ପ୍ରମାଣପତ୍ର ନାହିଁ। ଅନେକ ସ୍ଥାନରେ ପୂର୍ବରୁ ଜନ୍ମ ପଞ୍ଜୀକରଣର ପ୍ରଚଳନ ମଧ୍ୟ ନଥିଲା। ବନ୍ୟା, ବାତ୍ୟା କିମ୍ବା ଅଗ୍ନିକାଣ୍ଡରେ ଦଲିଲ ନଷ୍ଟ ହୋଇଯାଇଥିବା ପରିବାର ମଧ୍ୟ ଅଛନ୍ତି। ଏଭଳି ପରିସ୍ଥିତିରେ ସେମାନେ କିପରି ନିଜ ନାଗରିକତା ପ୍ରମାଣ କରିବେ? ଏହାର ସ୍ପଷ୍ଟ ଉତ୍ତର ସାଧାରଣ ଲୋକଙ୍କ ପାଖରେ ନାହିଁ। ଏକ ଗଣତାନ୍ତ୍ରିକ ଦେଶରେ ନାଗରିକମାନେ ନିଜ ଅଧିକାର ଓ ଆଇନଗତ ସ୍ଥିତି ବିଷୟରେ ସ୍ପଷ୍ଟ ଭାବରେ ଜାଣିବା ଉଚିତ। ଏହା ସରକାରଙ୍କ ମଧ୍ୟ ଦାୟିତ୍ୱ ଯେ ସେମାନେ ଲୋକଙ୍କୁ ସରଳ ଭାଷାରେ ଆଇନ ବୁଝାଇବେ। ଆଇନ କେବଳ ଓକିଲ କିମ୍ବା ଅଧିକାରୀଙ୍କ ପାଇଁ ନୁହେଁ, ବରଂ ସାଧାରଣ ଲୋକଙ୍କ ବୁଝିବା ପାଇଁ ମଧ୍ୟ ହେବା ଦରକାର।

ଆଜି ଦେଶର ଆବଶ୍ୟକତା ହେଉଛି କେନ୍ଦ୍ର ସରକାର ଗୋଟିଏ ସରକାରୀ 'ନାଗରିକତା ସ୍ପଷ୍ଟୀକରଣ ନିର୍ଦ୍ଦେଶିକା' ପ୍ରକାଶ କରନ୍ତୁ। ଏହି ନିର୍ଦ୍ଦେଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହୁ ଯେ କେଉଁ ଦଲିଲ କେବଳ ପରିଚୟ, କେଉଁଟି ବାସସ୍ଥାନର ପ୍ରମାଣ, କେଉଁଟି ଭୋଟଦାନର ଯୋଗ୍ୟତା ପ୍ରମାଣ କରେ ଏବଂ କେଉଁ ଦଲିଲ କିମ୍ବା ଦଲିଲଗୁଡ଼ିକର ସମନ୍ୱୟରେ ନାଗରିକତା ପ୍ରମାଣିତ ହୋଇପାରିବ। ସେହିପରି ଯେଉଁମାନଙ୍କ ପାଖରେ ପୁରୁଣା ରେକର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ କରାଯାଉ। ଏହି ନିର୍ଦ୍ଦେଶିକାକୁ ସମସ୍ତ ଭାରତୀୟ ଭାଷାରେ ପ୍ରକାଶ କରାଯିବା ସହ ଗ୍ରାମ ପଞ୍ଚାୟତ, ବ୍ଲକ, ତହସିଲ, ଜିଲ୍ଲା କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଡିଜିଟାଲ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଯିବା ଆବଶ୍ୟକ। ଏହାଦ୍ୱାରା ଗୁଜବ, ଭୁଲ ତଥ୍ୟ ଓ ଅନାବଶ୍ୟକ ଭୟର ଅବସାନ ଘଟିବ।

ସରକାର ଯଦି ଚାହାନ୍ତି, ତେବେ ଏକ ସ୍ୱେଚ୍ଛାକୃତ 'ନାଗରିକତା ପ୍ରମାଣପତ୍ର' ବ୍ୟବସ୍ଥା ସପକ୍ଷରେ ମଧ୍ୟ ବିଚାର କରିପାରନ୍ତି, ଯାହା ପାଇଁ ଆଇନସମ୍ମତ ଯାଞ୍ଚ ପରେ ଇଚ୍ଛୁକ ନାଗରିକମାନେ ଆବେଦନ କରିପାରିବେ। ଏହା କୌଣସି ବାଧ୍ୟତାମୂଳକ ପ୍ରକ୍ରିୟା ନୁହେଁ, ବରଂ ଭବିଷ୍ୟତରେ ନାଗରିକଙ୍କ ସୁବିଧା ପାଇଁ ଏକ ବିକଳ୍ପ ହୋଇପାରେ।

ଆମର ଉଦ୍ଦେଶ୍ୟ କୌଣସି ରାଜନୈତିକ ବିତର୍କ ସୃଷ୍ଟି କରିବା ନୁହେଁ। ଏହା ସାଧାରଣ ନାଗରିକଙ୍କ ଏକ ନ୍ୟାୟସଙ୍ଗତ ପ୍ରଶ୍ନ। ଯେତେବେଳେ ଜଣେ ଭାରତୀୟ ନିଜ ଦେଶର ନାଗରିକ, ସେତେବେଳେ ସେ ନିଶ୍ଚିତ ଭାବେ ଜାଣିବାର ଅଧିକାର ରଖନ୍ତି ଯେ ଆଇନ ଅନୁଯାୟୀ ତାଙ୍କ ନାଗରିକତାର ପ୍ରମାଣ କ'ଣ। ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନରେ ନୁହେଁ, ବରଂ ନାଗରିକଙ୍କ ବିଶ୍ୱାସରେ ନିହିତ। ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସ ଯେତେ ସୁଦୃଢ଼ ହେବ, ଦେଶ ସେତେ ଶକ୍ତିଶାଳୀ ହେବ। ସେହି ବିଶ୍ୱାସକୁ ଆହୁରି ଦୃଢ଼ କରିବା ପାଇଁ ନାଗରିକତା ଭଳି ସମ୍ବେଦନଶୀଳ ବିଷୟରେ ସ୍ପଷ୍ଟ, ସରଳ ଓ ସର୍ବସାଧାରଣଙ୍କ ପାଇଁ ବୋଧଗମ୍ୟ ସରକାରୀ ମାର୍ଗଦର୍ଶିକା ଜାରି କରିବା ଆଜିର ସମୟର ଆବଶ୍ୟକତା।

ନାଗରିକତା ଉପରେ ସ୍ପଷ୍ଟତା କେବଳ ଆଇନର ପ୍ରଶ୍ନ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ, ସମ୍ମାନ ଓ ଗଣତାନ୍ତ୍ରିକ ଅଧିକାର ସହ ଜଡ଼ିତ। ସେଥିପାଇଁ କେନ୍ଦ୍ର ସରକାର ଏହି ବିଷୟରେ ଯଥାଶୀଘ୍ର ଏକ ସ୍ପଷ୍ଟ ଓ ପ୍ରାମାଣିକ ନିର୍ଦ୍ଦେଶିକା ପ୍ରକାଶ କରନ୍ତୁ। ଏହା ଦ୍ୱାରା ଦେଶବାସୀଙ୍କ ମନରେ ଥିବା ସନ୍ଦେହ ଦୂର ହେବ, ଭ୍ରାନ୍ତିର ଅବସାନ ଘଟିବ ଏବଂ ଗଣତନ୍ତ୍ର ପ୍ରତି ଆସ୍ଥା ଆହୁରି ସୁଦୃଢ଼ ହେବ।

ବାରେ(କେନ୍ଦ୍ରାପଡ଼ା), ମୋ: ୮୨୪୯୯୪୩୨୪୭

# ଖେଳପଡ଼ିଆର ଆକର୍ଷଣ ଓ ଆକାଂକ୍ଷା

ଉମେଶ ପାତ୍ର



ଆମ ଘରଆଗରେ ଗୋଟେ ଖେଳ ପଡ଼ିଆ। ସୂର୍ଯ୍ୟର ପ୍ରଥମ କିରଣ ସେଠିକାର କାକର ଟୋପାକୁ ଛୁଇଁବା ପୂର୍ବରୁ ସେଠି ଜମିଯାଏ ଆମ ସାହି ପିଲାଙ୍କର ଭିଡ଼। ପଡ଼ିଆର ଗୋଟେ ଭାଗରେ ଫୁଟବଲ ଚାଲେ, ଅନ୍ୟ ଦୁଇ ଭାଗରେ କ୍ରିକେଟ। ସେ କ୍ରିକେଟର ବି ନିୟମ ନିଆରା। କାହା ପାଇଁ ଛକା ମାରିଲେ ଆଉଟ, ଆଉ କାହା ପାଇଁ ରନ କେବଳ ଡାହାଣ ପାର୍ଶ୍ୱରେ। ସେହି ପଡ଼ିଆରେ ସମାନ୍ତରାଳ ଭାବେ ଗତିଶୀଳ ତିନି-ଚାରିଟି ଖେଳର ପରିସୀମା ଯଦିଓ ଚପଲ, ଇଟାଗଡ଼ି କିମ୍ବା ପଥର ଦ୍ୱାରା ନିର୍ଦ୍ଧାରିତ, ତଥାପି ବେଳେବେଳେ ଏପାଖର ବଲଟି ସେପାଖକୁ ଅନୁପ୍ରବେଶ କରେ। ଏପରି ପରିସ୍ଥିତିରେ ନିର୍ବିବାଦରେ ପିଲାମାନେ ବଲଟିକୁ ଫେରସ୍ତ କରିଦିଅନ୍ତି। ରବିବାର ବ୍ୟତିରକେ ଅନ୍ୟ ଦିନଗୁଡ଼ିକରେ ପ୍ରାୟ ସକାଳ ୧୦ଟା ପର୍ଯ୍ୟନ୍ତ ପିଲାମାନଙ୍କର ଖେଳଗୋଳ ପୂରା ପଡ଼ିଆକୁ ହୁଲସ୍ଥୁଲ କରୁଥାଏ। ପୁଣି ଅପରାହ୍ନ ଚାରିଟା ପୂର୍ବରୁ ଉଇକେଟ ପୋତା ଆରମ୍ଭ ହେଇ ଯାଏ।

ଆଙ୍ଗୁଳି ମୁନରେ ବିଶ୍ୱର ଗବାକ୍ଷ ଖଞ୍ଜି ଦେଇଥିବା ମୋବାଇଲ ସାମ୍ପ୍ରତିକ ମଣିଷର ଖାଲି ସମୟ ଉପରେ ଏକଚାଟିଆ ରାଜୁତି କରୁଥିବା ବେଳେ ଆମ ସାହିର ପିଲାମାନେ ଏଭଳି ଏକ ଶାରୀରିକ ଏବଂ ସାମାଜିକ ମନୋରଞ୍ଜନର ପଛାରେ ଦିନକୁ ଦୁଇ ଥର ମନୋନିବେଶ କରିପାରୁଛନ୍ତି, ତାହା କମ ବିସ୍ମୟର କଥା ନୁହେଁ। ଆହୁରି ଖୁସିର କଥା ଯେ, ପରସ୍ପର ଖେଳରେ ମସଗୁଲ ହେଲେ ବି ଗୋଟେ ପଡ଼ିଆରେ ସେମାନଙ୍କ ମଧ୍ୟରୁ କାହାରି ଏକାଧିକାର ରହେ ନାହିଁ। ଗଣତାନ୍ତ୍ରିକ ପଦ୍ଧତିରେ ସେମାନେ ନିଜ ମାଟିରେ ନିଜ ଖେଳ ଖେଳନ୍ତି। ତଥାପି ସେ ଖେଳପଡ଼ିଆ ସମ୍ପୂର୍ଣ୍ଣ ରୂପରେ ଆମ ସାହିର ବାଳୁତ ବା ଯୁବବୃନ୍ଦଙ୍କୁ ଖେଳିବା ପାଇଁ ସମତାର ଅଧିକାର ଦିଏ, ତାହା ସତ୍ୟ ନୁହେଁ। କାରଣ ସେହି ପଡ଼ିଆରେ ଖଣ୍ଡିଏ ବି ଜାଗା ନାହିଁ ଆମ ସାହିର ମହିଳା ଖେଳାଳିଙ୍କ ପାଇଁ।

ଆମ ସାହିର ଝିଅମାନେ ଯେ ଖେଳନ୍ତି ନାହିଁ, ତାହା ନୁହେଁ। କୁନି ଝିଅମାନେ ପ୍ରାୟତଃ ସନ୍ଧ୍ୟା ବେଳେ ଲୁଚକାଳି ଖେଳ ଖେଳନ୍ତି ଘର ଦୁଆର ପାଖାପାଖି। ଶୀତଦିନେ ଅନେକେ ନିଜ ଘର ଅଗଣାରେ ନିଜ ପରିବାର ଲୋକ ବା ଅନ୍ୟ ବନ୍ଧୁ-ବାନ୍ଧବୀଙ୍କ ସାଙ୍ଗରେ ବ୍ୟାଡମିଣ୍ଟନ ଖେଳନ୍ତି। ଆମ ସାହିର କିଛି ବୟସ୍କ ମହିଳାମାନେ ତ ତାସ ଖେଳରେ ବି ପାରଙ୍ଗମ। ବୟସ ନିର୍ବିଶେଷରେ ଅନେକ ମହିଳା ଘର ଭିତରେ ଲୁଡୋ, କ୍ୟାରମ ବା ଶତରଞ୍ଜ ବି ଖେଳୁଥା'ନ୍ତି। କିନ୍ତୁ କ୍ରିକେଟ ବା ଫୁଟବଲ ଭଳି ଖୋଲା ପଡ଼ିଆର ଖେଳ ଆମ ଓଡ଼ିଆ ଘରର ଝିଅମାନଙ୍କ ପାଇଁ ଅନେକାଂଶରେ ହାତପାଆନ୍ତାର ଦୂରେ।

ଏହାପଛରେ ଅନେକ କାରଣ ରହିଛି। ଆମ ଝିଅମାନେ ପଦାକୁ ବାହାରିଲେ ନାନା ଲୋକ ନାନା କଥା କହିବେ। ସେମାନେ ପୁଣି ଏକ ସାର୍ବଜନୀନ ସ୍ଥାନରେ ଖେଳିଲେ ଅନେକ ଲୋଲୁପ, ସର୍ବଗ୍ରାସୀ ଦୃଷ୍ଟିର ଶିକାର ହେବେ। ଆମ ମନରେ ଥିବା ଆଶଙ୍କା ଯେ ତାଙ୍କୁ ଦେଖି କେହି ହୁଇସିଲ ମାରିବେ, କେହି ଅଶାଳୀନ ଇଙ୍ଗିତ କରିବେ, ଆଉ କେହି ଅରୁଚିକର ମନ୍ତବ୍ୟ କରିବେ। ଏହି ଆଶଙ୍କା ସମ୍ପୂର୍ଣ୍ଣ ରୂପେ ନିରାଧାର ନୁହେଁ। ସେଥିପାଇଁ ସ୍କୁଲ, କଲେଜ ବା ସ୍ୱତନ୍ତ୍ର କ୍ରୀଡ଼ା ସଂସ୍ଥାନର ପରିବେଷ୍ଟିତ ପରିସରକୁ ଛାଡ଼ିଦେଲେ କେତେଜଣ ଝିଅ ବା ଆମ ସହରର ପଡ଼ିଆରେ ଅବାଧରେ ନିଜ ସ୍ଥାନ ଅକ୍ତିଆର କରିପାରନ୍ତି?

ଯଦିଓ ଆମ ଗାଁ-ଗହଳିରେ ଆଜି ବି କିତକିତ ଭଳି ନାନାବିଧ ପାରମ୍ପରିକ ଖେଳ ଖେଳିବାରେ ଝିଅମାନଙ୍କୁ ଲୋକଲାଜ ବାଧା ଦିଏ ନାହିଁ, ଅନେକ ଉପାନ୍ତ ଅଞ୍ଚଳରେ ହକି, ଖୋ-ଖୋ ଆଦି ଖେଳରେ ବି ଆମ ଓଡ଼ିଆ ଝିଅମାନେ କିଛିମାତ୍ରାରେ ଆଗୁଆ। କିନ୍ତୁ ଆମ ସହରର ନାନାବିଧ ମୁକ୍ତ ଆକାଶତଳର ଖେଳ ପଡ଼ିଆରେ ଆଜି ବି ତାଙ୍କୁ ଖେଳିବାକୁ ସୁଯୋଗ ସେତେ ସ୍ୱଚ୍ଛନ୍ଦ ଭାବେ ପ୍ରାପ୍ତ ହୋଇନାହିଁ। ସତେକି ଆଜିଯାଏଁ କୌଣସି ଅଦୃଶ୍ୟ ରେଖା ସେମାନଙ୍କ ପାଇଁ ସେହି ପଡ଼ିଆକୁ ଯିବା ବାଟ ଅବରୋଧ କରି ରଖିଛି। ସାଙ୍ଗ ହୋଇ ଖୋଲାପଡ଼ିଆରେ ଖେଳିବା କେବଳ ଏକ ଶାରୀରିକ ବ୍ୟାୟାମ ଏବଂ ମନୋରଞ୍ଜନର ମାଧ୍ୟମ ନୁହେଁ; ତାହା ହେଉଛି ନିଜ ପରିବେଶରେ ନିଜ ପାଇଁ ସ୍ଥାନ ପ୍ରସ୍ତୁତ କରିବା ଏବଂ ମୁକ୍ତ ଆକାଶରେ ଅବାଧରେ ବିଚରଣ କରିବାର ଏକ ପ୍ରତୀକ।

ମୋ ଘର ଆଗର ଖେଳପଡ଼ିଆରେ ଖେଳୁଥିବା ପିଲାଙ୍କ ଭିତରୁ କେହି କେବେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିବ, ଅଥବା ଜାତୀୟ ଦଳରେ ସାମିଲ ହେବ, ସେକଥା ଭବିଷ୍ୟବାଣୀ କରିବାର ଯୋଗ୍ୟତା ମୋର ନାହିଁ। କିନ୍ତୁ ଯେଉଁଦିନ ସେହି ଖେଳପଡ଼ିଆରେ ଆମ ଘରର ଝିଅଙ୍କୁ ବି ସେତିକି ସହଜରେ ଆପଣେଇବ, ସେଦିନ ସେ ଜାଗା କେବଳ ଏକ କ୍ରୀଡ଼ା ପ୍ରାଙ୍ଗଣ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ପୃଷ୍ଠଭୂମିରେ ପରିଣତ ହୋଇଯିବ।

(ଇଂରାଜୀ ଅଧ୍ୟାପକ, ମହାତ୍ମା ଗାନ୍ଧୀ କେନ୍ଦ୍ରୟ ବିଶ୍ୱବିଦ୍ୟାଳୟ)
ମୋତିହାରି(ବିହାର), ମୋ: ୭୦୩୬୨୪୭୪୪୭

# 'ଆସ ଅଲାରେ ଖାଅ ଖିରି, ବାପ ଯାଇଛି ବିଦେଶ କରି'

ବିକ୍ରମ ମହାପାତ୍ର

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ମହାପ୍ରଭୁଙ୍କ ଅଣସର ସମୟରେ ବ୍ରହ୍ମଗିରିରେ ଶ୍ରୀଅଲାରନାଥଙ୍କ ପାଖରେ ଭକ୍ତଜନଙ୍କର ଭିଡ଼ ହୋଇଥାଏ। ଅନେକ ହୁଏତ ଜାଣି ନ ଥିବେ ଶ୍ରୀଅଲରାନାଥଙ୍କ ପ୍ରିୟବ୍ୟଞ୍ଜନ ହେଉଛି ଖିରି। କୋଟି ଭକ୍ତଙ୍କ ମନ ଓ ହୃଦୟରେ ଶ୍ରୀଅଲାରନାଥ ଖିରି ଖିଆ ଠାକୁର ଭାବରେ ପରିଚିତ।

ଅଣସର ଦର୍ଶନ ସମୟରେ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଖିରି ପ୍ରସାଦ ନିଶ୍ଚିତ ସେବନ କରିଥା'ନ୍ତି। ଆଉ ଶ୍ରଦ୍ଧା ଓ ଭକ୍ତିରେ ଘରକୁ ମଧ୍ୟ ନେଇଥା'ନ୍ତି। ଏ ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଶ୍ରୀଜିଉଙ୍କ ସେବାରେ ନିୟୋଜିତ ସେବାୟତ ମୀନକେତନ ବିଦେଶକୁ ଯାତ୍ରା କରିବା ପୂର୍ବରୁ ପତ୍ନୀଙ୍କୁ କହିଗଲେ ଶ୍ରୀଜିଉଙ୍କ ନୈବେଦ୍ୟ ଅର୍ପଣ ନିଜ ପୁଅ ମଧୁସୂଦନ ହାତରେ କରାଇବେ। ମାତ୍ର ୧୧ ବର୍ଷର ବାଳକ ମଧୁସୂଦନ, ଯିଏକି ପୂଜା ଅର୍ଚ୍ଚନା ଜାଣି ନଥିଲେ, ମା'ଙ୍କ ଦ୍ୱାରା ଘରେ ପ୍ରସ୍ତୁତ ଖିରି ନେଇ ଠାକୁରଙ୍କ ଆଗରେ ରଖି ଉଚ୍ଚାରଣ କରିଥିଲେ 'ଆସ ଅଲାରେ ଖାଅ ଖିରି, ବାପ ଯାଇଛି ବିଦେଶ କରି'। ଏହାପରେ ଶ୍ରୀଜିଉଙ୍କ ମନ୍ଦିର କବାଟ ବନ୍ଦ କରି ସାଙ୍ଗ ସହିତ ଖେଳିବାକୁ ଚାଲିଗଲେ। ସେଠାରୁ ଫେରି ଦ୍ୱାର ଫିଟାଇ ଖାଲି ପାତ୍ର ନେଇ ଘରକୁ ଫେରିଲେ। ମାଆ ପଚାରିଲେ ଖିରି ପ୍ରସାଦ କୁଆଡ଼େ ଗଲା? ମଧୁସୂଦନ କହିଲେ ଠାକୁର ସବୁ ଖାଇ ଦେଲେ।

ଏହାରି ଭିତରେ ମୀନକେତନ ବିଦେଶ ଯାତ୍ରା ସାରି ଘରକୁ ଫେରିବା ପରେ ପତ୍ନୀଙ୍କଠାରୁ ସବୁ ଶୁଣି ଆଶ୍ଚର୍ଯ୍ୟ ହେଲେ। ଖିରିତକ ନିଜେ ଖାଇଦେଇ ଠାକୁରଙ୍କ ନାମରେ ପୁଅ ମିଛି କହୁଥିବା ଭାବି ପରୀକ୍ଷା କରିବା ପାଇଁ ସ୍ଥିର କଲେ। ବାପ ଓ ପୁଅ ଏକା ସାଙ୍ଗରେ ଖିରି ନେଇ ମନ୍ଦିର ଭିତରୁ ଗଲେ। ମଧୁସୂଦନ ଅଲାରନାଥଙ୍କ ଆଗରେ ଖିରି ରଖି ପୂର୍ବ ଭଳି ଉଚ୍ଚାରଣ କରି ମନ୍ଦିର ବାହାରକୁ ଆସି କବାଟ ବନ୍ଦ କରିଦେଇ ସାଙ୍ଗମାନଙ୍କ ସହିତ ଖେଳିବାକୁ ଚାଲିଗଲେ। କିନ୍ତୁ ମୀନକେତନ ମନ୍ଦିର ଭିତରେ ଲୁଚି ରହି କଳାହାଟ ଦ୍ୱାର କବାଟ ଛିଦ୍ରରେ ଚାହିଁ ରହିଲେ ଠାକୁର ଖିରି ଖାଉଛନ୍ତି କି ନାହିଁ।

ଭକ୍ତର ମାନ ରଖିବାକୁ ଠାକୁର ନିଜେ ରତ୍ନ ସିଂହାସନରୁ ଓହ୍ଲାଇ ଆସି ଗରମ ଖିରି ଖାଇଲେ। କିନ୍ତୁ ତରବରରେ ଖାଇବା ବେଳେ ଶ୍ରୀଜିଉଙ୍କ ଦକ୍ଷିଣ ହସ୍ତ ଆଙ୍ଗୁଠି ଓ ଗରମ ଖିରି ପଡ଼ି ବକ୍ଷରେ ଫୋଟକା ହୋଇଗଲା। ଖାଇସାରି ଠାକୁର ଅନ୍ତର୍ଦ୍ଧାନ ହୋଇଗଲେ। ଏସବୁ ଅଲୌକିକ ଦୃଶ୍ୟ ଦେଖି ମୀନକେତନ ଭାବବିହ୍ୱଳ ହୋଇଗଲେ। ଆଜି ବି ଶ୍ରୀଜିଉଙ୍କ ଶ୍ରୀଅଙ୍ଗରେ ସେହି ଗରମ ଖିରି ଫୋଟକା ଚିହ୍ନ ରହିଛି ବୋଲି କୁହାଯାଏ। ସେଥିପାଇଁ ଦ୍ୱିପ୍ରହର ଧୂପରେ ଶ୍ରୀଜିଉଙ୍କ ପାଖରେ କେବଳ ଖିରି ଧୂପ ଉଠିଥାଏ। ବର୍ଷତମାମ ଖିରି ପ୍ରସାଦ ହେଉଥିବା ବେଳେ ଅଣସର ଦର୍ଶନ ସମୟରେ ପ୍ରତିଦିନ ଶହେ ହାଣ୍ଡିରୁ ଅଧିକ ଖିରି ପ୍ରସାଦ ଶ୍ରୀଜିଉଙ୍କ ପାଖରେ ଲାଗି ହୋଇଥାଏ। ଏବେ ଅଣସର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଖିରି ପ୍ରସାଦ ପାଇଁ ଆନନ୍ଦ ବଜାରରେ ଭିଡ଼ ଲଗାଇଛନ୍ତି। ଶ୍ରୀଜିଉଙ୍କ ଅତିପ୍ରିୟ ଖିରି ପ୍ରସାଦ ଭକ୍ତଙ୍କୁ ଟାଣି ଆଣୁଛି।

କଟକ, ମୋ: ୯୪୩୭୦୨୧୬୧୫

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ଲାଗୁ ହେବନି ମାଗଣା ଶିକ୍ଷା

## ସ୍ପଷ୍ଟ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୧୦।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ସରକାର ନିଷ୍ପତ୍ତି ନେବା ପରେ ମଧ୍ୟ ଅନେକ ଶିକ୍ଷାନୁଷ୍ଠାନରେ ନାମଲେଖା ସମୟରେ ଫି' ନେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ପଷ୍ଟିକରଣ ରଖିଛନ୍ତି। ସେ କହିଛନ୍ତି ଯେ, ପ୍ରଫେସନାଲ୍ ଓ ସେଲ୍ଫ ଫାଇନାନ୍ସି ପାଠ୍ୟକ୍ରମ ପାଇଁ ନାମଲେଖା ଫି ଦେବାକୁ ହେବ। ଏହା ବ୍ୟତୀତ ଅନ୍ୟ ସବୁ ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମରେ ମାଗଣା ଶିକ୍ଷାଦାନ ନୀତି ଲାଗୁ ହେବ। ବ୍ଲକ୍‌ଗ୍ରାଣ୍ଟ କଲେଜରେ ପଢୁଥିବା ପିଲାଙ୍କ ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ସରକାର ଟଙ୍କା ଦେବେ। ପିଲା ମାଗଣାରେ ପଢ଼ିବେ। ପିଲା ଦିଅନ୍ତୁ କି ସରକାର; କଲେଜ ଟଙ୍କା ପାଇଲେ ଗଲା ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେହିପରି ଚଳିତ ଶିକ୍ଷାବର୍ଷରେ ଟଙ୍କା ଦେଇ ନାମଲେଖାଇ ସାରିଥିବା ପିଲାଙ୍କ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ମାଗଣା ଶିକ୍ଷାଦାନ ଘୋଷଣା ପୂର୍ବରୁ ପିଲାମାନେ ନାମଲେଖାଇ ସାରିଛନ୍ତି। ଫି' ଦାଖଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମସ୍ତ ଟଙ୍କା ଫେରସ୍ତ କରାଯିବ ବୋଲି ସେ ଅଧିକ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ +୩ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ସଂଶୋଧିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ରେଗୁଲାର୍ ମୋଡ୍ ପ୍ରୋଗ୍ରାମ୍ ବା ନିୟମିତ ପାଠ୍ୟକ୍ରମ ପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ସେହିପରି ସେଲ୍ଫ ଫାଇନାନ୍ସ ଅଧୀନରେ ଥିବା ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀମାନେ ଫି' ଦେବାକୁ ପଡ଼ିବ। ଅନୁରୂପ ଭାବେ ଯେଉଁ ଶିକ୍ଷାନୁଷ୍ଠାନରେ ରେଗୁଲାର୍ ଓ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ ରହିଛି, ସେଠାରେ ରେଗୁଲାର୍ ପାଠ୍ୟକ୍ରମ ପାଇଁ ମାଗଣା ଓ ସେଲ୍ଫ ଫାଇନାନ୍ସ ପାଇଁ ଫି' ଦେବାକୁ ହେବ ବୋଲି କୁହାଯାଇଛି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଜେଆର୍‌ଏଫ୍ ଛାତ୍ର

ସମ୍ବଲପୁର,୧୦।୭ (ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସେସ୍‌ର ଜଣେ ଜୁନିଅର ରିସର୍ଚ୍ଚ ଫେଲୋ (ଜେଆର୍‌ଏଫ୍) ତାଙ୍କୁ ବିଭିନ୍ନସ୍ତରରେ ହଇରାଣ କରାଯିବା ସହ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ ହଇରାଣ ହରକତ, ୟୁଜିସି-ସିଏସଆଇଆର ଫେଲୋସିପ୍ ସକ୍ରିୟ କରିବାରେ ମନମୁଖୀ ବିଳମ୍ବ, ଆର୍ଥିକ ଅଭାବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯାତନା ଦିଆଯାଉଛି। ଏହାଫଳରେ ସେ ଆର୍ଥିକ ଅନଟନ ଓ ମାନସିକ ଚାପ ଦେଇ ଗତି କରୁଛନ୍ତି। ଏହି ପ୍ରସଙ୍ଗରେ ନ୍ୟାୟ ନ ମିଳିବାରୁ ସେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାସହ ସେ ବୁର୍ଲା ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସେସ୍‌ର ୟୁଜିସି-ସିଏସଆଇଆର ଜୁନିଅର ରିସର୍ଚ୍ଚ ଫେଲୋ ଏବଂ ପିଏଚ୍‌ଡି ସ୍କୋଲାର ରିଙ୍କୁ ମେହେରଙ୍କ ଅଭିଯୋଗ ଅନୁଯାୟୀ, ସେ ୨୦୨୫ ଡିସେମ୍ବରରେ ପିଏଚ୍‌ଡିରେ ନାମ ଲେଖାଇବା ପରେ ଫେବୃୟାରୀ ୨୩ରେ ୟୁଜିସି-ସିଏସଆଇଆର୍ ଜୁନିୟର ରିସର୍ଚ୍ଚ ଫେଲୋସିପ୍ (ଜେଆରଏଫ୍) ପାଇଁ ଯୋଗ୍ୟ ବୋଲି ଫଳାଫଳ ପ୍ରକାଶ ପାଇଥିଲା। ଫଳାଫଳ ଘୋଷଣା ପରେ ତୁରନ୍ତ ସେ ଯୋଗଦାନ ରିପୋର୍ଟ ଦାଖଲ କରିବା ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଇମେଲ୍ ମାଧ୍ୟମରେ ବିଭାଗୀୟ ମୁଖ୍ୟଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ଉତ୍ତର ମିଳି ନଥିଲା। ପରବର୍ତ୍ତୀ ସମୟରେ ଗବେଷଣା ଏବଂ ବିକାଶ ପ୍ରକୋଷ୍ଠ (ଆର୍‌ଡିସି)ର ପରାମର୍ଶ କ୍ରମେ ସେ ମାର୍ଚ୍ଚ ୧୨ରେ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ଯୋଗଦାନ ରିପୋର୍ଟ ଦାଖଲ କରିଥିଲେ। ତଥାପି ଯୋଗଦାନ ପାଇଁ ଫେଲୋସିପ୍ ଆୱାର୍ଡ ପତ୍ର ବାଧ୍ୟତାମୂଳକ ବୋଲି ବିଭାଗୀୟ ମୁଖ୍ୟ ଯୋଗଦାନ ରିପୋର୍ଟ ଗ୍ରହଣ ଏବଂ ପଠାଇବାକୁ ମନା କରିଦେଇଥିଲେ। ଫେଲୋସିପ୍ ଆୱାର୍ଡ ପତ୍ର ପାଇବା ପରେ ସେ ପୁଣି ମେ ୮ରେ ଯୋଗଦାନ ରିପୋର୍ଟ ଦାଖଲ କଲେ; ଯାହାକୁ ଆର୍‌ଡିସିକୁ ପଠାଗଲା। ମେ ୧୮ରେ ଆର୍‌ଡିସି ଦ୍ୱାରା ଗ୍ରହଣ କରାଯାଇଥିଲା। ତଥାପି ଯେତେବେଳେ ଫେଲୋସିପ୍ ସକ୍ରିୟକରଣ ପାଇଁ ନିର୍ଦ୍ଧାରିତ ୟୁଜିସି ଯୋଗଦାନ ଫର୍ମାଟ୍ ଦାଖଲ କରାଯାଇଥିଲା ପରବର୍ତ୍ତୀ ତାରିଖରୁ ନୂତନ ଯୋଗଦାନ ରିପୋର୍ଟ ଦାଖଲ କରିବାକୁ ତାଙ୍କୁ ପୁଣି ନିର୍ଦ୍ଦେଶ ଦିଆଯାଇଥିଲା। ଏହାଫଳରେ ଫେଲୋସିପ୍ ସକ୍ରିୟକରଣରେ ଆହୁରି ବିଳମ୍ବ ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ବାରମ୍ବାର ପ୍ରଶାସନିକ କାର୍ଯ୍ୟ ଯୋଗୁଁ ସେ ଯେଉଁ ସମୟ ମଧ୍ୟରେ ଯୋଗ୍ୟ ଥିଲେ ସେହି ସମୟ ପାଇଁ ଫେଲୋସିପ୍ ଲାଭରୁ ବଞ୍ଚିତ ହୋଇଛନ୍ତି। ଫେଲୋସିପ୍ ତାଙ୍କ ଆର୍ଥିକ ସହାୟତାର ଏକମାତ୍ର ଉତ୍ସ ଥିବାବେଳେ ଏଥିରେ ବିଳମ୍ବ ଆର୍ଥିକ ଅସୁବିଧା ସୃଷ୍ଟି କରିବା ସହ ଗବେଷଣା କାର୍ଯ୍ୟକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଛି। ସେ ମାନସିକ ଚାପ ମଧ୍ୟରେ ରହିଛନ୍ତି। ଏହି ଘଟଣାରେ ସେ ସମ୍ବିଧାନର ଧାରା ଅନୁଯାୟୀ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ମାନବାଧିକାର କମିଶନଙ୍କ ନିକଟରେ ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଏହାସହ ଶ୍ରୀ ମେହେର ବୁର୍ଲା ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

## ■ ଅଦାଲତ ଆଦେଶ ଅବମାନନା

# ହାଇକୋର୍ଟରେ ହାଜର ହେଲେ କନ୍ଧମାଳ ଏସ୍‌ପି

କଟକ,୧୦।୭(ସମିସ): ଏକ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ଆଜି କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହୋଇ କାରଣ ଦର୍ଶାଅ ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ଅନୁମୋଦନ ଏବଂ ସରକାରୀ ସ୍ତରରେ ବିଚାରାଧୀନ ଦୃଷ୍ଟିରୁ ଏସପି ଅଧିକ ସମୟ ଲୋଡ଼ିଥିଲେ। ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୭କୁ ଧାର୍ଯ୍ୟ କରିଛନ୍ତି। ଏଥିସହିତ କନ୍ଧମାଳ ଏସପିଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିଛନ୍ତି। ବଂଶୀଧର ବାରିକଙ୍କ ତରଫରୁ ଦାୟର ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଏମ.ଏସ.ରମଣ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ପୁଲିସ କନଷ୍ଟେବଳଙ୍କୁ ଏକ ଗଞ୍ଜେଇ ଚାଲାଣ ମାମଲାରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଅଦାଲତରେ ଦୋଷମୁକ୍ତ ହେବା ପରେ ବି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଏହି ଦଣ୍ଡ ମିଳିଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୨୦୨୪ରୁ ଏହି ବିଭାଗୀୟ ଦଣ୍ଡାଦେଶକୁ ରଦ୍ଦକରି ଆବେଦନକାରୀଙ୍କୁ ଚାକିରିରେ ପୁନର୍ବାର ଅବସ୍ଥାପିତ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ ଅନୁପାଳନ କରା ନଯିବା ନେଇ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ରାଜ୍ୟ ସରକାରଙ୍କ ୨ ବର୍ଷର ଶାସନ

# ୧୩ରେ ଓଡ଼ିଶା ଯୁବ ଜନତା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୦।୭(ସମିସ): ଆଗାମୀ ୧୩ ତାରିଖରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରି ରାଜ୍ୟ ସରକାରଙ୍କ ୨ ବର୍ଷର ବିଫଳ ଶାସନ ବିରୋଧରେ ଗର୍ଜିବ ଓଡ଼ିଶା ଜନତା କଂଗ୍ରେସ। ଏହି ଶୋଭାଯାତ୍ରାରେ ପାର୍ଟିର ସଭାପତି ଇଂ ମହମ୍ମଦ ମୋକିମ୍‌ଙ୍କ ସହ ଅନେକ ଯୁବ ନେତା ଓ ରାଜ୍ୟ ନେତୃତ୍ୱ ମଧ୍ୟ ଯୋଗଦେବେ। ବିଜେପିର ୨ ବର୍ଷ ଶାସନକାଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ଅବ୍ୟବସ୍ଥା, ଭିଡ଼ହିଂସା, ମହିଳା ନିର୍ଯାତନା ଓ ବେରୋଜଗାରୀ ଆଦି ବିଭିନ୍ନ ସମସ୍ୟାକୁ ଆଧାର କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶୁକ୍ରବାର ଓଡ଼ିଶା ଯୁବ ଜନତା କଂଗ୍ରେସ ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଭିଡ଼ହିଂସା ବୃଦ୍ଧି ଯୋଗୁଁ ରାସ୍ତାରେ ଚାଲିବାକୁ ଲୋକେ ଭୟ କରୁଛନ୍ତି। ବାରମ୍ବାର ମହିଳାଙ୍କ ସୁରକ୍ଷା କଥା କହି ଆସୁଥିବା ସରକାର ରାଜ୍ୟକୁ ମହିଳା ନିର୍ଯାତନା ଓ ଦୁଷ୍କର୍ମରେ ଦେଶରେ ଏକ ନମ୍ବର ସ୍ଥାନରେ ପହଞ୍ଚାଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲକ୍ଷ ଲକ୍ଷ ଯୁବପିଢି ରୋଜଗାର ପାଇଁ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଉଛନ୍ତି। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଏବଂ ନିର୍ବାଚନ ପରେ ରୋଜଗାର ଯୋଗାଇଦେବାର କୌଣସି ବ୍ୟବସ୍ଥା ନକରିବା ଏହାସମ୍ପୂର୍ଣ୍ଣ ରାଜ୍ୟର ଯୁବବର୍ଗଙ୍କ ପ୍ରତି ପ୍ରତାରଣା। ସ୍ୱାସ୍ଥ୍ୟମିତ୍ରମାନଙ୍କୁ ଛଟେଇ, ନିରୀହ ଆଦିବାସୀଙ୍କର ଜଙ୍ଗଲ, ଜଳ ଓ ଜମିକୁ କମ୍ପାନୀ ହାତଟେକି ଦେଇ ରାଜ୍ୟବାସୀଙ୍କ ସହ ସରକାର ଛଳନା କରିଛନ୍ତି ବୋଲି ସେ କହିଛନ୍ତି।

## ସରକାରଙ୍କୁ ୧.୧୭ କୋଟିର ଲାଭାଂଶ ଦେଲା ଓଟିଡିସି

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଆର୍ଥିକ ବର୍ଷ ୨୦୨୪–୨୫ ପାଇଁ ଓଡ଼ିଶା ସରକାରଙ୍କୁ ୧.୧୭ କୋଟିର ଲାଭାଂଶ (ଡିଭିଡେଣ୍ଡ) ପ୍ରଦାନ କରିଛି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଟିଡିସିର ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି।

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-09/07/2026. I, **Kuni Behera** (new name), W/o Jalandhar Behera, permanent & current resident of AT: Barahmal, PO: Khasbahal, PS: Saintala, Dist: Balangir, State: Odisha, PIN: 767032 declare that I have changed my name from **Khitisuta Behera** (old name) to **Kuni Behera** (new name). Henceforth, I shall be known as **Kuni Behera** (new name) for all future purposes.

**Kuni Behera**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାତୀୟ ସଙ୍ଗୀତ...

କରିବାକୁ ବାଧ୍ୟ ରହିବେ। ପୂର୍ବରୁ ଚଳିତ ବର୍ଷ ଜାନୁଆରୀ ୨୮ରେ ମଧ୍ୟ କେନ୍ଦ୍ର ସରକାର ଏଭଳି ଏକ ଆଦେଶ ଜାରି କରିଥିଲେ। ସେଥିରେ, ସମସ୍ତ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ବାଧ୍ୟତାମୂଳକ ଭାବେ 'ବନ୍ଦେ ମାତରମ୍' ଗାନ କରାଯିବା ଏବଂ ଏହି ସମୟରେ ସମସ୍ତେ ସମ୍ମାନର ସହ ଠିଆ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ପୂର୍ବରୁ କେବଳ ପ୍ରଥମ ଦୁଇଟି ପଦ ଗାନ କରାଯାଉଥିବା ବେଳେ, ଏବେ ସମ୍ପୂର୍ଣ୍ଣ ୬ଟିଯାକ ପଦ ଗାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ମୋଟ ୩ ମିନିଟ୍ ୧୦ ସେକେଣ୍ଡ ସମୟ ଲାଗିବ। କେନ୍ଦ୍ରର ଏହି ନୂତନ ନିୟମକୁ ସମସ୍ତ ସ୍ତରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

### ବିଳମ୍ବ ହେବ...

ନିମନ୍ତେ ସମ୍ମତି ଲୋଡ଼ିଥିଲା। ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପ୍ରକାରର ବାଲାଟ ପେପର ମୁଦ୍ରଣ ପାଇଁ ୱାଟରମାର୍କ କାଗଜ ଟେଣ୍ଡର ମାଧ୍ୟମରେ କ୍ରୟ କରାଯିବ। ତେଣୁ ତୁରନ୍ତ ପାଣ୍ଠି ବରାଦ ପାଇଁ ସମ୍ମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତେବେ ପ୍ରାୟ ତିନି ସପ୍ତାହ ପରେ ମଧ୍ୟ ସମ୍ମତି ନମିଳିବାରୁ ୨ ଜୁଲାଇ ୨୦୨୬ରେ ଓଡ଼ିଶା ମୁଦ୍ରଣ, ଷ୍ଟେସନାରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପୁଣି ଏକ ପତ୍ର ଲେଖି ପାଣ୍ଠି ବରାଦ ସମ୍ମତି ମିଳିଲେ ହିଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଦର୍ଶାଇଛନ୍ତି। ସମୟ ମଧ୍ୟରେ ବାଲାଟ ପେପର ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା ପାଇଁ ଶୀଘ୍ର ଅନୁମୋଦନ ଦେବାକୁ ପତ୍ରରେ ଅନୁରୋଧ କରାଯାଇଛି। ବାଲାଟ ପେପର ପାଇଁ ୧୮୧ ମେଟ୍ରିକ ଟନ ୱାଟରମାର୍କ କାଗଜ ଆବଶ୍ୟକ ରହିଛି। ଚାରି ପ୍ରକାର ରଙ୍ଗର ବାଲାଟ ପେପର ମୁଦ୍ରଣ ପାଇଁ ଏହି କାଗଜ ଟେଣ୍ଡର ଜରିଆରେ କ୍ରୟ କରାଯିବ। ଟେଣ୍ଡର ଚୂଡ଼ାନ୍ତ ହେବା ପରେ ପ୍ରକୃତ କ୍ରୟ ବ୍ୟୟ ନିର୍ଦ୍ଧାରଣ ହେବ ବୋଲି ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି।

ପଞ୍ଚାୟତ ନିର୍ବାଚନକୁ ନେଇ ଏଭଳି ବାରମ୍ବାର ମତ ବଦଳୁଥିବାରୁ ବିଜେଡି ଏହାକୁ ସମାଲୋଚନା କରିଛି। ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ କରିବେ କି ନାହିଁ ତାହା ଏବେ ପ୍ରଶ୍ନ ଘେରରେ ରହିଛି। ବିଜେଡି ସର୍ବଦା ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ନିର୍ବାଚନ ଏକ ଧାରାବାହିକ ପ୍ରକ୍ରିୟା। କିନ୍ତୁ ସରକାର ବର୍ତ୍ତମାନ ଯେଉଁ ସ୍ଥିତିରେ ଚାଲିଛନ୍ତି, ସେଥିପାଇଁ ସରକାର ସଠିକ ସମୟରେ ନିର୍ବାଚନ କରିବେ କି ନାହିଁ ସନ୍ଦେହରେ ଅଛନ୍ତି। ପୂର୍ବରୁ ଏହି ସରକାର ୬ ମାସ ପୂର୍ବରୁ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଚିଠି କରିଥିଲେ। ମାତ୍ର ଏହି ଚିଠିକୁ ସଙ୍ଗେ ସଙ୍ଗେ ସ୍ଥଗିତ ରଖାଯାଇଥିଲା। ତେଣୁ ଏ ସରକାର ମୁଣ୍ଡ କଣ କରୁଛି ଓ ହାତ କଣ କରୁଛି କିଛି ଜାଣି ପାରୁ ନାହାନ୍ତି। ନିର୍ବାଚନ ହେବ କି ନାହିଁ ଜନସାଧାରଣ ସଂଶୟରେ ରହିଛନ୍ତି ବୋଲି କହି ସେ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି।

### କମିଛି ୫୦୦ ଟଙ୍କିଆ...

ପର୍ଯ୍ୟନ୍ତ ଗୋଟିଏ ମାତ୍ର ସିଫ୍ଟ କରାଯାଇଛି। ସେଥିପାଇଁ କର୍ମଚାରୀମାନେ ଇସ୍ତଫା ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ଦାନ ଅର୍ଥ ଗଣନା ପାଇଁ ବର୍ତ୍ତମାନ ଷ୍ଟେଟବ୍ୟାଙ୍କ ପକ୍ଷରୁ ମାତ୍ର ୧୩ ଜଣ କର୍ମଚାରୀ ଅଛନ୍ତି। ଦାନ ପାଣ୍ଠି ଚୋରି ଘଟଣାର ତଦନ୍ତ ଜାରି ଥିବା ବେଳେ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ଶୁକ୍ରବାର ଅଯୋଧ୍ୟାରେ ପହଞ୍ଚିଛନ୍ତି। ଜୁନ୍ ୭ରେ ଏହି ବିବାଦ ଆରମ୍ଭ ହେବା ପରେ ଏହା ତାଙ୍କର ତୃତୀୟ ଅଯୋଧ୍ୟା ଗସ୍ତ। ସଂପ୍ରତି ରାମମନ୍ଦିର ପାଣ୍ଠି ଚୋରି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଆସନ୍ତା ଜୁଲାଇ ୧୩ ତାରିଖରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ମୋଟ ତିନୋଟି ଆବେଦନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ସେଥିରେ ଘଟଣାର ସିବିଆଇ ତଦନ୍ତ, ସ୍ୱତନ୍ତ୍ର ଏସଆଇଟି ଗଠନ ଏବଂ ମନ୍ଦିରର ଦାନ ପରିଚାଳନା ବ୍ୟବସ୍ଥାର ସମୀକ୍ଷା ପାଇଁ ବିଶେଷଜ୍ଞ କମିଟି ଗଠନ ଦାବି କରାଯାଇଛି।

### ବାଇକ୍‌ରେ ବୁହାହେଲା...

କିନ୍ତୁ ଶୁକ୍ରବାର ସକାଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭରଣ୍ଡୀ ଗ୍ରାମବାସୀ ଶ୍ମଶାନରେ ଶବ ସତ୍କାର କରିବାକୁ ମନା କରିବାରୁ ଶବକୁ ଆମ୍ବଗୁଡ଼ା ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଶବବାହକ ଗାଡ଼ି ଦାବି କରୁଥିବା ଅର୍ଥ ସେମାନଙ୍କ ପାଖରେ ନଥିଲା। ତେଣୁ ଶବକୁ ବାଇକ୍ ପଛରେ ବାନ୍ଧି ସେମାନେ ଗାଁ ଆମ୍ବଗୁଡା ନେଇଥିଲେ। ଏହି ଖବର ପ୍ରଶାସନ ପାଖରେ ପହଞ୍ଚିବା ପରେ ଉମରକୋଟ ବିଡିଓ ମନୋଜ କୁମାର ମେହେର ଆମ୍ବଗୁଡା ଓ ସାନଭରଣ୍ଡୀ ଲୋକଙ୍କ ସହ ଆଲୋଚନା କରିଥିଲେ। ସାନଭରଣ୍ଡୀବାସୀ ଶ୍ମଶାନରେ ଜାଗା ନଦେବା ଅଭିଯୋଗକୁ ଖଣ୍ଡନ କରିଥିଲେ। ଉମରକୋଟ ତହସିଲଦାର ମେଘବାନ ବାଗ ଆମ୍ବଗୁଡା ଯାଇ ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ତହସିଲଦାରଙ୍କ କହିବା ଅନୁସାରେ ଅନିତ୍ରାଙ୍କ ମୃତ୍ୟୁ ପରେ ଶବବାହକ ଗାଡି କିମ୍ବା କାହା ସହିତ ଯୋଗାଯୋଗ ନକରି ପରିବାର ଲୋକେ ଶବ ନେବାକୁ ବାଇକ୍‌କୁ ମାଧ୍ୟମ ବାଛିଥିଲେ। ଅନିତ୍ରାଙ୍କ ମାମୁଁ ସାଇବ କୁମ୍ଭାର ନିଜ ବାଇକ୍‌ରେ ଶବକୁ ସାନଭରଣ୍ଡି ଠାରୁ ଆମ୍ବଗୁଡ଼ା ୧୦ କିଲୋମିଟର ନେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଏହି ପରିବାରକୁ ଦୁଇ ହଜାର ଟଙ୍କା ତୁରନ୍ତ ସହାୟତା କରାଯାଇଥିବା ବେଳେ ଅନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

### ୨୦୨୯ରେ 'ଏକ ଦେଶ...

ପ୍ରଶାସନିକ ଓ ବ୍ୟବହାରିକ ସମସ୍ୟା ଆସିପାରେ ଏବଂ ସେଗୁଡ଼ିକର ସମାଧାନ କିପରି ସମ୍ଭବ, ସେନେଇ ମତାମତ ନିଆଯାଇଛି। ଲୋକତାନ୍ତ୍ରିକ ବ୍ୟବସ୍ଥାର ସନ୍ତୁଳନ ବଜାୟ ରଖି ସମସ୍ତଙ୍କ ସମ୍ମତିରେ ଏକ ବ୍ୟବସ୍ଥା ଗଠନ କରିବା ହିଁ କମିଟିର ଲକ୍ଷ୍ୟ ବୋଲି ସେ କହିଛନ୍ତି। କମିଟି ଏପର୍ଯ୍ୟନ୍ତ ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟ ଗସ୍ତ କରି ସେଠାରେ ମଧ୍ୟ ବିଭିନ୍ନ ବର୍ଗର ଲୋକଙ୍କ ମତ ସଂଗ୍ରହ କରିଛି। କମିଟି ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛି। ଯଦି ରାଜ୍ୟ ସରକାର ଓ ରାଜନୈତିକ ଦଳମାନେ ସ୍ୱେଚ୍ଛାରେ ସହମତି ପ୍ରକାଶ କରନ୍ତି, ତେବେ ୨୦୨୯ ପୂର୍ବରୁ ମଧ୍ୟ କିଛି ରାଜ୍ୟର ନିର୍ବାଚନୀ ଚକ୍ରକୁ ଲୋକସଭା ନିର୍ବାଚନ ସହ ସମନ୍ୱୟ କରାଯାଇପାରିବ।

ସେ କହିଛନ୍ତି ଯେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ଆର୍ଥିକ ଅଧ୍ୟୟନ ଅନୁଯାୟୀ ଦେଶରେ ବାରମ୍ବାର ଅଲଗା ଅଲଗା ନିର୍ବାଚନ ହେବା ଫଳରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ଆର୍ଥିକ କ୍ଷତି ହେଉଛି। ଯଦି ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ହୁଏ, ତେବେ ସେହି ପରିମାଣର ଆର୍ଥିକ ଲାଭ ଦେଶକୁ ମିଳିପାରିବ। ବର୍ତ୍ତମାନ ସମୟରେ ନିର୍ବାଚନ କେବଳ ଗୋଟିଏ ରାଜ୍ୟର ସୀମାରେ ସୀମିତ ରହୁନାହିଁ। ଦେଶର ଯେକୌଣସି ରାଜ୍ୟରେ ନିର୍ବାଚନ ହେଲେ ତାହାର ପ୍ରଭାବ ଅନ୍ୟ ରାଜ୍ୟର ଅର୍ଥନୀତି ଉପରେ ମଧ୍ୟ ପଡୁଛି। ବାରମ୍ବାର ନିର୍ବାଚନ ହେବା ଫଳରେ ଶାସନ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଭୋଟର ତାଲିକା ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମତଦାନ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ସବୁଠାରୁ ବେଶି ପ୍ରଭାବ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ କରିବାରେ ଏହି ସଂସ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ତେବେ ଏହାକୁ ନେଇ ଶେଷ ନିଷ୍ପତ୍ତି ସମସ୍ତ ରାଜନୈତିକ ଦଳ ଓ ସମ୍ବନ୍ଧିତ ପକ୍ଷଙ୍କ ସହମତି ପରେ ହିଁ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଶୃଙ୍ଖଳିତ ରଥଯାତ୍ରା...

ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା ସିଏପିଏଫ୍ କର୍ମଚାରୀ ମୁତୟନ କରାଯାଇଛି। ଏହାସହିତ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଙ୍ଗ୍, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

### ନିଶ୍ୱାସ ନେଇପାରୁନି...

ନିଯୁକ୍ତି, ଇଣ୍ଟର୍ନଶିପ୍ ଓ କ୍ୟାମ୍ପସ୍ ପ୍ଲେସମେଣ୍ଟରୁ ବଞ୍ଚିତ ହେଉଛନ୍ତି। ଏନେଇ ବାରମ୍ବାର ବିଶ୍ୱବିଦ୍ୟାଳୟ ସମେତ ସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। କୁଳପତି, କୁଳସଚିବ ବା ପରୀକ୍ଷା ନିୟନ୍ତ୍ରକଙ୍କୁ ଅଭିଯୋଗ କରିବାକୁ ଗଲେ ଅଭ୍ୟର୍ଥନା ସ୍ଥଳରୁ ସୁରକ୍ଷା କର୍ମୀ ତଡ଼ି ଦେଉଛନ୍ତି। ଆନ୍ଦୋଳନ କରିବାକୁ ବାହାରିଲେ ସେମାନଙ୍କୁ ପରୀକ୍ଷାରେ ଫେଲ୍ କରିଦେବାର ଧମକ ମଧ୍ୟ ମିଳୁଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା କେବେ ହେବ ଏବଂ ଫଳ କେବେ ପ୍ରକାଶ ପାଇବ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନେ ଭୟଙ୍କର ମାନସିକ ଚାପରେ ରହିଛନ୍ତି। ଭବିଷ୍ୟତ ପ୍ରତି ଅନିଶ୍ଚିତତା ଘୋଟି ରହିଥିବାବେଳେ ବୟସ ସୀମାଭିତ୍ତିକ ନିଯୁକ୍ତି ସୁଯୋଗ ହରାଇବାର ଆଶଙ୍କା ବଢ଼ିଛି। ଏସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ୱାଇ ରୋଜା ରମଣୀଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରି ନାହିଁ।

## ସୁପର ପ୍ରିମିୟମ୍ ଫୁଲ୍ ସ୍ଲିପର୍ ଏସି କୋଚ୍ ବସ୍ ଭଡ଼ା ନିର୍ଦ୍ଧାରଣ

# କିମି ପିଛା ସର୍ବାଧିକ ୩.୫୦ ଟଙ୍କା ଧାର୍ଯ୍ୟ

ଭୁବନେଶ୍ୱର,୧୦।୭(ସମିସ): ରାଜ୍ୟରେ ଚାଲିଥିବା ସୁପର ପ୍ରିମିୟମ୍ ଫୁଲ୍ ସ୍ଲିପର୍ ଏସି କୋଚ୍ ବସ୍ ପାଇଁ ଭଡ଼ା ନିର୍ଦ୍ଧାରଣ କରାଯାଇଛି। ନୂଆ ଭଡ଼ା ସ୍ୱରୂପ କିଲୋମିଟର ପିଛା ସର୍ବାଧିକ ୩.୫୦ ଟଙ୍କା ସ୍ଥିର କରାଯାଇଛି। ଏସ୍‌ଟିଏ ଦ୍ୱାରା ଗଠିତ ବୈଷୟିକ କମିଟିର ସୁପାରିଶ ଆଧାରରେ ଏହି ଭଡ଼ା ସ୍ଥିର କରାଯାଇଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ତେବେ ଏହି ନୂତନ ଭଡ଼ା ଓଡ଼ିଶା ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଲାଗୁ ହେବ ବୋଲି ଏଥିରେ ଦର୍ଶାଯାଇଛି। ଅନ୍ୟ ବସ୍ ବର୍ଗ ଯଥା ଅର୍ଡିନାରୀ, ଏକ୍ସପ୍ରେସ୍, ଡିଲକ୍ସ, ଡିଲକ୍ସ ଏସି ଏବଂ ସୁପର ପ୍ରିମିୟମ୍ ସିଟର୍ କିମ୍ବା ସେମି-ସ୍ଲିପର୍ ବସ୍‌ର ଭଡ଼ାରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବରୁ ଲାଗୁ ଥିବା ଭଡ଼ା ଏହି ବର୍ଗର ବସ୍‌ଗୁଡ଼ିକ ପାଇଁ ଅପରିବର୍ତ୍ତିତ ରହିବ। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ସର୍ବନିମ୍ନ ଭଡ଼ା, ରିହାତି ପାଇବାକୁ ଯୋଗ୍ୟ ଯାତ୍ରୀଙ୍କ ସୁବିଧା, ମାଗଣା ଲଗେଜ୍ ସୀମା, ଅତିରିକ୍ତ ଲଗେଜ୍ ଶୁଳ୍କ ଏବଂ ଯାତ୍ରୀ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମ ନୂତନ ବର୍ଗରେ ମଧ୍ୟ ପୂର୍ବବତ୍ ଲାଗୁ ରହିବ। ନିର୍ଦ୍ଧାରିତ ଏହି ଭଡ଼ା ହିଁ ସର୍ବାଧିକ ଆଦାୟଯୋଗ୍ୟ ଭଡ଼ା ହେବ। କୌଣସି ବସ୍ ଅପରେଟର ଏହାଠାରୁ ଅଧିକ ଭଡ଼ା ଆଦାୟ କରିପାରିବେ ନାହିଁ ବୋଲି ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହାର କଡ଼ାକଡ଼ି କାର୍ଯ୍ୟକାରିତା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ଆଞ୍ଚଳିକ ପରିବହନ ପ୍ରାଧିକରଣ ଟିକେଟିଂ, ପରମିଟ୍ ଅନୁମୋଦନ ଓ ତଦାରଖ କରିବେ ବୋଲି କୁହାଯାଇଛି। ୨୦୨୬ ମସିହା ପାଇଁ ସାମଗ୍ରିକ ବସ୍ ଭଡ଼ା ସଂଶୋଧନ ସମ୍ପର୍କିତ ବୈଷୟିକ କମିଟିର ପରବର୍ତ୍ତୀ ରିପୋର୍ଟ କିମ୍ବା ସରକାରଙ୍କ ନୂତନ ଅଧିସୂଚନା ଆଧାରରେ ଏହି ଭଡ଼ାରେ ଆଗାମୀ ଦିନରେ ପୁଣି ପରିବର୍ତ୍ତନ କରାଯାଇପାରେ ବୋଲି ଦର୍ଶାଯାଇଛି।

## ଦୁଇ ବର୍ଷିଆ ବିଏଡ୍ ପ୍ରବେଶିକା ଫଳ ପ୍ରକାଶିତ

# ୨୪୫୦ ସିଟ୍ ପାଇଁ ୯୮୧୭୦ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୦।୭(ସମିସ): ଚଳିତ ଶିକ୍ଷାବର୍ଷରେ ଦୁଇ ବର୍ଷିଆ ବିଏଡ୍, ଏମ୍‌ଏଡ୍ ଏବଂ ବିଏଚ୍‌ଏଡ୍ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ବିଏଡ୍ ପାଠ୍ୟକ୍ରମ ପାଇଁ ମୋଟ୍ ୧,୦୯,୮୭୩ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ ଓ ସେମାନଙ୍କ ମଧ୍ୟରୁ ୯୮,୧୭୦ ଜଣ ପରୀକ୍ଷା ଦେଇଥିଲେ। ଏମ୍‌ଏଡ୍ ପାଇଁ ୧,୭୮୮ ଆବେଦକଙ୍କ ମଧ୍ୟରୁ ୧,୩୧୮ ଜଣ, ବିଏଚ୍‌ଏଡ୍ ପାଇଁ ୧,୮୭୯ ଜଣ ଆବେଦକଙ୍କ ମଧ୍ୟରୁ ୧,୫୪୨ ପରୀକ୍ଷା ଦେଇଥିଲେ। ପ୍ରବେଶିକା ପରୀକ୍ଷାରେ ନିଜର ପ୍ରୋଭିଜିନାଲ ମାର୍କକୁ ନେଇ ଯଦି କୌଣସି ଆପତ୍ତି ଥାଏ, ତେବେ ସେମାନେ ୧୦ ଜୁଲାଇ ଅପରାହ୍ନ ୨ ଘଟିକାରୁ ୧୩ ଜୁଲାଇ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟଲର ଅନ୍‌ଲାଇନ୍ ଅବଜେକ୍ସନ ମଡ୍ୟୁଲ ମାଧ୍ୟମରେ ନିଜର ଅଭିଯୋଗ ଦାଖଲ କରିପାରିବେ। ସୂଚନାଯୋଗ୍ୟ ଯେ ରାଜ୍ୟର ମୋଟ୍ ୩୧ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ବିଏଡ୍ ପାଇଁ ୨୪୫୦, ଏମ୍‌ଏଡ୍ ପାଇଁ ୩୦୦ ଏବଂ ବିଏଚ୍‌ଏଡ୍ ପାଠ୍ୟକ୍ରମ ପାଇଁ ୫୦ଟି ସିଟ୍ ରହିଛି।

# ଓସିଏସ୍ ପ୍ରିଲିମ୍ ପରୀକ୍ଷା ଫଳ ପ୍ରକାଶ

## ମୁଖ୍ୟ ପରୀକ୍ଷା ପାଇଁ ୫୬୯୦ ଜଣ କୃତକାର୍ଯ୍ୟ

କଟକ,୧୦।୭(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ) ପ୍ରିଲିମିନାରୀ ପରୀକ୍ଷା-୨୦୨୫ର ଫଳାଫଳ ଆଜି ପ୍ରକାଶ ପାଇଛି। ଗତ ଜୁନ୍ ୭ରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ମୋଟ ୫,୬୯୦ ଜଣ ପରୀକ୍ଷାର୍ଥୀ ମୁଖ୍ୟ ଲିଖିତ ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ମୋଟ ୫,୬୯୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧,୯୦୫ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ୨୦୨୬ ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ବୋଲି କମିସନଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate Soro, Baleswar, Odisha vide Sl. no. 2041 dated 9/07/2026, I Taraknath Dutta, S/o- Basudev Dutta, At- Chhatrapur, Po-Soro, Ps- Soro, Dist- Baleswar, Odisha, Pin-756045 declare that I have changed my Son's name from Saikrishna Dutta to Srikrishna Dutta. Henceforth he shall be known as **Srikrishna Dutta** for all purposes.

**AFFIDAVIT**

I, **Nikita Prusty**, D/o Bijay Kumar Prusty, resident of ward At / PO / PS - Kanas, Dist. Puri, Pin code- 752017 Odisha, declared by this **affidavit No 2353, dated 12/06/2026** that know onwards I shall be known as **NIKITA PRUSTY** for all future purposes.

**AFFIDAVIT**

By virtue of an affidavit sworn before Executive Magistrate / Notary Public Udala, Dist - Mayurbhanj on dated 4th day of July 2026 , I, Panabati Sing , D/o - Rama Sing of Village- Bagadafa , P.O - Saradiha , P.S - Sarat , Dist - Mayurbhanj, PIN-757079 , declare that , I have changed my name from PANABATI SING to PANAMATI SING . Henceforth, I shall be known as **PANAMATI SING** for all purposes.

**LOST NOTICE**

I, Goutam Pradhan, S/o Gangadhar Pradhan, resident of Vill- Chheliapada, Dist - Angul, declared that on dated 01/07/2026 at about 9.00AM while I was proceeding towards the fitness gym Similipada, Angul following documents were Lost somewhere on the way. RSD No. 2702 of 1991 dated 01/11/1911 and ROR bearing Khata No - 638/430 in village Chheliapada. After that I had searched the missing documents here and there but could not find them. This newspaper publication is for future references.

**ପଶ୍ଚିମ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ ପକ୍ଷରୁ EL/TRD/58/2026-27/12 ନମ୍ବର ବିଶିଷ୍ଟ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ରତଲାମ ମଣ୍ଡଳରେ ବିଦ୍ୟମାନ ଓଭରହେଡ୍ ଇକ୍ୱିପମେଣ୍ଟ (OHE) ଗଠନ, କମ୍ କ୍ଷମତାସମ୍ପନ୍ନ ଏବଂ ହେଲି ପଡ଼ିଥିବା OHE ମାଷ୍ଟଗୁଡ଼ିକର ପ୍ରତିସ୍ଥାପନ ସହିତ TRD ସମ୍ପର୍କିତ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଟେଣ୍ଡର ଆହ୍ୱାନ ହୋଇଛି। କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.8,21,03,522/-, ଅମାନତ ଜମା: ଟ.16,42,100/-। କାର୍ଯ୍ୟ ସମାପ୍ତି ସମୟ: 18 ମାସ। ଟେଣ୍ଡର ଦସ୍ତାବିଜ ମୂଲ୍ୟ ନିଃଶୁଳ୍କ ଅଟେ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: ୧୦.୦୮.୨୦୨୬ ଅପରାହ୍ନ ୩.୦୦ ଘଟିକା। ବିଡ୍ ଖୋଲିବା ତାରିଖଠାରୁ ୬୦ ଦିନ ପର୍ଯ୍ୟନ୍ତ ଅଫର ବୈଧ ରହିବ। ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ www.ireps.gov.in ୱେବସାଇଟରେ ଉପଲବ୍ଧ। ଏହି ନୋଟିସ ବୋର୍ଡଟି ସିନିୟର ଡିଭିଜିଓନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ), ପଶ୍ଚିମ ରେଳପଥ, ରତଲାମ – ୪୫୬୦୦୧ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ। 0140

Like us on: facebook.com/WesternRly

**AFFIDAVIT**

I, PRABINA KUMAR MOHAPATRA, aged about 65 years, S/o- SAMANTA KRUSHNA CHANDRA MOHAPATRA, PLOT NO-153, SAHEED NAGAR, NEAR ALOK BHARTI BUILDING, BHUBANESWAR -751007 ODISHA, declared by this Affidavit No.825/2026 Dated.08.07.2026, That now onwards I shall Be Known as **PRABIN KUMAR MOHAPATRA** That for all future Purposes.

**NOTICE**

By virtue of an affidavit sworn before the Executive **Magistrate, Bargarh** on dated **30th March 2026**, I **Miss DILESWARI NAIK**, Address ADIMATA LANE, WARD No.7 BANDHATALAPADA, BARGARH-768028, Odisha have changed my name from "**CHUMKI NAYAK**" to "**DILESWARI NAIK**". Henceforth, I shall be known as DILESWARI NAIK for all purposes.

**DILESWARI NAYAK**

**AFFIDAVIT**

By virtue of an affidavit (SL No-2125, dtd- 09.07.2026) sworn before The Executive Magistrate, Khordha. I, **Sarat Kumar Sahoo,** S/o Dasarathi Sahoo, resident of at/PO: Kalapathar, Ps: Baideswar, Dist-Cuttack, PIN- 754009, Odisha declare that I have changed my name from **Saroj Kumar Sahoo** (old name) to **Sarat Kumar Sahoo** (new name) in my **LIC Policy No: 585581432.** Henceforth, I shall be known as **Sarat Kumar Sahoo** (new name) for all purposes.

**Sarat Kumar Sahoo**

10001/352/2627

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR**

District Programme Management Unit (DPMU)
National Health Mission (NHM)

**Expression of Interest**

No.: 2112 Date: 10/07/2026

Sealed EOIs are invited from interested eligible organizations (Private Health Care Providers for extension of Healthcare (Super Speciality) facilities through engagement of Private Technical Service Providers/Hospitals to provide Super/Specialist Services at five CHCs, (**Kujang, Balikuda, Nuagaon, Raghunathpur, and Atharabanki) of** Jagatsinghpur District funded under CSR by **IOCL** in **PPP mode**. The eligibility criteria, terms of reference, and the formats for submission of bids are available in Jagatsinghpur District website i.e. **www.jagatsinghpur.odisha.gov.in.** The tender should reach the undersigned on or before **18/07/2026 till 5:00 PM** through **Speed Post, Registered Post / Courier only**. The authority reserves all the rights to cancel or reject any or all EOIs without assigning any reason thereof.

**Sd/- CDMO-cum-District Mission Director**
**Jagatsinghpur**

OIPR-10001/10043/1/26-27/0005

## ଏସ୍‌ଏଚ୍‌ଜି କାର୍ଯ୍ୟାଳୟ ଗୃହ ନିର୍ମାଣ ବିବାଦ
# ପଞ୍ଚାୟତର ଦୁଇ ଗୋଷ୍ଠୀ ମୁହାଁମୁହିଁ

ରଘୁନାଥପୁର,୧୦।୭(ସମିସ)

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଲିପୁର ଗ୍ରାମ ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ନିମନ୍ତେ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ କାର୍ଯ୍ୟାଳୟ ଓ ଦୋକାନ ଗୃହ ନିର୍ମାଣ ନିମନ୍ତେ ୨୩ ଲକ୍ଷଟଙ୍କାର ଅନୁଦାନ ରାଶି ଆସିଥିଲା। ଏହି କାର୍ଯ୍ୟାଳୟଟି ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ସରକାରୀ ସ୍ଥାନ ବା ସଦର ମହକୁମାରେ ହେବାର ନିୟମ ଥିବା ବେଳେ କିଛି ମହିଳା ଗୋଷ୍ଠୀ ସରକାରୀ ନିୟମକୁ ବିରୋଧ କରି ପଞ୍ଚାୟତ କାର୍ଯ୍ୟାଳୟ ଅନତି ଦୂରରେ କରିବାକୁ ଦାବି ଜଣାଇଥିବାରୁ କାମ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। କିଛି ମହିଳା ଗୋଷ୍ଠୀ ଯେଉଁ ଅଯୌକ୍ତିକ ଯୁକ୍ତି ବର୍ଷାଇ ରାଧାନଗର ଗ୍ରାମ ରାସ୍ତା ପାଖରେ କରିବାକୁ ଦାବି ଜଣାଉଛନ୍ତି ତାହା କରିବା ସମ୍ଭବପର ନୁହେଁ। କାରଣ ଏହି ଜମି ଖାତା ନମ୍ବର ୩୭୬, ପ୍ଲଟ ନମ୍ବର ୧୯୮୦ ଓ ଖାତା ନମ୍ବର ୩୭୭, ପ୍ଲଟ ନମ୍ବର ୧୯୫୧ ଜମିଗୁଡ଼ିକ ସଂରକ୍ଷିତ ରଖାଯାଇଛି ଗ୍ରାମ୍ୟ ଜଙ୍ଗଲ ଏବଂ ଶ୍ମଶାନ ନିମନ୍ତେ। ଏହି ଜମି ଉପରେ ବର୍ତ୍ତମାନ ସୁଦ୍ଧା ଦୁଇଗୋଟି ଶ୍ମଶାନ ଗୃହ ଥିବା ବେଳେ ବହୁ ଆଦିବାସୀ ଏଠାରେ ବସବାସ କରୁଛନ୍ତି। ଏପରିକି ଏହି ରାଧାନଗର ଗ୍ରାମରେ ବିଗତ ପାଞ୍ଚ ବର୍ଷ ତଳୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ନିମନ୍ତେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା। ହେଲେ ଏହି ଗୃହଟିରେ ବର୍ତ୍ତମାନ ଜନ୍ତୁ କୁକୁର ରହିବା ସହିତ ଘାସ ସବୁ ମାଡ଼ି ଅଛି। ଅବହେଳାରେ ପରିଣତ ହୋଇଗଲାଣି। ଏପରିକି ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ଗୋଚର ଜମିରେ କରିବାକୁ ସହମତି ପ୍ରକାଶ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଷ୍ଟେସନ ବଜାର ବା



ଯାତ୍ରୀଆଶ୍ରୟସ୍ଥଳରେ ପ୍ରତିଦିନ ବହୁ ଯାତ୍ରୀ ଟ୍ରେନ୍ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏ ଜାଗାରେ ମହିଳାମାନଙ୍କ ସଂଘ ଗୃହ ବା ସେମାନଙ୍କ ଦୋକାନ ଗୃହ ନିର୍ମାଣ ହୋଇଗଲେ ସେମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସାମଗ୍ରୀ ସବୁକୁ ବିକ୍ରୟ କରିବା ସହଜପର ହୁଅନ୍ତା ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ସରକାରୀ ଅଧିକାରୀ ମାନେ ଅବହେଳା ପ୍ରଦର୍ଶନ କଲେ ଗୁଆଲିପୁର ଗ୍ରାମବାସୀ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଜ୍ଞାନରଞ୍ଜନ ପଟ୍ଟନାୟକ, ସର୍ବେଶ୍ୱର ପଟ୍ଟନାୟକ, ରବୀନ୍ଦ୍ରନାଥ ସ୍ୱାଇଁ, ତପନ ମହାରଣା, ଅଶୋକ ପଟ୍ଟନାୟକ, ସଞ୍ଜୟ କୁମାର ସ୍ୱାଇଁ, ମାନସ ପଟ୍ଟନାୟକ, ଅସିତ କୁମାର ମହାରଣା, ଅଦ୍ୱୈତ ପ୍ରସାଦ ସ୍ୱାଇଁ, ଅବିନାଶ ପଟ୍ଟନାୟକ, ଅଜିତ କୁମାର ଦାସ, ଆନନ୍ଦ ପଟ୍ଟନାୟକ ଓ ଯଜ୍ଞେଶ୍ୱର ପଟ୍ଟନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କୋର୍ଟ ନିର୍ଦ୍ଦେଶ ବଳରେ ଜବର ଦଖଲ ଉଚ୍ଛେଦ

କୁଜଙ୍ଗ,୧୦।୭(ସମିସ): କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀଜଗନ୍ନାଥ ଠାକୁରଙ୍କ ଜାଗା ଚିହ୍ନଟ ସହିତ ଜବର ଦଖଲ ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ ଯେ ଏରସମା ବ୍ଲକ ବାଲିତୁଠ ପଞ୍ଚାୟତ ଅନ୍ତର୍ଗତ ଭିତର ଶ୍ରୀଚନ୍ଦନପୁର ଗ୍ରାମରେ ଶ୍ରୀଜଗନ୍ନାଥ ଠାକୁରଙ୍କର ଥିବା ଏକ ଜାଗାକୁ ସେହି ଗ୍ରାମର ତୁଳସୀ ଦାସଙ୍କ ପରିବାର ଦୀର୍ଘ ଦିନଧରି ଏଠାରେ ଚାଳ ଛପର ଘର ନିର୍ମାଣ କରିଥିଲେ। ଏ ସମ୍ପର୍କରେ ମାର୍ଫତଦାର କୃଷ୍ଣ ସେଠୀ କୁଜଙ୍ଗ ସିଭିଲ ଜଜ୍ ସିନିୟର ଡିଭିଜନଙ୍କ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ମାମଲାର ବିଚାର କରି ଉକ୍ତ ଜାଗା ଚିହ୍ନଟ ପାଇଁ ଗତ ୮ ତାରିଖ ଦିନ ଉଭୟପକ୍ଷକୁ ନୋଟିସ କରାଯାଇଥିଲା। ତେବେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଶନର ପଦ୍ମନାଭ ବେହୁରା ଗୁରୁବାର ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯାଗାକୁ ଚିହ୍ନଟ କରିବା ସହିତ ଜବର ଦଖଲ ମୁକ୍ତ କରିଥିବାର ଜଣାପଡିଛି।

## 'ଆମ ସଂସ୍କୃତି ଓ ପରମ୍ପରାରେ ବୃକ୍ଷର ମାହାତ୍ମ୍ୟ' ଶୀର୍ଷକ ପାଠଚକ୍ର

ଜଗତସିଂହପୁର,୧୦।୭(ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖା ଦ୍ୱାରା ୬୬ତମ ମାସିକ ପାଠଚକ୍ରମାଳା ଭକ୍ତି, ଶକ୍ତି ଓ ସଂସ୍କୃତି ଆଧାରିତ ଆଲୋଚ୍ୟ ବିଷୟ ଥିଲା 'ଆମ ସଂସ୍କୃତି ଓ ପରମ୍ପରାରେ ବୃକ୍ଷର ମାହାତ୍ମ୍ୟ'। ବନମହୋତ୍ସବ ସପ୍ତାହ ପାଳନର ଅବସରରେ ଆୟୋଜିତ ଏହି ମାସିକ ପାଠଚକ୍ର ପ୍ରାରମ୍ଭରେ ଲୋକସଂସଦର ଯୁଗ୍ମ ସମ୍ପାଦିକା ପ୍ରିୟତମା ସାହୁ, ଓଁକାର ବନ୍ଦନା ଗାନ କରିଥିବା ବେଳେ ବିବେକବାଣୀ ପାଠ କରିଥିଲେ ଆଜୀବନ ସଦସ୍ୟା କନକଲତା ପରିଡ଼ା। ସଂସଦର ସଭାପତି ସାହିତ୍ୟିକ ତଥା ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜନା କରିଥିଲେ ମୋ ଗାଁ ପୂର୍ବ ସଂଭାଗର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି। ବରେଣ୍ୟ ଆଲୋଚିକା ଭାବେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଝିମାଣୀସ୍ଥିତ ନାରାୟଣ ବୀରବର ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବନପ୍ରଭା ପରିଡ଼ା ଯୋଗଦେଇ ଆମର ପ୍ରାଚୀନ ଶାସ୍ତ୍ରରେ, ପୋଥି ପୁରାଣରେ ଏବଂ ବେଦ ଉପନିଷଦରେ ବୃକ୍ଷ ବା ବନସ୍ପତିକୁ ଦେବତା ବା ଦେବମ୍ରି ରୂପେ ପରିକଳ୍ପନା କରାଯାଇଛି ବୋଲି ଦର୍ଶାଇଥିଲେ। ହିନ୍ଦୁମାନଙ୍କର ଭାଗବତ ଗୀତା, ଖ୍ରୀଷ୍ଟିୟାନମାନଙ୍କର ବାଇବେଲ୍ ଓ ମୁସଲମାନଙ୍କର ପବିତ୍ର ଗ୍ରନ୍ଥ କୋରାନ୍‌ରେ କେତେକ ନିର୍ଦ୍ଦିଷ୍ଟ ବୃକ୍ଷ ଲତାର ନାମ ଓ ମହାତ୍ମ୍ୟ ମଧ୍ୟ ବର୍ଣ୍ଣିତ। ଏମିତିକି ତୁଳସୀ, ବେଲ, ଅଁଳା, ବରଗଛ, ଅଶ୍ୱତ୍ଥ, ସାହାଡା ଆଦି ବୃକ୍ଷର ପୂଜା ଉପାସନା ଆଦି କରାଯାଏ। ଆମର ସଂସ୍କୃତି ଓ ପରମ୍ପରା ସହିତ ବିଭିନ୍ନ ବୃକ୍ଷ ରାଜିର ମହାତ୍ମ୍ୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବିଚାରଧାରାର ଜିଲ୍ଲା ଅଧ୍ୟକ୍ଷ ଲାଲା ସଂଗ୍ରାମ କିଶୋର ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜୀବନ ସଦସ୍ୟା ସୌଭାଗ୍ୟ ମଞ୍ଜରୀ ମିଶ୍ର ଶାନ୍ତିପାଠ କରିଥିଲେ।

## ୩୨ ଗ୍ରାମ ହେରୋଇନ୍ ଜବତ; ଜଣେ ଗିରଫ

ଜଗତସିଂହପୁର/ପାରାଦୀପ, ୧୦।୭(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଅଞ୍ଚଳରେ ଚଢ଼ଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଯାଞ୍ଚ ପରେ ତାଙ୍କ ପାଖରୁ ୩୨ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ପଙ୍କପାଳ ଗ୍ରାମର ସତ୍ୟବ୍ରତ ଦାସ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ପାରାଦୀପ ଅବକାରୀ ଥାନାର ଉପନିରୀକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡି ବସିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ପଙ୍କପାଳ ଗ୍ରାମର ଚିତ୍ତରଞ୍ଜନ ଦାସଙ୍କ ପୁଅ ସତ୍ୟବ୍ରତ ଦାସ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ମାମଲା ଥିବାର ସନ୍ଦେହରେ ଅବକାରୀ ବିଭାଗ ତରଫରୁ ଖୋଳତାଡ ଆରମ୍ଭ କରିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ। ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ। ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ଅବକାରୀ ବିଭାଗ ପ୍ରୟାସ ଜାରି ରଖିଛି।

## ଇସ୍କନର ମନମାନି ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି
# ଶ୍ରୀଜଗନ୍ନାଥ ଭକ୍ତ ସମାଜର ସ୍ମାରକପତ୍ର ପ୍ରଦାନ

ଜଗତସିଂହପୁର,୧୦।୭(ସମିସ): ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶରେ 'ଇସ୍କନ' ସଂସ୍ଥା ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଉଲ୍ଲଙ୍ଘନ କରାଯାଇ ଅଦିନିଆ ରଥଯାତ୍ରା ଏବଂ ଅନ୍ୟାନ୍ୟ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଶାସ୍ତ୍ରୀୟ ରୀତିନୀତି ଏବଂ ବିଧିବିଧାନକୁ ବେଖାତିର କରି କେବଳ ଅର୍ଥ ଓ ପ୍ରତିଷ୍ଠା ଲକ୍ଷ୍ୟରେ ଇସ୍କନ ଏଭଳି କରୁଥିବାରୁ ସବୁ ମହଲରେ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ପୁରୀ ଗଜପତି ମହାରାଜା ଏଭଳି ନ କରିବା ପାଇଁ ପତ୍ର ମାଧ୍ୟମରେ ଉକ୍ତ ସଂସ୍ଥାକୁ ପରାମର୍ଶ ଦେଇଥିଲେ। ହେଲେ ଇସ୍କନ ଏହି ପରାମର୍ଶକୁ ଅଗ୍ରାହ୍ୟ କରିଦେଇଛି। ଯାହା କେବଳ ଗଜପତି ମହାରାଜାଙ୍କ ପ୍ରତି ଅପମାନ ନୁହେଁ, ବରଂ ସମଗ୍ର ବିଶ୍ୱରେ ଥିବା ଶ୍ରୀଜଗନ୍ନାଥ ପ୍ରେମୀ ଓ ଭକ୍ତମାନଙ୍କ ପ୍ରତି ଅପମାନ ଏବଂ ଆମ ସଂସ୍କୃତି ଓ ପରମ୍ପରା ପ୍ରତି କୁଠାରଘାତ। ଏଭଳି ପରିସ୍ଥିତିରେ ଜଗତସିଂହପୁର ଜିଲ୍ଲାର ଶ୍ରୀଜଗନ୍ନାଥ ଭକ୍ତ ସମାଜ ରାଜରାସ୍ତାକୁ ଓହ୍ଲାଇବା ସହିତ ଇସ୍କନର ସ୍ୱେଚ୍ଛାଚାର ବିରୋଧରେ ପ୍ରତିବାଦ କରିଛି। ଏହି ଅବସରରେ ସେବାନିବୃତ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଆବାହକତ୍ୱରେ ସିପିସ୍ଥିତ ମା' ସୁବର୍ଣ୍ଣବରାହୀ ମନ୍ଦିର ପରିସରରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ଏବଂ ବାବା ଦିବାକର ଦାସ ଯୋଗଦେଇ ଇସ୍କନର ଏଭଳି କାର୍ଯ୍ୟକୁ ନିନ୍ଦା କରିଥିଲେ। ତୁରନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ସେହିପରି ଦଳମତ ନିର୍ବିଶେଷରେ




ଇସ୍କନ ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାବା ସୀତାରାମ ଦାସ, ବାବାଜୀ ସନାତନ ଦାସ, ବାବାଜୀ ଜଗନ୍ନାଥ ଦାସ, ଅଧିକାରୀ ରମାକାନ୍ତ ଦାସ, ଗବେଷକ ଡ. ସୁରେନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ ବିଜୟ ରଥ, ଡ. ରବି ମିଶ୍ର, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ପୁଷ୍ପାଞ୍ଜଳି ରାୟ ଏବଂ ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ଶତାଧିକ ଶ୍ରୀଜଗନ୍ନାଥ ପ୍ରେମୀ ଏଥିରେ ଯୋଗ ଦେଇଥିଲେ। ପରେ ସମସ୍ତେ ଏକ ଶୋଭାଯାତ୍ରାରେ ଆସି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଉପରୋକ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସୁରେଶ ଚୌଧୁରୀଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ସମ୍ମାନ



ବାଲିକୁଦା,୧୦।୭(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ରାୟାରପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ସୁରେଶ କୁମାର ଚୌଧୁରୀଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ପୁରୀସ୍ଥିତ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ବଡ଼ଦାଣ୍ଡରେ ଆୟୋଜିତ ଏକ ଭବ୍ୟ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେବଳ ଦାସ ମଠର ମହନ୍ତ ଶ୍ରୀରାମଚରଣ ଦାସ, ବଡ଼ଓଡ଼ିଆ ମଠର ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଭଗବାନ ସୁଆର, ପ୍ରଫେସର ଦୁର୍ଗାପ୍ରସାଦ ଦାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର-ପ୍ରସାର, ସୁରକ୍ଷା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବାଲିକୁଦାର ସୁରେଶ କୁମାର ଚୌଧୁରୀଙ୍କୁ "ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ସମ୍ମାନ' ପ୍ରଦାନ କରାଯିବା ସମଗ୍ର ବାଲିକୁଦା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।

## ନିହାରୁଣୀରେ ୧୨ରେ ଗୀତା ପାଠଶାଳା

ପାରାଦୀପ,୧୦।୭(ସମିସ): ଆସନ୍ତା ୧୨ତାରିଖରେ ପ୍ରଜାପିତା ବ୍ରହ୍ମାକୁମାରୀ ଗୀତା ପାଠଶାଳା ଉଦଘାଟିତ ହେବା ସହିତ ଶ୍ରାଦ୍ଧ ଦିବସ ଓ ଆଲୌକିକ ଜନ୍ମ ଦିବସ ପାଳନ କରାଯିବ। ପାରାଦୀପ ଉପକଣ୍ଠ ରିଫାଇନାରୀ ଟାଉନସିପ ନିକଟ ଦିବ୍ୟଶାନ୍ତି ଭବନ ନିହାରୁଣୀ ବଜାର ଠାରେ ଏହି ପାଠଶାଳା ଉଦଘାଟିତ ହେବ। ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ସେଣ୍ଟର ପାରାଦୀପ ମଧୁବନ ଓ କୁଜଙ୍ଗ ସମେତ ଜିଲ୍ଲାର ସମସ୍ତ ସେଣ୍ଟରରୁ ଶହ ଶହ ସଂଖ୍ୟାରେ ଭାଇ ଓ ଭଉଣୀ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦିନ ତମାମ ଗୁରୁଙ୍କ ଭବାଦର୍ଶ, ନିତ୍ୟବାଣି ଓ ମାନବ ସମାଜ ପାଇଁ ଯାହା ଆବଶ୍ୟକ ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ବହୁ ସଂଖ୍ୟାରେ ଭକ୍ତମାନେ ଏହି ବିରାଟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ କୁହାଯାଇଛି।

## କାଡାନାଳି ଉପରେ ନିର୍ମାଣ ହେଉଛି ପକ୍କାଗୃହ



ରଘୁନାଥପୁର,୧୦।୭(ସମିସ): ରଘୁନାଥପୁର ବ୍ଲକ ରେଜୁଆ ପଞ୍ଚାୟତ ଗଙ୍ଗାପୁର ସ୍ଥିତ ଖାତା ନଂ ୫୩୮ ଓ ପ୍ଲଟ ନଂ ୧୬୭୦ ଉପରେ ଚାଷ ପାଇଁ ଉଦ୍ଦିଷ୍ଟ କାଡାନାଳି ଉପରେ ନିର୍ମାଣ ହେଉଛି ପକ୍କାଗୃହ। ଫଳରେ ୮ ନଂ କେନାଲ (୬୦ ଆର) ଶୋଠ ଦେଇ ଉକ୍ତ କାଡାନାଳିରେ ଚାଷଜମିକୁ ପାଣି ଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀ ପିତାମ୍ବର ଖୁଣ୍ଟିଆ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ କି ସ୍ଥାନୀୟ ଗ୍ରାମର ଜନୈକ ବ୍ୟକ୍ତି କାଡା ନାଳି ଉପରେ ତିନୋଟି ପିଲର ଖୋଳା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଉପର ମୁଣ୍ଡରୁ ତଳମୁଣ୍ଡକୁ ପାଣି ଯିବାରେ ପ୍ରତିବନ୍ଧକ ସୃଷ୍ଟି ହେବା ସହ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାଘାତ ହେବ ବୋଲି ବ୍ରହ୍ମାନନ୍ଦ ମିଶ୍ର ଓ ରବିନ୍ଦ୍ରନାଥ ବିଶ୍ୱାଳ ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ସମ୍ପର୍କରେ କଟକସ୍ଥିତ କାଡା ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଚାଷ କାର୍ଯ୍ୟ ଆରମ୍ଭ ପୂର୍ବରୁ ଉକ୍ତ କାଡାନାଳୀ ଉପରେ ଥିବା ଅବରୋଧକୁ ମୁକ୍ତ କରି ପାଣି ନିଷ୍କାସନକୁ ସ୍ୱାଭାବିକ କରିବା ପାଇଁ ରଞ୍ଜନ ନାୟକ, ଗୁରୁଚନ୍ଦ୍ର ନାୟକ, ସନାତନ ମହାନ୍ତି, ରଶ୍ମି ରଞ୍ଜନ ନାୟକ, ନିତ୍ୟାନନ୍ଦ ସାହୁ, ସୁବାସ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖୁଛନ୍ତି।

# ବାଲିତୁଠ - କଙ୍କରଦିଆ ରାସ୍ତା ଶୋଚନୀୟ

କୁଜଙ୍ଗ,୧୦।୭(ସମିସ): ବାଲିତୁଠ ପୂର୍ତ୍ତ ବିଭାଗ ରାସ୍ତାରୁ ବାଲିତୁଠ - କଙ୍କରଦିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ଲୁଣା ତଟ ବନ୍ଧ ବିଭାଗର ବାଇପାସ ରାସ୍ତା ଖାଲ ଖମାରେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ସୂଚନା ଥାଉକି, ବିଭିନ୍ନ ପର୍ବପର୍ବାଣୀ ସମୟରେ ବାଲିତୁଠ -କୁଜଙ୍ଗ ରାସ୍ତା ବାଲିତୁଠ ବଜାର ନିକଟରେ ରାସ୍ତା ଘଣ୍ଟାଘଣ୍ଟା ଭୀଷଣ



ଜାମ ହେଉଥିବାରୁ ଜାମକୁ ଏଡାଇବା ପାଇଁ ବାଲିତୁଠ ପୋଲ ନିକଟରୁ ମାହାଙ୍ଗା ନଦୀ କୂଳରେ ବାରୁଣୀ ପଡିଆ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ଜଳସମ୍ପଦ ବିଭାଗର ବାଲିତୁଠ ଲୁଣା ତଟବନ୍ଧ କାର୍ଯ୍ୟାଳୟ ପକ୍ଷରୁ କଚ୍ଚା ରାସ୍ତା ମେଣ୍ଟାଲ ମୋରମର ଏକ ବାଇପାସ ରାସ୍ତା ୨୦୨୪ ମସିହାରେ ନିର୍ମାଣ କରାଯାଇଥିଲା। ଏଥିରେ ବ୍ୟାପକ ଭାବରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଛି। ବର୍ଷା ସମୟରେ ରାସ୍ତାର ବହୁ ସ୍ଥାନରେ ହୋଇଥିବା ବଡ଼ ବଡ଼ ଖାଲରେ ବର୍ଷା ପାଣି ଜମି ରହୁଥିବାରୁ ଯାତାୟତରେ ଘୋର ବାଧା ସୃଷ୍ଟି କରୁଛି। ଏଣୁ ଆଗକୁ ଅଞ୍ଚଳର ପ୍ରସିଦ୍ଧ ଗଡକୁଜଙ୍ଗ ରଥଯାତ୍ରା ହେବାକୁ ଥିବାରୁ ବାଲିତୁଠ- କୁଜଙ୍ଗ ରାସ୍ତାର ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଉକ୍ତ ବାଇପାସ ରାସ୍ତାର ମରାମତି କରିବା ନିହାତି ଆବଶ୍ୟକ ପଡୁଛି। ଏଣୁ ଜଳସମ୍ପଦ ବିଭାଗର ଲୁଣା ତଟବନ୍ଧ କାର୍ଯ୍ୟାଳୟର ଜେଇ, ସହକାରି ନିର୍ବାହୀଯନ୍ତ୍ରୀ ଉକ୍ତ ବାଇପାସ ରାସ୍ତାକୁ ଯୁଦ୍ଧକାଳିନ ଭିତରେ ମରାମତି କରି ଯାତାୟତ ଉପଯୋଗୀ କରିବା ସହ ଉକ୍ତ ରାସ୍ତାକୁ ପିଚୁ କରିବା ପାଇଁ ସ୍ଥାନୀୟ ବାଲିତୁଠ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ଶ୍ମଶାନ ଜମିରୁ ବେଆଇନ ମାଟିଚାଲାଣ

ବାଲିକୁଦା,୧୦।୭(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମର ଶ୍ମଶାନ କିସମ ଜମିରୁ ବେଆଇନ ଭାବେ ମାଟି ଉଠାଯାଇଥିବା ଅଭିଯୋଗରେ ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ବ୍ୟକ୍ତି ପ୍ରାୟ ୨୦୦ ମିଟରରୁ ଅଧିକ ଲମ୍ବ ଓ ୫ ଫୁଟ ଓସାରର ଏକ ନାଳା ଖୋଳି ଶ୍ମଶାନ ଜମିରୁ ମାଟି ନେଇଯାଇଥିବା ଅଭିଯୋଗ ରହିଛି। ଏହାଫଳରେ ଗ୍ରାମବାସୀଙ୍କ ଶବଦାହ କାର୍ଯ୍ୟ ପାଇଁ ଶ୍ମଶାନକୁ ଯିବାରେ ବାଧା ସୃଷ୍ଟି ହେଉଥିବା ବେଳେ, ଶ୍ମଶାନ ନିକଟସ୍ଥ ଗୋଚର ଜମିକୁ ଗୋରୁଗାଈ ଚାରଣ ପାଇଁ ନେବାରେ ମଧ୍ୟ ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି। ଏହି ଘଟଣାକୁ ନେଇ ପୂର୍ବରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ଓ ସ୍ଥାନୀୟ ଥାନା ଅଧିକାରୀଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲେ ମଧ୍ୟ ପ୍ରାୟ ଛଅ ମାସ ବିତିଯାଇଥିବା ସତ୍ତ୍ୱେ କୌଣସି ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷା ଦିନ ଥିବାରୁ ଏହି ସମସ୍ୟା ଅଧିକରୁ ଅଧିକ ଜଟିଳ ହେବା ସ୍ଥିତି ଉପୁଜିଛି। ଏହାର ପ୍ରତିବାଦରେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଖୋଳାଯାଇଥିବା ନାଳାକୁ ପୋତି ପୂର୍ବାବସ୍ଥାକୁ ଫେରାଇବା ଏବଂ ଶ୍ମଶାନ ଜମିର ସୁରକ୍ଷା ଦାବିରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରାମର ପ୍ରତିନିଧିମାନେ ଆସନ୍ତା ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜିଲ୍ଲାପାଳ ଓ ଜଗତସିଂହପୁର ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ଜଣାପଡ଼ିଛି। ଏହି ଦାବିକୁ ୱାର୍ଡ ସଭ୍ୟା ରେଣୁବାଳା ନାଥ, ଅଭିଳାଷ ସ୍ୱାଇଁ, ରଘୁନାଥ ନାଥ, ଈଶ୍ୱର ଚନ୍ଦ୍ର ସ୍ୱାଇଁଙ୍କ ସମେତ ନରଣପୁର ଗ୍ରାମର ବହୁ ଗ୍ରାମବାସୀ ସମର୍ଥନ ଜଣାଇଛନ୍ତି।

## ଶିକ୍ଷକ ହିମାଂଶୁ ମହାନ୍ତିଙ୍କୁ ପ୍ରକୃତିବନ୍ଧୁ ସମ୍ମାନ




ନାଉଗାଁ,୧୦।୭(ସମିସ): ନାଉଗାଁ ବ୍ଲକ୍ ସ୍ଥିତ ଜଳେଶ୍ୱର ପଡା ଗ୍ରାମର ପରିବେଶ ପ୍ରେମୀ ତଥା ଶିକ୍ଷକ ହିମାଂଶୁ କୁମାର ମହାନ୍ତିଙ୍କୁ 'ପ୍ରକୃତିବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି। ୭୭ତମ ବନମହୋତ୍ସବ ସପ୍ତାହରେ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଆନୁକୂଲ୍ୟରେ ଶ୍ରୀକୃଷ୍ଣ ଏକାଡେମୀ, ଜଗତସିଂହପୁର ଠାରେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ସୁଶାନ୍ତ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବିଶିଷ୍ଟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ବନ ସଂରକ୍ଷଣ ସହକାରୀ ନିର୍ଦ୍ଦେଶିକା ମୋନାଲିସା ହୋତା, ବନପାଳ ପିତବାସ ମହାପାତ୍ର, ଡ. ବାସନ୍ତୀ ପାଲ୍, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ବ୍ଲକ୍ ଶିକ୍ଷାଧିକାରୀ ସୂର୍ଯ୍ୟ ରଞ୍ଜନ ଦାସ, ବ୍ଲକ୍ ଶିକ୍ଷାଧିକାରିଣୀ ମଧୁସ୍ମିତା ପତି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୀତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ସାମାଜିକ କର୍ମୀଙ୍କୁ 'ପ୍ରକୃତିବନ୍ଧୁ ପୁରସ୍କାର'

ବାଲିକୁଦା,୧୦।୭(ସମିସ): ପରିବେଶ ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ଓଷକଣା ଗ୍ରାମର ସାମାଜିକ କର୍ମୀ କନକଲତା ପରିଡ଼ାଙ୍କୁ ''ପ୍ରକୃତିବନ୍ଧୁ ପୁରସ୍କାର' ପ୍ରଦାନ କରାଯାଇଛି। ପରିବେଶ ପ୍ରେମୀ ଓ ସମାଜସେବୀ ଭାବେ ପରିଚିତ ଶ୍ରୀମତୀ ପରିଡ଼ା ଦୀର୍ଘଦିନ ଧରି ବୃକ୍ଷରୋପଣ, ପରିବେଶ ସଚେତନତା




ସୃଷ୍ଟି, ପ୍ଲାଷ୍ଟିକ ବର୍ଜନ ଏବଂ ପ୍ରକୃତି ସୁରକ୍ଷା କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନିଭାଇ ଆସୁଛନ୍ତି। ଜିଲ୍ଲା ପରିବେଶ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜଗତସିଂହପୁର ସ୍ଥିତ ଶ୍ରୀକୃଷ୍ଣ ଏକାଡେମୀ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ଲାଭ ପରେ ଶିକ୍ଷାବିତ୍, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ଅବଧି ପରେ ମଧ୍ୟ ସରିଲାନି କାର୍ଯ୍ୟ

ନାଉଗାଁ,୧୦।୭(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟର ଅବଧିକୁ ପୂରିଲା ୨ ବର୍ଷ। ସରିଲାନି କାର୍ଯ୍ୟ। ନାଉଗାଁ ବ୍ଲକ ଅଧୀନସ୍ତ ଦହିପାଳରୁ ସଂସାଇଲୋ ବେଲକନ୍ଦ ରାସ୍ତା ଓ ନାଳ ଉପରେ ଉଚ୍ଚ ସେତୁ ନିର୍ମାଣ ପାଇଁ ୨ କୋଟି ୬୯ ଲକ୍ଷ ୮୯ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ମୂଲ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇ ନିର୍ମାଣ କାରୀ ସଂସ୍ଥା ପ୍ରଭାସ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟଦେଶ ଆରମ୍ଭ ୨୦୨୩ ଡିସେମ୍ବରରୁ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ଶେଷ ୨୦ ତାରିଖ ସେପ୍ଟେମ୍ବର ୨୦୨୪ ରହିଥିଲା। କିନ୍ତୁ କାର୍ଯ୍ୟ ଶେଷ ତାରିଖରୁ



ଦୀର୍ଘ ଦୁଇ ବର୍ଷ ପାଖାପାଖି ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ଅନ୍ୟପଟେ ସେତୁ ନିର୍ମାଣ ନିକଟରେ ମାଟିବନ୍ଧକୁ ବେପରୁଆ ଭାବେ ମାଟି ଗଦା କରାଯାଉଥିବା ବେଳେ ଆଖପାଖରେ ଥିବା ସହ ସହ ଏକର ଚାଷ ଜମି ଜଳମଗ୍ନ ହୋଇ ପଡିରହିଛି। ଯାହା ଫଳରେ ଚାଷ କାର୍ଯ୍ୟ କରିବା ପାଇଁ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଚାଷୀ। ଅପର ପକ୍ଷେ ସେତୁକୁ ଲାଗି ଦୁଇ ପଟ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ଅଧପନ୍ତରିଆ ହୋଇ ପଡିରହିଛି। ଯାହାକୁ ନେଇ ଆଖପାଖ ଅଞ୍ଚଳର ଲୋକେ ନାନାଦି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଜାଗା ସମସ୍ୟା ରହିଥିବାରୁ କାର୍ଯ୍ୟ ବିଳମ୍ବ ହୋଇଥିବା ଦର୍ଶାଇଛନ୍ତି।

## ଶିଳ୍ପମନ୍ତ୍ରୀଙ୍କ ମହାନଦୀ ମୁହାଣ ପ୍ରଦର୍ଶନ



କୁଜଙ୍ଗ,୧୦।୭(ସମିସ): ପାରାଦୀପ ବିଧାୟକ ତଥା ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଜି ଜଗତସିଂହପୁର ଡିଏଫ୍‌ଓ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ପାରାଦୀପ ଚୌମୁହାଁଣୀ ନିକଟବର୍ତ୍ତୀ ମହାନଦୀ ଅବବାହିକା ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅଞ୍ଚଳର ଗୋଟିଏ ପାର୍ଶ୍ୱରେ ମହାନଦୀ ଏବଂ ଅପର ପାର୍ଶ୍ୱରେ ତାଳଦଣ୍ଡା କେନାଲ ରହିଥିବାରୁ, ସ୍ଥାନଟିକୁ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ କରାଯାଇପାରିବ। ତେଣୁ ସ୍ଥାନଟିକୁ ସାମଗ୍ରିକ ବିକାଶ ତଥା ସୌନ୍ଦର୍ଯ୍ୟକରଣ କରି ଏହି ଅଞ୍ଚଳକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ନେଇ ଉପସ୍ଥିତ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

## ଘର ସାମ୍ନାରୁ ନାବାଳକ ନିଖୋଜ

କାମାକ୍ଷାନଗର,୧୦ ।୭ (ସମିସ): କାମାକ୍ଷାନଗର ସହରସ୍ଥିତ କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନାରେ ଥିବା କଲୋନୀର ଏକ ଘର ସାମ୍ନାରୁ ଜଣେ ନାବାଳକ ଛାତ୍ର ନିଖୋଜ ହୋଇଯାଇଛନ୍ତି । ନିଖୋଜ ଛାତ୍ର ହେଲେ ପ୍ରକାଶ ବରାଳଙ୍କ ପୁଅ ବିଷ୍ଣୁପ୍ରସାଦ ବରାଳ। ସୂଚନା ଅନୁସାରେ



ବିଷ୍ଣୁପ୍ରସାଦ ଶୁକ୍ରବାର ସକାଳେ ଟିଉସନ ଯିବାପାଇଁ ଘର ସାମ୍ନାରେ ଛିଡ଼ା ହୋଇଥିଲେ । ପରେ ସେ ସେହିଠାରୁ ନିଖୋଜ ହୋଇଯାଇଛନ୍ତି । ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ପତ୍ତା ମିଳିପାରିନାହିଁ। ବିଷ୍ଣୁପ୍ରସାଦ ପଢୁଥିବା ସ୍କୁଲରେ କୌଣସି ଭୁଲ କରିଥିବା ବେଳେ ଏ ନେଇ ଗୁରୁଜୀଙ୍କୁ କ୍ଷମା ମାଗିବା ପାଇଁ ମା' ତାଙ୍କୁ ତାଗିଦ କରିଥିଲେ । ତେବେ ସେ ଭୁଲ କରିନାହାନ୍ତି, ତେଣୁ କ୍ଷମା ମାଗିବେନି ବୋଲି ମା'ଙ୍କୁ କହିଥିଲେ। ଏପରି ସ୍ଥିତିରେ ହଠାତ ସେ ଘର ସାମ୍ନାରୁ ନିଖୋଜ ହୋଇଯାଇଛନ୍ତି । ଖବର ପାଇ କାମାକ୍ଷାନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି । ତେବେ ଖବର ଲେଖାଯିବା ଯାଏଁ ବିଷ୍ଣୁପ୍ରସାଦଙ୍କ ସନ୍ଧାନ ମିଳିନାହିଁ।

## ଚାକିରି ହରାଇଥିବା ଯୁବକଙ୍କ ଦଣ୍ଡବତ ଯାତ୍ରା ଅଟକାଇଲା ପୁଲିସ

● ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ



କାମାକ୍ଷାନଗର,୧୦ ।୭ (ସମିସ): ଚାକିରି ହରାଇଥିବା ସୋଗର ଗାଁର ରୁଦ୍ରନାରାୟଣ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଉଦ୍ଦେଶ୍ୟରେ ଗୁରୁବାରଠାରୁ ଦଣ୍ଡବତ ଯାତ୍ରା ଆରମ୍ଭ କରିଥିଲେ । ତେବେ ସେ ଖୁଣ୍ଟୁଣି ଅଞ୍ଚଳରେ ପହଞ୍ଚିଥିବା ବେଳେ ପୁଲିସ ତାଙ୍କୁ ଅଟକାଇ ଉଠାଇ ଆଣିଥିବା ସୂଚନା ମିଳିଛି । ପରେ ତାଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇ ସେଠାରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କ'ଣ ଆଲୋଚନା ହୋଇଛି ଓ କ'ଣ ନିଷ୍ପତ୍ତି ନିଆଯାଇଛି, ସେ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ।

## ବିପଦସଙ୍କୁଳ ଅବସ୍ଥାରେ ଡ୍ରେନ୍

ଢେଙ୍କନାଳ,୧୦ ।୭ (ସମିସ): କଣ୍ଟାବଣିଆ ଥାନା ଅନ୍ତର୍ଗତ କମଳାଙ୍ଗ ଗ୍ରାମର ପୂର୍ତ୍ତ ବିଭାଗ ଦ୍ୱାରା ଡ୍ରେନ ନିର୍ମାଣ ପାଇଁ ପ୍ରାୟ ୫୦୦ ମିରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଖୋଳା ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନିର୍ମାଣ ହୋଇ ନ ପାରି ମୁକୁଳା ପଡ଼ିରହିଛି। ଫଳରେ ସ୍କୁଲଠାରୁ ଆରମ୍ଭ କରି ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ଯାତାୟାତ କରିବାକୁ ଭୟ କରୁଛନ୍ତି । ଡ୍ରେନଟି ପ୍ରାୟ ୫ ଫୁଟ ଗଭୀର ଖୋଳା ହୋଇ ରଡ୍ ବନ୍ଧା ହୋଇଛି । କିନ୍ତୁ ବିଭାଗର ଆନ୍ତରିକତା ଅଭାବରୁ ନିର୍ମାଣ ହୋଇପାରୁ ନାହିଁ। କମଳାଙ୍ଗ ପଞ୍ଚାୟତ, ସ୍କୁଲ, ମନ୍ଦିର ଓ ନଦୀଘାଟକୁ ଦୈନନ୍ଦିନ ଶହ ଶହ ଲୋକ ଚଳପ୍ରଚଳ କରୁଛନ୍ତି। ଯାହାକି ଯେ କୌଣସି



ସମୟରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି । ଜଣେ ବ୍ୟକ୍ତିଙ୍କ ଜମି ହୁଡ଼ାରେ ଡ୍ରେନ ନିର୍ମାଣ ହେଉଥିବାରୁ ଚାଷ କାର୍ଯ୍ୟ କରିବାକୁ ସେ ଜମିକୁ ପଶି ପାରୁନାହାନ୍ତି । ଦୀର୍ଘ ୬ ମାସ ହେଲା ଡ୍ରେନ ନିର୍ମାଣ ନ ହେବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ନିର୍ମାଣ କାର୍ଯ୍ୟ ନ ସାରିଲେ ଗ୍ରାମବାସୀ ଜିଲ୍ଲାପାଳ ଅଫିସ ଆଗରେ ଧାରଣା ଦେବେ ବୋଲି ସରପଞ୍ଚ ଜିତେନ୍ଦ୍ର ବେହେରାଙ୍କୁ ଜଣାଇଛନ୍ତି ।

## ୧୩ରେ କାମାକ୍ଷାନଗରରେ ଜନଶୁଣାଣି

ଢେଙ୍କାନାଳ,୧୦ ।୭ (ସମିସ): ଆସନ୍ତା ୧୩ ତାରିଖ କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ । ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ପଞ୍ଜୀକରଣ କରି ଅଭିଯୋଗ କରିପାରିବେ ବୋଲି ଜଣାଇ ଦିଆଯାଇଛି। ଶିବିର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି ।

## ସ୍ୱାସ୍ଥ୍ୟସେବାର ବିକଳଚିତ୍ର

# ଜୀବିତଙ୍କୁ ମୃତ ଘୋଷଣା କଲେ ଡାକ୍ତର !

କାମାକ୍ଷାନଗର,୧୦ ।୭ (ସମିସ)



କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଘଟିଛି ଅଭାବନୀୟ ଘଟଣା। ଜୀବିତଙ୍କୁ ଚିକିତ୍ସା ନ କରି ମୃତ ଘୋଷଣା କଲେ ଡାକ୍ତର । ଏ ନେଇ ପରିବାର ଲୋକେ ଅଭିଯୋଗ କରିବା ସହ ରୋଗୀଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି। ପରଜଙ୍ଗ ଥାନା ବସୁଲେଇ ଗ୍ରାମର ଚୈତନ୍ୟ କୁମାର ପରିଡ଼ା ଜାମୁକୋଳି ଗଛରେ ଚଢ଼ି କୋଳି ତୋଳୁଥିବା ବେଳେ ଅସାବଧାନତାରୁ ତଳକୁ ଖସି ପଡ଼ିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କାମାକ୍ଷାନଗର ମେଡିକାଲ ସ୍ଥାନାନ୍ତର କରିଥିଲେ। ପରିବାର ଲୋକ ଚୈତନ୍ୟଙ୍କୁ କାମାକ୍ଷାନଗର ମେଡିକାଲ ନେଇଥିବା ବେଳେ ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ତାଙ୍କ ଚିକିତ୍ସା ନ କରି ହଠାତ ମୃତ ଘୋଷଣା କରିଥିଲେ। ଚୈତନ୍ୟଙ୍କ ନାଡ଼ି ଚାଲୁଥିବା ବେଳେ ଚିକିତ୍ସା ନ କରି ଡାକ୍ତର ମୃତ ଘୋଷଣା କରିବା ନେଇ ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ପରେ ଡାକ୍ତର ଜଣକ ରୋଗୀଙ୍କୁ ଚିକିତ୍ସା କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଇଥିଲେ। ଅନ୍ୟପଟେ ଏ ନେଇ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ପଚାରିବାରୁ ସେ ରୋଗୀଙ୍କୁ ତିନି, ଚାରି ଥର ଦେଖିଥିବା ଓ ମୃତ ଘୋଷଣା କରି ନ ଥିବା କହିଛନ୍ତି । ଘଟଣାର ତଦନ୍ତ କରାଯିବ ବୋଲି କାମାକ୍ଷାନଗର ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ସାର ଇନ୍‌ପୁଟ୍ ସବ୍‌ସିଡି, ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଦାବି



ଢେଙ୍କାନାଳ,୧୦ ।୭ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିଣାମ ସ୍ୱରୂପ ଦେଶରେ ଡିଏପି, ୟୁରିଆ ଏବଂ ପଟାସ୍ ଆଦି ରାସାୟନିକ ସାରର ଘୋର ଅଭାବ ପରିଲକ୍ଷିତ ହୋଇଛି। ସେଠାରୁ ସାର ଆମଦାନୀ ବନ୍ଦ ହୋଇଯିବା ସହିତ ଆସୁଥିବା ଏଲ୍ଏନ୍‌ଜି ଗ୍ୟାସ୍ ଆମଦାନୀ ମଧ୍ୟ ବନ୍ଦ ହୋଇଯିବା ଫଳରେ ଏହି ଗ୍ୟାସ୍‌ରୁ ଦେଶରେ ଥିବା ସାର କାରଖାନାରେ ପ୍ରସ୍ତୁତ ହେଉଥିବା ସାର ଉତ୍ପାଦନ ମଧ୍ୟ ବନ୍ଦ ରହିଥିଲା। ସାର ଅଭାବ ଯୋଗୁଁ ଖୋଲା ବଜାରରେ ମୂଲ୍ୟ ୬୦ରୁ ୭୦% ବୃଦ୍ଧି ପାଇଛି। ତେଣୁ ଚାଷୀମାନେ ଖରିଫ ଧାନ ଏବଂ ଅନ୍ୟ ଚାଷ ନିମନ୍ତେ ଅଧିକ ମୂଲ୍ୟ ଦେଇ ସାର କିଣି ଜମିରେ ପ୍ରୟୋଗ କରି ସାରିଲେଣି । ଆଗକୁ ଆହୁରି ୨-୩ ଥର ସାର ପ୍ରୟୋଗ କରି ଚାଷୀ ଅନେକ ଅର୍ଥ ଖର୍ଚ୍ଚ କରିବେ। ଏହାସହ କୀଟନାଶକ ଔଷଧର ମଧ୍ୟ ମୂଲ୍ୟ ବୃଦ୍ଧି ଘଟିଛି। କାରଣ ଅଧିକାଂଶ ଔଷଧ ଅଶୋଧିତ ତୈଳରୁ ପ୍ରସ୍ତୁତ ହୋଇଥାଏ ଯାହାର ବଜାର ମୂଲ୍ୟ ବୃଦ୍ଧି ଘଟିଛି। ଚାଷୀମାନଙ୍କର ଏହି ସମସ୍ୟାକୁ ଆଧାର କରି ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ସଭାପତି ପ୍ରଫେସର ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ ଏବଂ ସଦସ୍ୟ ବିନୟ କୁମାର ସାହୁ, ପୁଷ୍ପା ପାଢ଼ୀ, ଗୀତା ସାମଲ ପ୍ରମୁଖ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସାର ଏବଂ କୀଟନାଶକ ଔଷଧ ଉପରେ ଦିଆଯାଉଥିବା ଇନ୍‌ପୁଟ୍ ସବ୍‌ସିଡି ବୃଦ୍ଧି କରିବା ସହ ଚାଷୀମାନେ ଉତ୍ପାଦିତ ଧାନ ଏବଂ ଅନ୍ୟ ଫସଲ ବିକ୍ରି ସମୟରେ ଯେପରି କ୍ଷତିଗ୍ରସ୍ତ ନ ହେବେ, ସେଥିପାଇଁ ୨୦୨୬ ଖରିଫ ଫସଲର ନ୍ୟୁନତମ ସହାୟକ ମୂଲ୍ୟ ବୃଦ୍ଧି କରିବା ନିମନ୍ତେ ଦାବି କରାଯାଇଛି ।

## ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

● ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଅଂଶଗ୍ରହଣ




ଢେଙ୍କାନାଳ,୧୦ ।୭ (ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲରେ ଜିଲ୍ଲା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସମାଜସେବୀ ମହାଦେବ ପାତ୍ର, ଏଲ୍‌ଆଇସି ଡେଭଲପମେଣ୍ଟ୍ ଅଫିସର ସରୋଜ ମହାନ୍ତି ସମେତ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ଦୀପକ ଦଳେଇ, ସମ୍ପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ ଶତପଥୀ, ଉପଦେଷ୍ଟା ସୁଶାନ୍ତ କୁମାର ସାହୁ, କୋଷାଧକ୍ଷ ରଶ୍ମିପ୍ରକାଶ ପଟ୍ଟନାୟକ ଏବଂ ବରିଷ୍ଠ ସଦସ୍ୟ ଶୁଭ୍ରାଂଶୁ ଦଳେଇ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ତିନିଦିନ ଧରି ଚାଲିବ । ଜିଲ୍ଲାର ସବୁ ବ୍ଲକ୍‌ରୁ ବିଭିନ୍ନ ବର୍ଗରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି । ସୂଚନା ଏହି ଅବସରରେ ଜିଲ୍ଲାର ଗର୍ବ ତଥା ଅନ୍ତର୍ଜାତୀୟ ପାରା ବ୍ୟାଡମଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଲା । ସଦସ୍ୟ ବ୍ରିଜେଶ ମିଶ୍ର, ସ୍ୱଦେଶ ସିଂହ, ସୂର୍ଯ୍ୟକାନ୍ତ ମହାପାତ୍ର, ସର୍ବେଶ୍ୱର ସେଠୀ, ଆୟେଶା ସିଂହ, ସିଦ୍ଧି ଅଗ୍ରୱାଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଇନର୍ ହ୍ୱିଲ୍ କ୍ଲବ୍‌ର ୪୨ତମ ଅଧିଷ୍ଠାନ ଉତ୍ସବ




ଢେଙ୍କାନାଳ,୧୦ ।୭ (ସମିସ): ସ୍ଥାନୀୟ ରୋଟାରୀ ଭବନରେ ଇନର୍‌ହ୍ୱିଲ୍‌କ୍ଲବ୍‌ଢେଙ୍କାନାଳର ୪୨ତମ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଛି । ଉତ୍ସବରେ କ୍ଲବର ବିଦାୟୀ ସଭାପତି ଅଳକନନ୍ଦା ସିଂଦେଓ, ବିଦାୟୀ ସମ୍ପାଦିକା ମିନାଲ କୁମାରୀ ସିଂଦେଓ, ନୂତନ ସଭାପତି ମଧୁଛନ୍ଦା ସାହୁ, ନୂତନ ସମ୍ପାଦିକା ଅପର୍ଣ୍ଣା ରଥଙ୍କ ସମେତ ସମସ୍ତ ସଭ୍ୟା ଉପସ୍ଥିତ ଥିଲେ। ଏଥିସହ ରୋଟାରୀ କ୍ଲବ୍‌ର ସଭ୍ୟ, ରୋଟାରାକ୍ଟ ଓ ସିନର୍ଜି କଲେଜର ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ଅଧକ୍ଷା-୩୨୬ ମଧୁମିତା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଆର୍‌ଡିର ସୁପରିନ୍‌ଟେଣ୍ଡେଣ୍ଟ ଇଞ୍ଜିନିୟର ସୋନାଲି ସୁଚରିତା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସସ୍ମିତା ମହାନ୍ତି ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ପୁରୁଣା ବର୍ଷ ୨୦୨୫-୨୬ର ଟିମ୍ ନୂତନ ବର୍ଷ ୨୦୨୬-୨୭ର ଟିମ୍‌କୁ ସ୍ୱାଗତ କରି ଲାପେଲ୍ ପିନ୍ ପିନ୍ଧାଇଥିଲେ। ନୂତନ ସଭାପତି ମଧୁଛନ୍ଦା ସାହୁ ନିଜ ଟିମ୍ ତଥା କାର୍ଯ୍ୟକାରିଣୀ ସଭ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷର ରୋଟାରୀ ସଭାପତି ସାଗରିକା ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ନିକଟରେ ତୁର୍କୀର ମରସିନ୍‌ଠାରେ ଆୟୋଜିତ ବିଶ୍ୱ ଆବିଲିଟି ସ୍ପୋର୍ଟସ୍ ୟୁଥ୍ ଗେମ୍ସରେ ଭାରତ ପାଇଁ ୩ଟି ପଦକ ଜିତି ଦେଶ, ରାଜ୍ୟ ଓ ଢେଙ୍କାନାଳ ପାଇଁ ଗୌରବ ଆଣିଥିବା ପାରା ବ୍ୟାଡମଣ୍ଟନ୍ ଖେଳାଳି ବିଭାସିନ୍ଧୁ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ +୨ ସାନ୍ଧ୍ୟ ମହାବିଦ୍ୟାଳୟ ଗରିବ ଛାତ୍ରୀ ଲିଲିଶା ସାହୁଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଥିଲା। ପୂର୍ବତନ ସଭାପତି ରୋଜାଲିନ୍ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ନୂତନ ଯୁଗ୍ମ ସମ୍ପାଦିକା ଈଶ୍ୱରୀ ଝାଓ୍ୱରା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ସଭାପତି ଆଇ. ରୂପାରାଣୀ, ସସ୍ମିତା ଆଚାର୍ଯ୍ୟ ଓ ସସ୍ମିତା ମହାନ୍ତି ସହଯୋଗ କରିଥିଲେ ।

## ନିମ୍ନମାନର ରାସ୍ତା; ଚାଷଜମିରେ ମାଟି ଧସେଇ ପଶିଲା

ଢେଙ୍କାନାଳ,୧୦ ।୭ (ସମିସ): ଢେଙ୍କାନାଳ ଜିଲ୍ଲାର କେନ୍ଦୁମୁଣ୍ଡାଠାରୁ ବ୍ରାହ୍ମଣଧରା ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ମାସେ ପୂରିବା ପୂର୍ବରୁ ହିଁ ଭାଙ୍ଗିବା ଆରମ୍ଭ ହୋଇବା ଅଭିଯୋଗ ହୋଇଛି। ବ୍ରାହ୍ମଣଧରା-କେନ୍ଦୁମୁଣ୍ଡା ପୁରୁଣା ସାହି ଦେଇ ଯାଇଥିବା ଏହି ରାସ୍ତାରେ ପାର୍ଶ୍ୱ ସୁରକ୍ଷା ବ୍ୟବସ୍ଥା ନଥିବାରୁ ବର୍ଷାରେ ରାସ୍ତାର ମାଟି ଧସି ଚାଷୀଙ୍କ ଜମିକୁ ପଶୁଛି। ଯାହା ଫଳରେ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଫସଲ ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ଉଠିଛି। କେନ୍ଦୁମୁଣ୍ଡା ଗ୍ରାମର ରମେଶ ସାହୁ, ନନ୍ଦକିଶୋର ସାହୁ ଓ କୁଳମଣି ସାହୁ ପ୍ରାୟ ଦୁଇ ମାସ ପୂର୍ବରୁ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ଦୁଃଖବନ୍ଧୁ ବିଶ୍ୱାଳ ମଧ୍ୟ ଫୋନ ଯୋଗେ ଏହି ସମସ୍ୟା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ପାଇବା ପରେ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ରାସ୍ତା କଡ଼ରେ ଆବଶ୍ୟକ ସୁରକ୍ଷା ପ୍ରାଚୀର କିମ୍ବା ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ଯଥାଶୀଘ୍ର କରାଗଲେ ମାଟି ଆଉ ଚାଷ ଜମିକୁ ପଶିବ ନାହିଁ ବୋଲି କେନ୍ଦୁମୁଣ୍ଡା ପୁରୁଣା ସାହିର



### ଚାଷୀ କ୍ଷତିଗ୍ରସ୍ତ, ପଦକ୍ଷେପ ନେବାକୁ ଦାବି

ବାସିନ୍ଦାମାନେ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଠିକାଦାର ଚତୁରତା ସହିତ ଶୀଘ୍ର କାମ ସାଇଦେଇ ଚାଲିଗଲେ । ଏହି ରାସ୍ତା ଏତେ ନିମ୍ନମାନର କାମ ହେଇଛି ଯେ ଏହା ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବର୍ଷା ଅଭାବରୁ ଚାଷକାର୍ଯ୍ୟ ପ୍ରଭାବିତ

ଢେଙ୍କାନାଳ,୧୦ ।୭ (ସମିସ)

ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ଖରିଫ ଋତୁରେ ଚାଷ କାର୍ଯ୍ୟରେ ଶିଥିଳତା ପଡ଼ିଯାଇଛି। ଅନିୟମିତ ବର୍ଷା ଯୋଗୁଁ ଏଭଳି ହୋଇଥିବା ଜଣାପଡ଼ିଛି। ଜିଲ୍ଲାରେ ମୋଟ ୯୨ ହଜାର ୭ଶହ ହେକ୍ଟର ଧାନ ଚାଷ ପାଇଁ ଧାର୍ଯ୍ୟ ରହିଥିବା ବେଳେ ମାତ୍ର ୧୪ ହଜାର ୪୩୭ ହେକ୍ଟରରେ ଧାନଚାଷ କରାଯାଇଥିବା ଜଣାପଡ଼ିଛି ।

ଢେଙ୍କାନାଳ ଜିଲ୍ଲାରେ ୬ ହଜାର ୧୮୫ ହେକ୍ଟର ଉଚ୍ଚ ଜମିରେ ଚାଷ କରାଯାଉଥିବା ବେଳେ ୪୮ ହଜାର ୮୫୩ ହେକ୍ଟର ମଧ୍ୟମ ଜମି,୪୦ ହଜାର ୩୩୬ ହେକ୍ଟର ନିମ୍ନ ଜମିରେ ଧାନ ଚାଷ କରାଯାଇଥାଏ। ଜିଲ୍ଲାରେ କୃଷି ଲୋକମାନଙ୍କର ଜୀବନ ଜିବିକା ହୋଇଥିବା ବେଳେ ବର୍ଷା ଅଭାବ ଯୋଗୁଁ ଅନେକ ସମୟରେ ପ୍ରଭାବିତ ହୋଇଥାଏ। ଚାଷ ଉପରେ ୫୭ ହଜାର ୯୬୨ କ୍ଷୁଦ୍ର ଚାଷୀ, ୮୦ ହଜାର ୪୮୭ ମଧ୍ୟବିତ ଚାଷ ଏବଂ ୨୨ ହଜାର ୫୪୧ ବଡ ଚାଷୀ ରହିଥିବାର ଜଣାପଡ଼ିଛି। ସେହିପରି ମୋଟ ୧ ଲକ୍ଷ ୬୩ ହଜାର ୬୩୬ କୃଷି ଶ୍ରମିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ରହିଥିବା ବେଳେ ୭୧ ହଜାର ୨୩୦ ଚାଷୀ ରହିଛନ୍ତି। ଏହା ସହିତ ଭାଗଚାଷୀ ମଧ୍ୟ ରହଛନ୍ତି। ଜିଲ୍ଲାରେ ମୋଟ ୯୨ହଜାର ୭ଶହ ହେକ୍ଟର ଜମିରେ ଖରିଫ ଚାଷ କରାଯାଇଥିବା ବେଳେ ୮୭ ହଜାର ୫୬୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ, ୧ ହଜାର ୪୦ ହେକ୍ଟର ଜମିରେ ହାଇବ୍ରିଡ



ଧାନ, ଏବଂ ୪ ହଜାର ୧ଶହ ହେକ୍ଟର ଜମିରେ ସାଧାରଣ ଧାନ ଚାଷ କରାଯିବା ଟାର୍ଗେଟ ଥିବା ବେଳେ ଅଧିକ ଅମଳକ୍ଷମ ଧାନ ମାତ୍ର ୧୩ ହଜାର ୫୪୫ ହେକ୍ଟରରେ କରାଯାଇଥିବାବେଳେ ହାଇବ୍ରିଜଡ ଧାନ ଶୂନ ହେକ୍ଟର,୮୯୨ ହେକ୍ଟର ଜମିରେ ସାଧାରଣ ଧାନ ଚାଷ କରାଯାଇଛି । ମୋଟ ଚାଷ ଜମି ମଧ୍ୟରୁ ସଦର ବ୍ଲକରେ ୩୦ ହଜାର ୨୭୦ ହେକ୍ଟର,ଓଡାପଡା ବ୍ଲକରେ ୨୧ ହଜାର ୫୨୨ ହେକ୍ଟର, ଗଁଦିଆ ବ୍ଲକରେ ୨୨ ହଜାର ୯୨୨ ହେକ୍ଟର, ହିନ୍ଦୋଳ ବ୍ଲକରେ ୩୧ ହଜାର ୫୪୪ ହେକ୍ଟର, କାମାକ୍ଷାନଗର ବ୍ଲକରେ ୧୯ ହଜାର ୧୩ ହେକ୍ଟର,ଭୁବନ ବ୍ଲକରେ ୧୯ ହଜାର ୪୯୮ ହେକ୍ଟର,ପରଜଙ୍ଗ ବ୍ଲକରେ ୨୦ ହଜାର ୩୯୫ ହେକ୍ଟର ଏବଂ କଙ୍କଡାହାଡ ବ୍ଲକରେ୧୮ ହଜାର ୬୭୮ ହେକ୍ଟର ଚାଷ ଜମି ରହିଛି । କିନ୍ତୁ ଚଳିତ ବର୍ଷ ବର୍ଷା ନହେବାରୁ ଧାନ ଚାଷ ଉପରେସମ୍ପୂର୍ଣ୍ଣ

### ୯୨,୭୦୦ ହେକ୍ଟର ମଧ୍ୟରୁ ୧୪,୪୩୭ ହେକ୍ଟର ଚାଷ ହୋଇଛି

ଭାବରେ ପ୍ରଭାବ ପଡ଼ିଛି। ସେହିପରି ଜିଲ୍ଲାରେ ଅଣଧାନ ଚାଷ ଭିତରେ ମକା ଚାଷ ପାଇଁ ୨ ହଜାରହେକ୍ଟର ଲକ୍ଷ ରହିଥିବା ବେଳେ ମାତ୍ର ୬୨୦ ହେକ୍ଟର ଜମିରେ ହାଇବ୍ରିଡ ମକା,୧୧ଶହ ହେକ୍ଟର ଜମିରେ ସାଧାରଣ ମକା ମଧ୍ୟରୁ ୩୫୦ ହେକ୍ଟର ଚାଷ କରାଯାଇଛି । ମୋଟ ୩ ହଜାର ୧ଏକ ଶହ ହେକ୍ଟର ଲକ୍ଷ ଥିବା ବେଳେ ୯୭୦ ହେକ୍ଟର ମାତ୍ର ଚାଷ ହୋଇଛି। ସେହିପରି ରାଗି ୨ ହଜାର ୭୧୦ ହେକ୍ଟର ମଧ୍ୟରୁ ମାତ୍ର ୩୯୨ ହେକ୍ଟର ଚାଷ ହୋଇଥିବା ବେଳେ ଜୋଆର ଆଦୌ ଚାଷ ହୋଇନାହିଁ। ମାଣ୍ଡିଆ ଚାଷ ପାଇଁ ୬୦ହେକ୍ଟର ଲକ୍ଷ ରହିଥିବା ବେଳେ ଆଦୌ ଚାଷ ହୋଇନାହିଁ। ସେହିପରି ମୁଗ ଚାଷ ପାଇଁ ୮ ହଜାର କୋଡିଏ ହେକ୍ଟର ମଧ୍ୟରୁ ମାତ୍ର ୧୦୩ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ୧୬ ହଜାର ୯୯୦ ହେକ୍‌ଟର ଜମିରେ ଚାଷ ପାଇଁ ଲକ୍ଷ ରହିଥିବା ବେଳେ ମାତ୍ର ୬୧୫ ହେକ୍ଟର,କପା ପାଇଁ ୫୩୦ହେକ୍ଟର ମଧ୍ୟରୁ ମାତ୍ର ୫ ହେକ୍ଟର,ହରଡ ୫ ହଜାର ୯୧୦ ହେକ୍ଟରରୁ ମାତ୍ର ୧ହଜାର ୩୩ହେକ୍ଟର,ଅନ୍ୟ ଡାଲିଜାତୀୟ ପାଇଁ ୧୭୦ ହେକ୍ଟର ଲକ୍ଷ ରହିଥିବା ବେଳେ ଆଦୌ ଚାଷ ହୋଇନାହିଁ। ଚିନାବାଦାମ ପାଇଁ ୩ ହଜାର ୬ ଶହ ହେକ୍ଟର ମଧ୍ୟରୁ ମାତ୍ର ୨୮୦ହେକ୍ଟର, ରାଶି ୮ ହଜାର ୫ଶହ ୭୦ହେକ୍ଟର ମଧ୍ୟରୁ ମାତ୍ର ୪୭୦ହେକ୍ଟର,ଜଡା ୧୧୦ଶହ ହେକ୍ଟର ମଧ୍ୟରୁ ମାତ୍ର କିଛି ଚାଷ ହୋଇ ନ ଥିବା ବେଳେ ସୂର୍ଯ୍ୟମୁଖୀ ୨୪୦ଶହ ହେକ୍ଟର ମଧ୍ୟରୁ ଆଦୌ ହୋଇନାହିଁ। ସମାନ ଭାବରେ ଦେଖିବାକୁ ଗଲେ ଝୋଟ ପାଇଁ ୪ଶହ ହେକ୍ଟର ମଧ୍ୟରୁ ମାତ୍ର ୨୯୮ହେକ୍ଟର ଚାଷ କରାଯାଇଛି । ଜିଲ୍ଲାରେ ମୋଟ ୧ଲକ୍ଷ ୪୩ ହଜାର ୪୬୦ହେକ୍ଟର ମଧ୍ୟରୁ ମାତ୍ର ୨୮୦ହେକ୍ଟର ମଧ୍ୟରୁ ମାତ୍ର ୧୮ ହଜାର ୬୪୩ ହେକ୍ଟର ଜମିରେ ଖରିଫ ଋତୁରେ ଧାନ, ଅଣଧାନ ଚାଷ କରାଯାଇଥିବା ଜଣାପଡ଼ିଛି। ବର୍ଷାର ଅଭାବ ଯୋଗୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି ।

## ଭିବି ଜୀ ରାମ ଜି ଅନ୍ତର୍ଗତ ବିକଶିତ ଗ୍ରାମ ପଞ୍ଚାୟତ ପ୍ରସ୍ତୁତି

ଗଁଦିଆ,୧୦ ।୭ (ସମିସ): ଗଁଦିଆ ବ୍ଲକ ମଠତେନ୍ତୁଳିଆ ପଞ୍ଚାୟତ ମୁଣ୍ଡମାରି ଗ୍ରାମରେ ଭିବି ଜି ରାମ ଜି ଅନ୍ତର୍ଗତ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ପ୍ରସ୍ତୁତି ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ସରକାରଙ୍କ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ସରପଞ୍ଚ ମାନସ ଭଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ, ରାଜ୍ୟ ନୋଡାଲ ଅଫିସର ସୋହନ କୁମାର ଧଳ, ଦେବାଶିଷ ଦାସ, ବ୍ଲକ କନିଷ୍ଠ ଯନ୍ତ୍ରୀ, ଅତିରିକ୍ତ କାର୍ଯ୍ୟକାରୀ ଯନ୍ତ୍ରୀ, ମଙ୍ଗଳ ଅଧିକାରୀ ଅଭିଜିତ ବେହେରା, ଏଫ୍‌ଇଏସ୍ ମାଷ୍ଟର ଟ୍ରେନର ଶୁଭ୍ରଜିତ ସାହୁଙ୍କ ସହ ପାନୀୟ ଜଳ, ବନ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ପଶୁ ସମ୍ପଦ ବିଭାଗ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ପ୍ରତ୍ୟେକ ବିଭାଗ ପକ୍ଷରୁ ସେମାନଙ୍କ ବିଭିନ୍ନ ସରକାରୀ ଯୋଜନା



ସମ୍ପର୍କରେ ସୂଚନା ଦିଆଯିବା ସହ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା । ଗ୍ରାମର ସମ୍ବଳ ମାନଚିତ୍ର ପ୍ରସ୍ତୁତ କରାଯିବା ସହ ପ୍ରାକୃତିକ ସମ୍ପଦ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଚିହ୍ନଟ କରାଯାଇଥିଲା ।

## ଆବାସ ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

ଗଁଦିଆ,୧୦ ।୭ (ସମିସ): ଗଁଦିଆ ବ୍ଲକ ସନ୍ଥପୁର ପଞ୍ଚାୟତରେ ଆବାସ ହିତାଧିକାରୀ ଚୟନ ପକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ଯେଉଁଭଳି ଢଙ୍ଗରେ ଏହି ଚୟନ ପ୍ରକ୍ରିୟା ଚାଲିଛି ତାହାକୁ ନେଇ ଅନେକଙ୍କ ମନରେ ସନ୍ଦେହ ଜାତ ହେବା ସହ ବାସ୍ତବରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେବା ସମ୍ଭାବନା ରହିଛି। ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ଏକ ୧୫ଜଣିଆ ଟିମ ଉକ୍ତ ପଞ୍ଚାୟତରେ ଆବାସ ଯୋଜନାରେ ଗୃହ ପାଇବା ପାଇଁ କେଉଁମାନେ ଯୋଗ୍ୟ ଅଟନ୍ତି ତାହାର ଏକ ସର୍ଭେ କରୁଛନ୍ତି । କିନ୍ତୁ ଅପର ପକ୍ଷରେ ଯେଉଁଭଳି ଢଙ୍ଗରେ ଏହି ସର୍ଭେ କାର୍ଯ୍ୟ ଚାଲୁଛି ତାହାକୁ ନେଇ ଅଧିକାଂଶ ସାଧାରଣ ଜନତାଙ୍କ ମନରେ ସନ୍ଦେହ ଜାତ ହେଉଛି। ଏହି ସର୍ଭେକୁ ନେଇ ଉକ୍ତ ପଞ୍ଚାୟତର ଅଧିବାସୀ ଶ୍ରୀକାନ୍ତ ସ୍ୱାଇଁ ଓ ଗଣେଶ୍ୱର ପରିଡ଼ା କୁହନ୍ତି କେବଳ ଧର୍ମକୁ ଆଖିଠାର ପରି ଏହି ପ୍ରକ୍ରିୟା ଚାଲିଛି । ଏଥିରେ ଭିତିରିଆ ଲାଞ୍ଚ କାରବାର ହେଉଛି ବୋଲି ସିଧାସଳଖ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଗଁଦିଆ ଅତିରିକ୍ତ ବିଡିଓ ଏସ ନୈବେଦ୍ୟ କୁହନ୍ତି ଯେ ଆଜି ଉକ୍ତ ପଞ୍ଚାୟତରେ ସର୍ଭେ ହୋଇଛି। ଏବେ ସୁଦ୍ଧା ତାହାର ରିପୋର୍ଟ ଆମ ପାଖରେ ପହଞ୍ଚି ନାହିଁ। ଏହି ଯୋଜନା ଏକ ସ୍ଥାୟୀ ପ୍ରୋସେସ। ଏଥିରେ କୌଣସି ଅନିୟମିତା କରାଯାଉନାହିଁ । ଯଦି ବେନିୟମ

### ଅସନ୍ତୋଷ ପ୍ରକାଶ କଲେ ପଞ୍ଚାୟତବାସୀ

ଭାବରେ କୌଣସି ହିତାଧିକାରୀଙ୍କ ନାମକୁ ଚୟନ କରାଯାଇଥାଏ ତେବେ ଅଭିଯୋଗ ମିଳିବା କ୍ଷଣି ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବଞ୍ଚିତ ନ ହେବ ସେ ନେଇ ପ୍ରଶାସନ କଡ଼ା ନଜର ରଖିଛି ବୋଲି ମତ ପ୍ରକାଶ କରିଛନ୍ତି ।

ନିର୍ବାଚନ କମିସନଙ୍କୁ ଚିଠି ଲେଖିଲା ବିଜେଡି

## ଚୌଦ୍ୱାର ମ୍ୟୁନିସିପାଲିଟି କାଉନସିଲରଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ

ଭୁବନେଶ୍ୱର, ୧୦।୭ (ସମିସ): ଚୌଦ୍ୱାର ମ୍ୟୁନିସିପାଲିଟି ୧୨ ନମ୍ବର ୱାର୍ଡ କାଉନସିଲର ସୁବ୍ରତ ସାମଲଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଚିଠି ଲେଖିଛି ବିଜେଡି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ଦର୍ଶାଯାଇଛି ଯେ ୨୦୨୨ ମସିହାର ଅନୁଷ୍ଠିତ ପୌର ନିର୍ବାଚନରେ ବିଜେଡି ପକ୍ଷରୁ ସୁବ୍ରତ ସାମଲ ଶଙ୍ଖ ଚିହ୍ନରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପରେ ସେ ସ୍ୱେଚ୍ଛାକୃତ ଭାବେ ଦଳର ସଦସ୍ୟତା ତ୍ୟାଗ କରିଥିବା ଦର୍ଶାଇଛନ୍ତି। ଏହାର ପ୍ରମାଣ ସ୍ୱରୂପ ୮ ଜୁଲାଇରେ ଏକ ଦୈନିକ ଖବରକାଗଜରେ ପ୍ରକାଶିତ ଖବର ଓ ତାଙ୍କ ଫେସବୁକ ପୋଷ୍ଟର ଲିଙ୍କକୁ ଏହି ଚିଠି ସହ ସଂଲଗ୍ନ କରାଯାଇଛି। ଓଡ଼ିଶା ମ୍ୟୁନିସିପାଲ ଲ' (ଦ୍ୱିତୀୟ ସଂଶୋଧନ) ଆକ୍ଟ, ୨୦୧୫ର ଧାରା ୪୬ଏ(୧)(ଏ) ଅନୁଯାୟୀ ସୁବ୍ରତ ସାମଲଙ୍କୁ କାଉନସିଲର ପଦରୁ ତୁରନ୍ତ ଅଯୋଗ୍ୟ ଘୋଷଣା କରିବା ସହ ଶୀଘ୍ର ପଦକ୍ଷେପ ନେବାକୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଦଳ ଅନୁରୋଧ କରିଛି।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

ଆଜି ଲାଗି ହେବେ ମହାପ୍ରଭୁ



ପୁରୀ, ୧୦।୭ (ସମିସ): ଅଣସରରେ ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥାନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଳକୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହିସବୁ କାମ ଶୁଦ୍ଧପୁତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥାନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡୁ ଜଳରେ ସ୍ନାନ କରି ଜ୍ୱରରେ ପୀଡତ ହୁଅନ୍ତି। ଏହା ପରଠାରୁ ଆଷାଢ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଆଷାଢ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।

ଅଣସରରେ ଗୁପ୍ତ ସେବା

## ଚକାକୁ ବିଜେ ହେଲେ ଦାରୁଦିଅଁ

ପୁରୀ,୧୦।୭ (ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ଶନିବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବା ବେଳେ ଶୁକ୍ରବାର ଆଷାଢ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ତେବେ ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ଆଇଟିଇପି ନାମଲେଖା ପାଇଁ ମେଧା ତାଲିକା ପ୍ରକାଶିତ

ଭୁବନେଶ୍ୱର, ୧୦।୭(ସମିସ): ଚଳିତ ଶିକ୍ଷାବର୍ଷରେ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ ପ୍ରୋଗ୍ରାମ୍ (ଆଇଟିଇପି) ରେ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା ଆଜି ପ୍ରକାଶିତ ହୋଇଛି। ନ୍ୟାସନାଲ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟର (ଏନ୍‌ସିଇଟି) ମାର୍କ ଆଧାରରେ ମେଧା ତାଲିକା ସାମ୍ସ ପୋର୍ଟାଲରେ ଉପଲବ୍ଧ ହୋଇଛି। ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ୍ ପାଇଁ ୧୦,୬୪୭ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ୧୪୬୩ ଜଣ ପ୍ରଥମ ମେଧା ତାଲିକାରେ ସ୍ଥାନ ପାଇଛନ୍ତି। ତନ୍ମଧ୍ୟରେ ୫୬୨ ଜଣ ଛାତ୍ର ଏବଂ ୯୦୧ଜଣ ଛାତ୍ରୀ ରହିଛନ୍ତି। ବିଏସ୍‌ସି ବିଏଡ୍ ଏବଂ ବିଏ ବିଏଡ୍ ପାଠ୍ୟକ୍ରମ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର କଟଅଫ୍ ମାର୍କ ସର୍ବାଧିକ ରହିଛି। ସେହିପରି ବିକମ୍ ବିଏଡ୍ ପାଇଁ ରାଜଧାନୀ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରଥମ ପସନ୍ଦ ପାଲଟିଛି। ମେଧା ତାଲିକାରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୩ ତାରିଖ ଦିବା ୧୧ ଘଟିକାରୁ ୧୫ ତାରିଖ ଅପରାହ୍ନ ୪ ଘଟିକା ମଧ୍ୟରେ ସାମ୍ସ ପୋର୍ଟାଲରେ ଫ୍ରିଜ୍ ବା ସ୍ଲାଇଡ୍ ବିକଳ୍ପ ବାଛିପାରିବେ। ବିଏସ୍‌ସି ବିଏଡ୍ ପାଇଁ ୫୫୦ ଜଣ, ବିଏ ବିଏଡ୍ ପାଇଁ ୮୦୦ଜଣ ଏବଂ ବିକମ୍ ବିଏଡ୍ ପାଠ୍ୟକ୍ରମ ପାଇଁ ୧୧୩ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ।

ଶ୍ରୀଜଗନ୍ନାଥଙ୍କ ଜମି ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ

## ଦୀର୍ଘମିଆଦ ଲିଜ୍‌ର ବୈଧତା ଉପରେ ରାଜସ୍ୱ ପର୍ଷଦଙ୍କ ପ୍ରଶ୍ନ

ଭୁବନେଶ୍ୱର,୧୦।୭ (ସମିସ): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏକହରାଜତ ମହଲ ଅନ୍ତର୍ଗତ ଜମି ସମ୍ପର୍କିତ ଦୀର୍ଘଦିନର ବିବାଦରେ ସଦସ୍ୟ, ରାଜସ୍ୱ ପର୍ଷଦ(ବୋର୍ଡ ଅଫ୍ ରେଭେନ୍ୟୁ)ଙ୍କ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ବୋର୍ଡ ଅଫ୍ ରେଭେନ୍ୟୁର ସଦସ୍ୟ ସତ୍ୟବ୍ରତ ସାହୁ ଏହି ମାମଲାର ତ୍ୱରିତ ଶୁଣାଣି ପରେ ଦାଖଲ ହୋଇଥିବା ଦୁଇଟି ରିଭିଜନ୍ ପିଟିସନ୍‌କୁ ମଞ୍ଜୁର କରି ଜଟଣୀ ତହସିଲଦାରଙ୍କୁ ବିବାଦୀୟ ଜମିର ହାଲ ରେକର୍ଡ ଅଫ୍ ରାଇଟ୍ସ (ଆର୍.ଓ.ଆର୍.) ସଂଶୋଧନ କରି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ରେକର୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲା ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅଧୀନ କୁଦୀଆରି ମୌଜାର ବିଶାଳ ପରିମାଣର ଜମି ସହ ସମ୍ପୃକ୍ତ। ମନ୍ଦିର ପକ୍ଷରୁ ଦାବି କରାଯାଇଥିଲା ଯେ, ୧୯୫୧ ମସିହାରେ ଏକ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ପାଇଁ

**ହାଲ୍ ରେକର୍ଡ ସଂଶୋଧନ ପାଇଁ ଜଟଣୀ ତହସିଲଦାରଙ୍କୁ ନିର୍ଦ୍ଦେଶ**

ଦିଆଯାଇଥିବା ଦୀର୍ଘମିଆଦୀ ଲିଜ୍ ଆଇନସମ୍ମତ ନଥିଲା ଏବଂ ସେହି ଲିଜ୍‌କୁ ଆଧାର କରି ପରବର୍ତ୍ତୀ ସମୟରେ ହାଲ ରେକର୍ଡରେ ବେସରକାରୀ ପକ୍ଷ ତଥା "ନିଳମଣି ଦୁବେ' ଓ ଅନ୍ୟମାନେ ଏବଂ "ଗୋପବନ୍ଧୁ ଗ୍ଲାସ ଏଣ୍ଡ ପଟରି ୱାର୍କସ ଲିମିଟେଡ' ନାମକ ଏକ ସଂସ୍ଥା ନାମରେ ରେକର୍ଡ କରାଯାଇଥିଲା। କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ସେତେବେଳେ ପ୍ରଚଳିତ ଥିବା ଓଡ଼ିଶା ହିନ୍ଦୁ ଧର୍ମୀୟ ଏଣ୍ଡାଉମେଣ୍ଟ ଆଇନ, ୧୯୩୯ର ଧାରା ୫୮ ଅନୁଯାୟୀ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ମନ୍ଦିରର ଅଚଳ ସମ୍ପତ୍ତିକୁ ଲିଜ୍ ଦେବାକୁ ହେଲେ କମିଶନର, ଏଣ୍ଡାଉମେଣ୍ଟଙ୍କ ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଥିଲା। କିନ୍ତୁ ଏହି ମାମଲାରେ ଏପରି କୌଣସି ଅନୁମୋଦନ ହାସଲ କରାଯାଇଥିବାର ପ୍ରମାଣ ବିପକ୍ଷ ପକ୍ଷ ଦାଖଲ କରିପାରି ନଥିଲେ। କେବଳ ଲିଜ୍ ଦଲିଲ ପଞ୍ଜୀକୃତ ହୋଇଥିବାରୁ ତାହା ଆଇନସମ୍ମତ ହୋଇଯାଏ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ରାୟରେ ଆହୁରି କୁହାଯାଇଛି ଯେ, ଲିଜ୍ ଦେବାର ଉଦ୍ଦେଶ୍ୟ ଥିଲା ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ। କିନ୍ତୁ ମାମଲାରେ ଉପସ୍ଥାପିତ ଦସ୍ତାବିଜରୁ ଏପରି କୌଣସି ଶିଳ୍ପ ପ୍ରତିଷ୍ଠାନ ବାସ୍ତବରେ ସ୍ଥାପିତ ହୋଇଥିବା କିମ୍ବା ମନ୍ଦିର କୌଣସି ଆର୍ଥିକ ଲାଭ ପାଇଥିବାର ପ୍ରମାଣ ମିଳିନାହିଁ ଓ ବରଂ ତହସିଲଦାରଙ୍କ ସଦ୍ୟତମ କ୍ଷେତ୍ର ପରିଦର୍ଶନ ରିପୋର୍ଟରେ ବିବାଦୀୟ ଜମି ଏବେ ମଧ୍ୟ ଖାଲି ପଡ଼ିଥିବା ଉଲ୍ଲେଖ ରହିଛି। କୋର୍ଟ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ରେକର୍ଡ ଅଫ୍ ରାଇଟ୍ସ କୌଣସି ବ୍ୟକ୍ତିଙ୍କ ସ୍ୱତ୍ୱ ସୃଷ୍ଟି କରେ ନାହିଁ; ଏହା କେବଳ ଦଖଲ ସମ୍ପର୍କିତ ଏକ ପ୍ରାଥମିକ ପ୍ରମାଣ ଓ ଯଦି ରେକର୍ଡର ମୂଳ ଆଧାର ଆଇନବିରୋଧୀ କାରବାର ଉପରେ ଆଧାରିତ ହୋଇଥାଏ,ତେବେ ସେହି ରେକର୍ଡକୁ ସଂଶୋଧନ କରିବା ପାଇଁ ରିଭିଜନାଲ କର୍ତ୍ତୃପକ୍ଷଙ୍କ ପୂର୍ଣ୍ଣ କ୍ଷମତା ରହିଛି। ଦୀର୍ଘ ଶୁଣାଣି ପରେ କୋର୍ଟ କହିଛନ୍ତି ଯେ ୧୯୬୫ ମସିହାରେ ପ୍ରସ୍ତୁତ ହୋଇଥିବା ହାଲ୍ ରେକର୍ଡ ଆଇନଗତ ତ୍ରୁଟିରେ ପରିପୂର୍ଣ୍ଣ ଏବଂ ତାହାକୁ ଅବ୍ୟାହତ ରଖାଯାଇପାରିବ ନାହିଁ।

## ସରିଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

କଟକ,୧୦।୭(ସମିସ): ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆଜି ଶେଷ ହୋଇଛି। ଖୁବଶୀଘ୍ର ଖାତାଦେଖା ପ୍ରକ୍ରିୟା ଶେଷ କରାଯାଇ ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ପ୍ରଥମ କରି ମାଧ୍ୟମିକ ଶିକ୍ଷା ପରିଷଦ ଡିଜିଟାଲ ସ୍କାନିଂ କରି ଏଥର ଉତ୍ତରଖାତା ମୂଲ୍ୟାୟନ କରିବ ବୋଲି ଜଣାପଡିଛି। ଆସନ୍ତାକାଲିଠାରୁ ଖାତାଦେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ଏବଂ ୪ରୁ ୫ସପ୍ତାହ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରି ଫଳ ପ୍ରକାଶ କରାଯିବ ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ସପ୍ଲିମେଣ୍ଟାରୀ ପରୀକ୍ଷା ମୋଟ ୩୧୧ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ବେଳେ ୨୪ ହଜାର ୪୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପି କରି ଧରା ପଡିନାହାନ୍ତି। ସମସ୍ତ ପ୍ରଶ୍ନପତ୍ରରେ କ୍ୟୁ-ଆର କୋଡ୍ ଓ ୱାଟର ମାର୍କ ରହିଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବା ବେଳେ ବୋର୍ଡର କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ପରୀକ୍ଷାକୁ ନିରୀକ୍ଷଣ କରାଯାଇଥିଲା। ଚଳିତବର୍ଷ ଯୁକ୍ତ ଦୁଇ ନାମଲେଖା ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ।

**ଅଗଷ୍ଟ ଶେଷ ସୁଦ୍ଧା ଫଳ**



ସୁନ୍ଦରଗଡ଼, ତଳସରା ଓ ରାଜଗାଙ୍ଗପୁରର ବିଜେଡି ନେତୃବୃନ୍ଦ ଓ ଜନସାଧାରଣ ଶୁକ୍ରବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି। ଏହି ଅବସରରେ ଲୋକଙ୍କ ସୁବିଧା, ଅସୁବିଧା ବୁଝିବା ସହ ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ଦଳର ସଂଗଠନ ମଜଭୁତ ରଖିବାକୁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି।

■ ବିଲରେ ଧାନତଳି ଖାଇଗଲେ ବୋଲି.....

## ଷଣ୍ଢକୁ ହାଣି ଯବାନ ଗିରଫ

ରାଜନଗର, ୧୦।୭(ସମିସ): ବିଲରେ ପଶି ଧାନ ତଳି ଖାଇଦେଲା ବୋଲି ଷଣ୍ଢଙ୍କୁ ଶାବଳରେ ବାଡ଼େଇବା ସହ କଟୁରୀରେ ହାଣିଛନ୍ତି ଜଣେ ଯବାନ। ଗୋଟିଏ ଷଣ୍ଢର ମୃତ୍ୟୁ ହୋଇଥିବାବେଳେ ଅନ୍ୟଏକ ଷଣ୍ଢ ଗୁରୁତର ଆହତ ହୋଇଛି। ସୀମାରେ ଦେଶକୁ ସୁରକ୍ଷା ଯୋଗାଇ ଅବସର ନେଇଥିବା ସୈନିକଙ୍କ ଏଭଳି ଅମାନବୀୟ କାର୍ଯ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ଷଣ୍ଢର ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ପୋତି ଦିଆଯାଇଛି। ଗ୍ରାମର ବିବେକାନନ୍ଦ ସାମନ୍ତରାୟଙ୍କ ଏତଲା ଆଧାରରେ ରାଜନଗର ଥାନାରେ ୨୬୮/୨୦୨୬ରେ ମାମଲା ରୁଜୁ କରାଯାଇ ଅବସରପ୍ରାପ୍ତ ସୈନିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ରାଜନଗର ଥାନା ଅନ୍ତର୍ଗତ ଅମଣାପାରି ଗ୍ରାମର ଦିବାକର ମଲ୍ଲିକ ସୈନିକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ଗାଁରେ ଚାଷ କରୁଛନ୍ତି। ଗାଁ ନିକଟରେ ଥିବା ମଧୁପୁର ମୌଜାରେ ବିଲରେ ତଳା ପକାଇଛନ୍ତି। ଗତକାଲି ଦୁଇଟି ଷଣ୍ଢ ତଳା ବିଲରେ ପଶି ତଳା ଖାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦିବାକର ଦୁଇଟି ଷଣ୍ଢଙ୍କୁ ପ୍ରଥମେ ଶାବଳରେ ନିର୍ମମ ପିଟିଥିଲେ। ଏଥିରେ ମନଶାନ୍ତି ନ ହେବାରୁ କଟୁରୀରେ ଷଣ୍ଢଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ଗୋଟିଏ ଷଣ୍ଢର ମୃତ୍ୟୁ ହେବା ସହ ଅନ୍ୟଏକ ଷଣ୍ଢ ଗୁରୁତର ଆହତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦିବାକରଙ୍କୁ ଗିରଫ କରିଥିଲା। ଶାବଳ ଓ କଟୁରୀ ଜବତ କରାଯାଇଛି। ଆଜି ଦିବାକରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ମୃତ ଷଣ୍ଢର ବ୍ୟବଚ୍ଛେଦ ପରେ ମଧୁପୁର ଛକରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି।

**କଟୁରୀ ଚୋଟରେ ଗୋଟେ ଷଣ୍ଢ ମୃତ; ଆଉ ଗୋଟେ ଗୁରୁତର**



ବିଶ୍ୱର ପ୍ରଥମ ଜନଜାତି ବହୁଳ ଜନସଂଖ୍ୟାଭିତ୍ତିକ କର୍କଟ ରୋଗ ପଞ୍ଜୀକରଣ ରିପୋର୍ଟ ପ୍ରକାଶ

# ବର୍ଷକରେ ମୟୂରଭଞ୍ଜରେ ୧୧୭୦ କର୍କଟ ରୋଗୀ ଚିହ୍ନଟ

**ଖୋର୍ଦ୍ଧା ପରେ ରାଜ୍ୟରେ ମୟୂରଭଞ୍ଜ ଦ୍ୱିତୀୟ ପଞ୍ଜିକୃତ ଜିଲ୍ଲା**

**ମୁଖ୍ୟ କାରଣ ସାଜିଛି ତମାଖୁ ସେବନ**

**ପୁରୁଷଙ୍କ ଠାରେ ମୁଖ ଓ ମହିଳାଙ୍କଠାରେ ସ୍ତନ କର୍କଟ ସବୁଠାରୁ ଅଧିକ**



ବାରିପଦା, ୧୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ କର୍କଟ ରୋଗର ପ୍ରତିରୋଧ, ଚିହ୍ନଟ ଓ ନିରାକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲଠାରେ ପ୍ରଥମ ବର୍ଷର "ଜନସଂଖ୍ୟା ଭିତ୍ତିକ କର୍କଟ ରୋଗ ପଞ୍ଜୀକରଣ' ରିପୋର୍ଟ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ସେଣ୍ଟର, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜଟଣୀ ସ୍ଥିତ ନାଇଜରର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଏହା ପ୍ରଥମ ଜନଜାତି ବହୁଳ ଜନସଂଖ୍ୟା ଭିତ୍ତିକ କର୍କଟ ରୋଗ ପଞ୍ଜିକରଣ ବୋଲି ଜୋନାଲ କୋର୍ଡିନେଟର ଡା ଆଶୁତୋଷ ପ୍ରଧାନ ସୂଚନା ଦେଇଛନ୍ତି। ବର୍ଷକରେ ୧୧୭୦ ନୂଆ ଆକ୍ରାନ୍ତ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ କଟକ-ଭୁବନେଶ୍ୱରର ପ୍ରମୁଖ ହସ୍ପିଟାଲଗୁଡ଼ିକରୁ ସଂଗୃହିତ ତଥ୍ୟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ମୟୂରଭଞ୍ଜରେ ମୋଟ ୧,୧୭୦ ଜଣ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ମୁମ୍ବାଇ ଟାଟା ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞ ଡା ଅତୁଲ ବୁଡୁକଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ପୁରୁଷମାନଙ୍କ ମଧ୍ୟରେ ତମାଖୁ ସେବନ ଜନିତ ପାଟି ଏବଂ ଜିଭ କର୍କଟ ସବୁଠାରୁ ଅଧିକ ଦେଖାଯାଉଛି। ପୁରୁଷଙ୍କ କ୍ଷେତ୍ରରେ ହେଉଥିବା ମୋଟ କର୍କଟ ମଧ୍ୟରୁ ପ୍ରାୟ ୪୦.୩ଧ (ପ୍ରତି ୫ ଜଣରେ ୨ ଜଣ) କେବଳ ତମାଖୁ ଜନିତ ରୋଗରେ ପୀଡ଼ିତ। ଅପରପକ୍ଷରେ, ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ଏବଂ ଜରାୟୁ ମୁଖ କର୍କଟ ସବୁଠାରୁ ଶୀର୍ଷରେ ରହିଛି। ଆଶ୍ଚର୍ଯ୍ୟଜନକ ଭାବେ, ପ୍ରତି ୨୧ ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ଏବଂ ପ୍ରତି ୧୮ ଜଣ ମହିଳାଙ୍କ ମଧ୍ୟରୁ ଜଣେ ୭୫ ବର୍ଷ ବୟସ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଏହି ରିପୋର୍ଟରୁ ସାମ୍ନାକୁ ଆସିଛି। ଏହା ସହିତ ୦ ରୁ ୧୪ ବର୍ଷ ବୟସ୍କ ଶିଶୁଙ୍କ ମଧ୍ୟରେ ପ୍ରାୟ ୨୧ ଟି କର୍କଟ ମାମଲା (୧.୮ଧ) ସାମ୍ନାକୁ ଆସିବା ଅତ୍ୟନ୍ତ ଚିନ୍ତାଜନକ ସଦୃଶ ହୋଇଛି। ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ସଦର ଓ କପ୍ତିପଦା ଉପଖଣ୍ଡର ୧୪ଟି ବ୍ଲକ ଅଞ୍ଚଳରେ ପ୍ରାୟ ୭୦ ପ୍ରତିଶତ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଞ୍ଚଳରେ କ୍ୟାନ୍ସର ଚିକିତ୍ସା ଓ ରୋଗ ନିରୂପଣ କେନ୍ଦ୍ରର ଅଭାବ ଯୋଗୁଁ ଅନେକ ସମୟରେ ରୋଗ ଚିହ୍ନଟ ହୋଇପାରୁ ନାହିଁ କିମ୍ବା ବିଳମ୍ବରେ ରିପୋର୍ଟ ହେଉଛି। ତେବେ ଟାଟା ମେମୋରିଆଲ୍ ସେଣ୍ଟର ପକ୍ଷରୁ ଅଗଷ୍ଟ ୨୦୨୩ରୁ ମେ ୨୦୨୫ ମଧ୍ୟରେ କରାଯାଇଥିବା ସ୍ୱତନ୍ତ୍ର ସ୍କ୍ରିନିଂ(ବାର୍ଷିକ) କାର୍ଯ୍ୟକ୍ରମରେ ୫,୭୬୮ ଜଣଙ୍କ ମଧ୍ୟରୁ ୭୨ ଜଣଙ୍କଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ କରାଯାଇ ଉଚ୍ଚତର ଚିକିତ୍ସା ପାଇଁ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗର ଅଧ୍ୟକ୍ଷ ତଥା ପରମାଣୁ ଶକ୍ତି ବିଭାଗର ସଚିବ ଡ଼ଃ ଅଜିତ କୁମାର ମହାନ୍ତି କହିଛନ୍ତି, ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ମୟୂରଭଞ୍ଜରେ ଏହି ପଞ୍ଜିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତମାଖୁ ଏବଂ ଦେଶୀ ମଦର ବ୍ୟବହାରକୁ ନିୟନ୍ତ୍ରଣ କରାଗଲେ ଅଧିକାଂଶ କର୍କଟ ରୋଗକୁ ରୋକାଯାଇପାରିବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟିଏମସି ମୁମ୍ବାଇର ନିର୍ଦ୍ଦେଶକ ଡା ସୁଦୀପ ଗୁପ୍ତା କହିଛନ୍ତି, ମୟୂରଭଞ୍ଜ ଭଳି ଏକ ଆଦିବାସୀ ବହୁଳ ଏବଂ ଗ୍ରାମୀଣ ଜିଲ୍ଲାରେ ଏହି କେନ୍ଦ୍ର ସ୍ଥାପନ ହେବା ସମଗ୍ର ଭାରତ ପାଇଁ ଏକ ମଡେଲ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା ବିନୟ ସାହୁ, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ, ପିଆରଏମ ମେଡିକାଲ କଲେଜର ଡିନ୍ ତଥା ପ୍ରିନସିପାଲ ଡା ନିର୍ମଳ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜର ବହୁମୂଲ୍ୟ ମତ ରଖିଥିଲେ। ସରକାରଙ୍କ ତରଫରୁ କର୍କଟ ରୋଗୀଙ୍କ ଯାଞ୍ଚ କିମ୍ବା ତଥ୍ୟ ସଂଗ୍ରହ ପାଇଁ ଯେଉଁ ଫୋନ୍ କଲ୍ ଯାଉଛି, ତାହା ସମ୍ପୂର୍ଣ୍ଣ ସରକାରୀ ଓ ନିରାପଦ ଅଟେ। ତେଣୁ କୌଣସି ସନ୍ଦେହ ନକରି ଜନସାଧାରଣ ସଠିକ୍ ସୂଚନା ଦେଇ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।"ଏହି ଅବସରରେ ଜଣେ ସଫଳ କର୍କଟ ବିଜୟୀ (ସ୍ତନ କର୍କଟ ବିଜୟୀ) ଭାବେ ଅନିତା ବେହେରା ଯୋଗଦେଇ ନିଜର ଅନୁଭୂତି ବାଣ୍ଟିବା ସହ କହିଥିଲେ, "ଶରୀରରେ କୌଣସି ବି ସମସ୍ୟା ଯଦି ୩ ସପ୍ତାହରୁ ଅଧିକ ସମୟ ରହେ, ତେବେ ତୁରନ୍ତ ସ୍କ୍ରିନିଂ କରାଇବା ଆବଶ୍ୟକ। ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହେଲେ କର୍କଟ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ"। "ଏହି ଅବସରରେ ତମାଖୁ ବର୍ଜନ କରି ନିଶାମୁକ୍ତ ହେବା ପାଇଁ ସରକାରଙ୍କ ମାଗଣା ହେଲ୍ପଲାଇନ ନମ୍ବର ୧୮୦୦-୧୧-୨୩୫୬ ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ୫୬୯ କୋଟି ଟଙ୍କାର ଗଞ୍ଜେଇ ଓ ବ୍ରାଉନସୁଗର ନଷ୍ଟ

**ନିଶାମୁକ୍ତ ଓଡ଼ିଶା ଅଭିଯାନ**

କଟକ,୧୦।୭(ସମିସ): 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ଜବତ ନିଶା ସାମଗ୍ରୀ ନଷ୍ଟ ପ୍ରକ୍ରିୟାରେ ଓଡ଼ିଶା ପୁଲିସ ସଫଳତା ହାସଲ କରିଛି। ଗତ ଜୁନ୍ ୨୬ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିଥିବା ଅଭିଯାନ ଅଧୀନରେ ରେକର୍ଡ ପରିମାଣର ଜବତ ନିଶାଦ୍ରବ୍ୟ ନଷ୍ଟ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏବଂ କ୍ରାଇମବ୍ରାଞ୍ଚର ସ୍ପେସାଲ ଟାସ୍କଫୋର୍ସର ସମନ୍ୱୟରେ ଏହି ସ୍ୱତନ୍ତ୍ର ଅଭିଯାନ ପରିଚାଳିତ ହୋଇଥିଲା। ଏହି ଅଭିଯାନରେ ଜବତ ହୋଇଥିବା ପ୍ରାୟ ୫୬୯.୩୨ କୋଟି ଟଙ୍କାର ଗଞ୍ଜେଇ ଓ ବ୍ରାଉନସୁଗରକୁ ନଷ୍ଟ କରିଦିଆଯାଇଛି। ୫୪୪.୫୨ କୋଟି ଟଙ୍କାର ୧୦୮.୯୦ ମେଟ୍ରିକ ଟନ୍ ଗଞ୍ଜେଇ ଓ ୨୪.୮ କୋଟିର ୧୨.୩୯୮ କିଲୋଗ୍ରାମ ବ୍ରାଉନସୁଗର ଏବଂ ୩,୬୩୧ ବୋତଲ କଫ୍ ସିରପ୍ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ଗଞ୍ଜେଇ ନଷ୍ଟ କରିବାରେ ବୌଦ୍ଧ ପୁଲିସ ସବୁଠାରୁ ଆଗରେ ରହି ୩୭,୪୮୪.୮୮୫ କିଲୋଗ୍ରାମ ଗଞ୍ଜେଇ ନଷ୍ଟ କରିଥିବା ବେଳେ କନ୍ଧମାଳ (୩୪,୨୪୫.୪୩୦ କିଲୋଗ୍ରାମ) ଦ୍ୱିତୀୟ ଏବଂ ମାଲକାନଗିରି (୮,୯୬୯.୯୪୦ କିଲୋଗ୍ରାମ) ତୃତୀୟ ସ୍ଥାନରେ ରହିଛି। ସେହିପରି ବ୍ରାଉନସୁଗର ନଷ୍ଟ କରିବାରେ ବାଲେଶ୍ୱର ପୁଲିସ ସର୍ବାଧିକ ୧୧ କିଲୋ ୨୯୩ ଗ୍ରାମ ଏବଂ ଏସଟିଏଫ୍ ୧ କିଲୋ ୯୦ ଗ୍ରାମ ନଷ୍ଟ କରିଛନ୍ତି। ବରଗଡ଼ ପୁଲିସ ଦ୍ୱାରା ୩,୬୩୧ ବୋତଲ କଫ୍ ସିରପ୍ ନଷ୍ଟ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ । ବୈବାହିକ ଜୀବନ ସୁଖମୟ ହେବ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ଅଚାନକ ଖୁସି ଖବର ମିଳିପାରେ ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ଦୀର୍ଘ ଦିନର ଆଶା ପୂରଣ ହେବ । ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ । ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ବ୍ୟବସାୟରେ ଲାଭ ମିଳିବ । ଚିନ୍ତାଗ୍ରସ୍ତ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିପାରେ । ଦିନଟି ବ୍ୟସ୍ତତା ଭିତରେ କଟିବ । ସାମାଜିକ କାର୍ଯ୍ୟରେ ସହଯୋଗ କରିବେ । ମନୋରଞ୍ଜନରେ ସମୟ ଅତିବାହିତ କରିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ । ଖର୍ଚ୍ଚ ବୃଦ୍ଧି ପାଇବ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଉଧାର ଦେଇଥିବା ଟଙ୍କା ଫେରିପାଇବେ ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଧନ ଲାଭର ଯୋଗ ଅଛି ।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ ।

**ଧନୁ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**ମକର:** ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଯୋଜନା ଅନୁଯାୟୀ କାମ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଅଯଥା କାମକୁ ନେଇ ଚିନ୍ତାରେ ରହିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି । ବିବାହ ପ୍ରସ୍ତାବ ଆସିପାରେ ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଭାଇମାନଙ୍କ ସହିତ ସମ୍ପର୍କ ମଧୁର ହେବ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଖର୍ଚ୍ଚ ବଢ଼ିପାରେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା ।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ , ୧୨୨ ଜଣଙ୍କ ମୃତ୍ୟୁ ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା ।

## ଆସିଲା ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ର ଫାଷ୍ଟ ଲୁକ୍



ଟିମ୍ ଇଣ୍ଡିଆର ଲୋକପ୍ରିୟ ଅଧିନାୟକ ତଥା କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ଫିଲ୍ମକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ହେଉଛି । ସୌରଭଙ୍କ ଜନ୍ମଦିନ( ଜୁଲାଇ ୮ ତାରିଖ) ଅବସରରେ 'ଦାଦା- ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ଫାଷ୍ଟ ଲୁକ୍ ରିଲିଜ୍ କରାଯାଇଥିଲା । ଏହା ସହିତ ନିର୍ମାତାଙ୍କ ପକ୍ଷରୁ ଏହାର ରିଲିଜ୍ ତାରିଖ ମଧ୍ୟ ଘୋଷଣା କରାଯାଇଛି । ବଲିଉଡ୍‌ରେ କ୍ରିକେଟ୍ ଖେଳାଳିଙ୍କ ଉପରେ ଅନେକ ଫିଲ୍ମ ନିର୍ମାଣ କରାଯାଇଛି । ଏମ୍ଏସ୍ ଧୋନି, କପିଳଦେବ ଏବଂ ମହମ୍ମଦ ଆଜହାରୁଦ୍ଦିନଙ୍କ ପରେ ଏବେ ସୌରଭଙ୍କ ନାମ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି । ସୌରଭଙ୍କ ବାୟୋପିକ୍ 'ଦାଦା'ରେ ରାଜକୁମାର ରାଓ ଲିଡ୍ ରୋଲରେ ଦେଖାଯିବେ । ପୋଷ୍ଟର୍‌ରେ ଲର୍ଡସ ମୈଦାନର ସେହି ଐତିହାସିକ ଦୃଶ୍ୟ ରହିଛି, ଯେତେବେଳେ ସୌରଭ ନେଟୱେଷ୍ଟ ସିରିଜ୍ ଫାଇନାଲରେ ଇଂଲଣ୍ଡ କ୍ରିକେଟ୍ ଟିମ୍‌କୁ ହରାଇବା ପରେ ଷ୍ଟାଡିୟମ୍‌ର ବାଲକୋନିରେ ନିଜ ଦେହରୁ ଟି-ସାର୍ଟ କାଢ଼ି ଉଡ଼ାଇଥିଲେ । 'ଦାଦା- ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ପୋଷ୍ଟର୍ ଦେଖି ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବହୁତ ବଢ଼ିଯାଇଛି ଏବଂ ସେମାନେ ଏହି ସ୍ପୋର୍ଟସ୍ ଡ୍ରାମାର ରିଲିଜ୍‌କୁ ଚାହିଁ ରହିଛନ୍ତି । ୧୪ ମଇ, ୨୦୨୭ ରେ ଏହି ଚଳଚ୍ଚିତ୍ର ସିନେମାହଲ୍‌ରେ ମୁକ୍ତିଲାଭ କରିବ । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ବିକ୍ରମାଦିତ୍ୟ ମୋଟ୍‌ୱାନେ ଅଛନ୍ତି । ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଲଭ୍ ରଞ୍ଜନ ଏବଂ ଅଙ୍କୁର ଗର୍ଗ ଅଛନ୍ତି । ଏହା 'ଲଭ୍ ଫିଲ୍ମସ୍' ବ୍ୟାନରରେ ନିର୍ମିତ ହୋଇଛି । ତେବେ ଦାଦାଙ୍କ ବାୟୋପିକ୍ ପୂର୍ବ କ୍ରୀଡ଼ା ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ଭଳି ବ୍ୟବସାୟିକ ସଫଳତା ପାଇପାରୁଛି କି ନାହିଁ, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ ।

## ବିଶ୍ୱ ଜନସଂଖ୍ୟା ଦିବସ




ବିଶ୍ୱ ଜନସଂଖ୍ୟା ଦିବସ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ପାଳନ କରାଯାଏ । ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ସଂପର୍କରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରିବା ଏହାର ପ୍ରାଥମିକ ଲକ୍ଷ୍ୟ । ଜନସଂଖ୍ୟା ବୃଦ୍ଧିର ଆମ ପରିବେଶ ଓ ସାମାଜିକ ବ୍ୟବସ୍ଥା ଉପରେ ପ୍ରଭାବ ତଥା ପରିବାର ନିୟୋଜନ, ଦାରିଦ୍ର୍ୟ, ଲିଙ୍ଗଗତ ସମାନତା, ନାଗରିକ ଅଧିକାର, ମା' ଓ ଶିଶୁର ସ୍ୱାସ୍ଥ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୧୧ ଜୁଲାଇ, ୧୯୮୭ରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟି ଛୁଇଁଥିଲା । ଏହାକୁ ଦୃଷ୍ଟିରେ ରଖି ୧୯୮୯ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିଲା । ୧୯୯୦ ମସିହାରେ ପ୍ରଥମ ଥର ପାଇଁ ୯୦ରୁ ଅଧିକ ଦେଶରେ ଏହି ଦିବସ ବିଧିବଦ୍ଧ ଭାବେ ପାଳନ କରାଯାଇଥିଲା । ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବାବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି । ଏବେ ଭାରତ ବିଶ୍ୱର ସବୁଠୁ ଅଧିକ ଜନବହୁଳ ରାଷ୍ଟ୍ର । ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ । କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ । ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ,ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ । ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ । ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଏହି ଦିବସ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ନିର୍ଦ୍ଧାରଣ କରାଯାଏ । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- "Realizing the hopes and aspirations of young people – today and for the future" । ଏହି ଦିବସ ପାଳନ ଅବସରରେ ଜନସଂଖ୍ୟା ନିୟନ୍ତ୍ରଣ କରି ସୁଖମୟ ସମାଜ ଗଢ଼ିବା ପାଇଁ 'ଛୋଟ ପରିବାର, ସୁଖୀ ପରିବାର'ର ବାର୍ତ୍ତା ପ୍ରସାର କରାଯାଏ ।

## ଉଡ଼ନ୍ତା ଛତା



ଖରା ହେଉ କି ବର୍ଷା ଲୋକଙ୍କୁ ଛତା ଧରି ଚାଲିବା ସମୟରେ ସହଜ ଲାଗେ ନାହିଁ । ବିଶେଷକରି ହାତରେ ଏକାଧିକ ଜିନିଷ ଧରିଥିଲେ ଛତା ଧରିବା କଷ୍ଟକର ହୋଇଥାଏ । ଅନେକ ସମୟରେ ଅତ୍ୟଧିକ ପବନ ଯୋଗୁଁ ଛତା ମଧ୍ୟ ଓଲଟି ଯାଏ । ଏହି କ୍ରମରେ କାନାଡ଼ାର ଇଞ୍ଜିନିୟର ଜନ୍ ସେ ଏସବୁର ଏକ ସମାଧାନର ରାସ୍ତା ଖୋଜି ବାହାର କରିଛନ୍ତି । ସେ ଏକ ଉଡ଼ନ୍ତା ଛତା ପ୍ରସ୍ତୁତ କରିଛନ୍ତି । ପ୍ରକୃତରେ ଏହା ଏକ ହାଇ-ଟେକ୍ ଡ୍ରୋନ୍ । ଏଥିରେ ଲାଗିଥିବା ସେନ୍‌ସର୍, ଏଆଇ ଏବଂ କ୍ୟାମେରା ଲୋକଙ୍କୁ ଚିହ୍ନଟ କରିଥାଏ ଏବଂ ଛତା ଆପେ ଆପେ ସେମାନଙ୍କ ମୁଣ୍ଡ ଉପରେ ହିଁ ଘୂରି ବୁଲେ । ସେହିପରି ଏହା ଭିତରେ ଚାରିଟି ପ୍ରୋପେଲର ଫିଟ୍ କରାଯାଇଛି । ଯାହାକି ଉଡ଼ାଣ ଭରିବାରେ ସାହାଯ୍ୟ କରେ । ଏହାସହ ଏଥିରେ ଏକ ଟାଇମ୍ ଅଫ୍ ଫ୍ଲାଇଟ୍ ଡେପ୍‌ଥ କ୍ୟାମେରା ଲାଗିଛି । ଯାହାକି ଥ୍ରୀଡି ଚିତ୍ର ତିଆରି କରିଥାଏ । ଜନ୍ ଏହାକୁ ତିଆରି କରିବା ଲାଗି କାର୍ବନ ଫାଇବର ନାଇଲନ ଏବଂ ଥ୍ରୀଡି ପ୍ରିଣ୍ଟିଂର ବ୍ୟବହାର କରିଛନ୍ତି । ଅନ୍ୟପଟେ ରସବେରି ପାଇକୁ ଡାଟା ପ୍ରୋସେସିଂ ପାଇଁ ଉପଯୋଗ କରାଯାଇଛି । ତେବେ ଏହା ଏବେ ଗବେଷଣା ପର୍ଯ୍ୟାୟରେ ଅଛି । ହେଲେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଚର୍ଚ୍ଚା ସାଉଁଟୁଛି । ଏବେ ଏହାର ଗୋଟିଏ ବ୍ୟାଟେରି ଚାର୍ଜ ହେବା ଦ୍ୱାରା ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ପବନରେ ଉଡ଼ିପାରେ । ଯଦିଓ ଏହା ଏବେ ବଜାରକୁ ଆସି ନାହିଁ, ତଥାପି ଭବିଷ୍ୟତରେ ଗ୍ୟାଜେଟ୍‌ଗୁଡ଼ିକ କିଭଳି ଅତ୍ୟାଧୁନିକ ହୋଇପାରିବ, ତାହା ଦେଖାଇ ଦେଇଛି । କେବଳ ସେତିକି ନୁହେଁ, ପ୍ରବଳ ବର୍ଷା ଏବଂ ପବନରେ ଏହାର ସ୍ଥିରତା ଉପରେ କାମ ହେବା ବାକି ଅଛି । ଯଦି ଏହି ଗ୍ୟାଜେଟ୍‌ଟି ସଫଳ ହେଲା, ଲୋକଙ୍କ ହାତ ଖାଲି ରହିବ ଓ ବର୍ଷାରୁ ମଧ୍ୟ ସୁରକ୍ଷା ମିଳିବ । ଅନ୍ୟପଟେ ବିଶେଷଜ୍ଞଙ୍କ ମତରେ, ଭବିଷ୍ୟତରେ ଏଭଳି ବ୍ୟକ୍ତିଗତ ଡ୍ରୋନ୍ ଗ୍ୟାଜେଟ୍ ଖୁବ୍ ସାଧାରଣ ପାଲଟିବ । କେବଳ ଛତା ନୁହେଁ, ଛୋଟ ଛୋଟ ଡ୍ରୋନ୍ ଜିନିଷ ବୋହିବା, ଆଲୋକ ତଥା ସୁରକ୍ଷା ପ୍ରଦାନ କରିବା ଦିଗରେ କାମ କରିବେ । ସେହିପରି ଭାରତ ଭଳି ବର୍ଷାପ୍ରବଣ ଦେଶରେ ଏହା ଆହୁରି ଉପଯୋଗୀ ପ୍ରମାଣିତ ହେବା ଆଶା କରାଯାଉଛି ।

## ପ୍ରହେଳିକା



- ଆଷାଢ଼ର ଶୁକ୍ଳ ଦ୍ୱିତୀୟା ଦିନ
ଯାତଟିଏ ଆସେ ଶ୍ରୀକ୍ଷେତ୍ରେ ଜାଣ
ବଡ଼ଦାଣ୍ଡେ ହୁଏ ଭକ୍ତ ଗହଳି
ଘଣ୍ଟ ଘଣ୍ଟି ନାଦ ପଡ଼େ ଉଚ୍ଛୁଳି
ଯାତ ମଧ୍ୟେ ସାର ସିଏ
ଗୁଣ୍ଡିଚା ଗୃହକୁ ଯାଆନ୍ତି ସାଆନ୍ତ
କୁହ'ତ ତା'ନାମ କିଏ ।

ଉତ୍ତର-ରଥଯାତ୍ରା

- ରତ୍ନବେଦୀ ଛାଡ଼ି ଜନମ ବେଦୀକୁ
ଯାଆନ୍ତି ତିନି ଠାକୁର
ପାହୁଣ୍ଡ ପକାଇ ଝୁଲି ଝୁଲି ଦିଅଁ
ଛାଡ଼ନ୍ତି ଶିରୀ ମନ୍ଦିର
ମସ୍ତକେ ଟାହିଆ ନାଇ
ଦିଅଁଙ୍କର ଏହି ଅପୂର୍ବ ଚାଲିକୁ
ପାରିବକି କିଏ କହି ।

ଉତ୍ତର-ପହଣ୍ଡି ବିଜେ

- ତିନି ଗୋଟି ରଥ ବଡ଼ଦାଣ୍ଡରେ
ଆଗ ପଛ ହୋଇ ଗଡ଼ନ୍ତି ଧିରେ
ଶେଷ ରଥ ଶୋଭା ଭାରି ସୁନ୍ଦର
ନାଲି ଓ ହଳଦୀ ମଣ୍ଡିଣି ତା'ର
ରଥରେ ଥାଆନ୍ତି କଳା ବାମନ
ଅଗଣିତ ଭକ୍ତ ଟାଣନ୍ତି ଶ୍ରଦ୍ଧାରେ
ଏବେ କୁହ ସେହି ରଥର ନାମ ।

ଉତ୍ତର-ନନ୍ଦିଘୋଷ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ଆଷାଢ଼ ମାସ ବଡ଼ ସରସ



କୁଞ୍ଜ ବିହାରୀ ସାହୁ

ମେଘରେ ମେଘ ବରଷା ଦେଲୁ
ସଭିଙ୍କୁ ଖୁସି କରି
ବଡ଼ଦାଣ୍ଡରେ ରଥଯାତରା
କରିଲୁ ମନ ଭରି ।
ତୋଅରି ପାଇଁ ଶୁକ୍ଳ ପକ୍ଷର
ଦ୍ୱିତୀୟା ତିଥି ଦିନ
ଜଗାବଳିଆ ହଳଦୀମୁହିଁ
ଛାଡ଼ିଲେ ସିଂହାସନ ।
ତାଳଧ୍ୱଜ ଓ ଦେବଦଳନ
ନନ୍ଦିଘୋଷରେ ବସି,
ବଳଭଦ୍ର ଓ ସୁଭଦ୍ରା ମାତ
ଜଗା ବସିଲେ ହସି ।
ଭକତ ପାଶେ ହେଲେ ହାଜର
ଭୁଲି ଅଜାତି ଜାତି
ଆପଣା ବୋଲି ଖାଇଲେ ଭୋଗ
ସୁଖ ଦୁଃଖର ସାଥୀ ।
ତିନି ଠାକୁର ଶୁଣିଲେ ଗୀତ
ଖୋଳ କୀର୍ତ୍ତନ ବାଜା,
ଦେବଦାସୀର ଦେଖିଲେ ନାଚ
ମନକୁ କଲେ ତାଜା ।
ଏମିତି ଯାତ ବିଶ୍ୱବିଦିତ
ଦେଖିଛି ଯିଏ କହେ
ଆଷାଢ଼ ମାସ ବଡ଼ ସରସ
ତୋତେ ମୁଁ ଭଲ ପାଏ ।

ପାତ୍ରପଡ଼ା, ଭୁବନେଶ୍ୱର

## ମୋ କୁନି ରଥରେ ପ୍ରଭୁ



ରମାକାନ୍ତ ଦାସ

ସୁନାର ରଥରେ ସାଜିଲେ କାଳିଆ, ଶୋଭୁଛି ନୀଳମଣି,
ମୋ କୁନି ରଥରେ ବସିବେ ସେ ଆଜି, ଭକ୍ତର ସ୍ନେହ ଗଣି ।
ଫୁଲର ମାଳାରେ ସଜାଇଛି ରଥ, ଝୁଲୁଛି ରଙ୍ଗିନ ଝୁଲ,
କୁନି ହାତେ ମୁଁ ଧରିଛି ଦଉଡ଼ି, ମନେ ମୋ ପ୍ରୀତିର ଫୁଲ ।
ଘର ଅଗଣାରେ ରଥ ଯାତ୍ରା ଆଜି, ଦେଉଳ ହୋଇଛି ଘର,
ମୋ କୁନି ରଥରେ ହସୁଛନ୍ତି ପ୍ରଭୁ, ପରଶି ପ୍ରେମର ସ୍ୱର ।
ନାହିଁ ବଡ଼ଦାଣ୍ଡ, ନାହିଁ ଭିଡ଼ ଆଜି, ଅଛି କେବଳ ଭାବ,
ମୋ କୁନି ଆଖିରେ ଖୋଜୁଛି ମୁଁ ତୁମ, ତୁଟିଗଲା ସବୁ ଲୋଭ ।
ଜୟ ଜଗନ୍ନାଥ, ଜୟ ବଳଭଦ୍ର, କୁନି ମୁଖେ ଧ୍ୱନି ଉଠେ,
ରଥର ଚକରେ ଦୁଃଖ ହୁଏ ଦୂର, ମୁଁ ଥାଏ ପ୍ରଭୁଙ୍କ ପାଖେ ।
ସଂସାର ପଥରେ ତୁମେ ତ ସାରଥୀ, ଦେଖାଅ ସୁନ୍ଦର ବାଟ,
ତୁମରି ଶ୍ରୀପାଦେ ସମର୍ପି ଦେଲି, ମୋ ଜୀବନର କୁନି ପାଟ ।
ମହାପ୍ରଭୁ ତୁମେ, ମୁଁ କୁନି ଭକତ, ଦିଅ ଆଶିଷର ହାତ,
ମୋ କୁନି ରଥରେ ସଦା ବିରାଜ, ଜଗତର ନାଥ ନାଥ ।
ତୁମରି କରୁଣା ପଥେ ଚାଲିବୁ, ଧରି ତୁମରି ହାତ,
ତୁମ ପାଦତଳେ ମିଳୁ ମୋ ସୁଖ, ହେ ନୀଳଚକ୍ରୀ ନାଥ ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

## ସୁମନ

## ବୁଦ୍ଧି ପରୀକ୍ଷା




ସେଦିନ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ମିକୁ ଓ ପିକୁ ବାପାଙ୍କ ସହ ବାହାରି ପଡ଼ିଲେ । ପ୍ରଥମଥର ପୁରୀ ଯିବେ ବୋଲି ସେମାନଙ୍କର ମନ ଉଲ୍ଲାସ ଥାଏ । ବଡ଼ଭାଇ ମିକୁ ବାହାରକୁ ଯାଇ ତୁଳସୀ ସଂଗ୍ରହ କରି ଆଣିଲା ଏବଂ ସାନଭାଇ ପିକୁ ବିଭିନ୍ନ ସୁଗନ୍ଧିତ ଫୁଲକୁ ଆଣି ସୁନ୍ଦର ମାଳଟିଏ ପ୍ରସ୍ତୁତ କଲା । ଦୁହେଁ ମନେମନେ ଭାବୁଥିଲେ ତିନି ରଥରେ ଠାକୁରଙ୍କୁ ହୃଦୟଭରି ଦର୍ଶନ କରିବେ ଏବଂ ମହାପ୍ରସାଦ ଖାଇବେ । ଘରୁ ବାହାରିବା ପୂର୍ବରୁ ବାପା ଦୁଇ ଭାଇଙ୍କୁ ଡାକି କହିଲେ, "ଆମେମାନେ ତ ପୁରୀ ଯିବା କିନ୍ତୁ ମୁଁ ତୁମ ଦୁହିଁଙ୍କର ବୁଦ୍ଧି ପରୀକ୍ଷା କରିବାକୁ ଚାହୁଁଛି ।" ଏହାଶୁଣି ମିକୁ ଓ ପିକୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, କେମିତିକା ବୁଦ୍ଧି ପରୀକ୍ଷା ବାପା ? ତାପରେ ବାପା ବୁଝାଇଲେ, "ତୁମେ ପୁରୀ ଗଲାପରେ ସେଠାରେ ଯାହାସବୁ ଦେଖିବ ଏବଂ ଶିଖିବ ଘରେ ଆସି ମତେ କହିବ । ଯିଏ ସବୁଠୁ ଭଲ ଉତ୍ତର ଦେବ ତାକୁ ମୁଁ ଶହେ ଟଙ୍କା ପୁରସ୍କାର ଦେବି । ଏକଥା ଶୁଣିବା ପରେ ଦୁଇ ଭାଇ ଆହୁରି ଖୁସି ହୋଇ ମନେ ମନେ ସଂକଳ୍ପ ନେଲେ ନିଶ୍ଚୟ ଏହି ପରୀକ୍ଷାକୁ ଜିତିବେ ବୋଲି । ବାପା ଏବଂ ଦୁଇ ପୁଅ ମିଶି ବସ୍ ଯୋଗେ ପୁରୀ ଗଲେ । ବଡ଼ଦାଣ୍ଡରେ ପହଞ୍ଚିବା ପରେ ସେମାନେ ଦେଖିଲେ ଅସଂଖ୍ୟ ଭକ୍ତଙ୍କ ଭିଡ଼ରେ ପୁରା ପରିବେଶ ପରିପୂର୍ଣ୍ଣ ହୋଇଯାଇଥାଏ । ଘଣ୍ଟ, ଘଣ୍ଟା, କାହାଳୀ , ମୃଦଙ୍ଗ, ହରିବୋଲ , ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହେଉଥାଏ । କେଉଁଠି ଦେବଦାସୀ ପ୍ରଭୁଙ୍କ ପ୍ରେମରେ ବାଇ ହୋଇ ନୃତ୍ୟ କରୁଥିଲେ ତ ଆଉ କେଉଁଠି ହରିନାମ ସଂକୀର୍ତ୍ତନରେ ଲୋକେ ଭକ୍ତିରସରେ ବୁଡ଼ି ରହିଥିଲେ । କିଏ ହାତଟେକି ପ୍ରଭୁଙ୍କୁ ନିଜର ନିବେଦନ ଜଣାଉଥିଲା ତ ଆଉ କିଏ ଆଖିରୁ ଲୁହ ଝରାଇ ହୃଦୟର ବେଦନାକୁ ସମର୍ପଣ କରୁଥିଲା । ଏହାଦେଖି ମିକୁ ଓ ପିକୁ ଭାବବିହ୍ୱଳ ହୋଇଗଲେ । ଚାହୁଁ ଚାହୁଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟ ପହଣ୍ଡି ଆରମ୍ଭ ହେଲା ଏବଂ ରଥରେ ପ୍ରଭୁ ବିରାଜମାନ ହେବାପରେ ପୂଜାର୍ଚ୍ଚନା ହୋଇ ଗଜପତି ମହାରାଜାଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ଚାଲିଲା । ଶେଷରେ ସମସ୍ତ ନୀତି ସମ୍ପନ୍ନ ହୋଇ ରଥଟଣା ଆରମ୍ଭ ହେଲା । ଭକ୍ତମାନେ ଆନନ୍ଦ ମନରେ ଜୟ ଜଗନ୍ନାଥ କହି ରଥକୁ ଆଗକୁ ଟାଣି ନେଉଥାନ୍ତି । ମିକୁ ଓ ପିକୁ ମଧ୍ୟ କିଛି ସମୟ ପାଇଁ ରଥ ଟାଣିବାର ସୁଯୋଗ ପାଇଲେ । ରଥଟଣା ଶେଷ ହେବାପରେ ମହାପ୍ରସାଦ ପାଇ ଭକ୍ତି ମନରେ ବାପପୁଅ ସମସ୍ତେ ଘରକୁ ଫେରିଲେ । କଥା ଅନୁଯାୟୀ, ରାତିରେ ବାପା ଦୁଇ ଭାଇଙ୍କୁ ପାଖକୁ ଡାକି ବସାଇଲେ ଏବଂ ଦେଇଥିବା କାମ କଥା ପଚାରିଲେ । ମିକୁ କହିଲା "ବାପା , ମୁଁ ଦେଖିଲି ଭକ୍ତ ଓ ଭଗବାନଙ୍କର ନିବିଡ଼ ପ୍ରେମ ! କାହିଁ କେତେ ଦୂରରୁ ଭକ୍ତମାନେ ତାଙ୍କ ପ୍ରିୟ ଠାକୁରଙ୍କ ପ୍ରେମରେ ଟାଣିହୋଇ ଆସିଥିଲେ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ନିଜ ଭାଇ ଭଉଣୀ ଓ ଭକ୍ତମାନଙ୍କୁ ସାଙ୍ଗରେ ନେଇ ରଥରେ ଯାତ୍ରା କରୁଥିଲେ । ଏହା ହିଁ ଏକଥାର ପ୍ରକୃତ ଉଦାହରଣ । ଏଥର ପିକୁ ପାଳି ପଡ଼ିଲା , ସେ ଉତ୍ତର ଦେଲା, "ମୁଁ ଆଜି ଶ୍ରୀ ଜଗନ୍ନାଥଙ୍କ ପାଖରେ ସଂସ୍କାର ଓ ସମ୍ମାନର ନିଚ୍ଛକ ଦୃଶ୍ୟ ଦେଖିଲି । ପହଣ୍ଡି ବେଳେ ଆଗରେ ବଡ଼ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରା ଆସିବା ପରେ କଳାଠାକୁର ଆସିଥିଲେ । ଏହାର ଅର୍ଥ ମହାପ୍ରଭୁ ବଡ଼ମାନଙ୍କୁ ସମ୍ମାନ ଦେଇ ସାନଙ୍କୁ ଅଗ୍ରାଧିକାର ଦେଉଥିଲେ । ଆମେ ଏକଥାକୁ ଜୀବନରେ ଗ୍ରହଣ କରିବା ଦରକାର । ଦୁଇ ପୁଅଙ୍କ ପାଖରୁ ସବୁକଥା ଶୁଣିବା ପରେ ବାପା ଅତ୍ୟନ୍ତ ଖୁସି ହୋଇ କୁଣ୍ଢାଇ ପକାଇଲେ ଏବଂ କହିଲେ "ଆଜି ତୁମେ ଦୁଇଜଣ ବୁଦ୍ଧି ପରୀକ୍ଷାରେ ପାସ୍ କରିଛ ।" ତା ପରେ ବାପା ଦୁହିଁଙ୍କୁ ଶହେ ଟଙ୍କା ଲେଖାଏଁ ଦେଲେ ଏବଂ ସମସ୍ତେ ମହାଆନନ୍ଦରେ ପ୍ରସାଦ ଖାଇ ଆନନ୍ଦ ମନରେ ଶୋଇ ପଡ଼ିଲେ । "




ରାଜେଶ ରାୟ

ଜୟପୁର , କୋରାପୁଟ


ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।




କ୍ରିତି କ୍ରିଷ୍ଣା ରାଉତ
ନବମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ




ଶାଶ୍ୱତ ସାଇ ଶୁଭମ୍
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା




ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ




ଅଭିଳାଷ ଦାଶ
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର






■ ଗୋଲ୍ଡେନ ବୁଟ୍ ରେସ୍

## ଶୀର୍ଷକୁ ଫେରିଲେ ଏମ୍‌ବାପେ

**ବୋଷ୍ଟନ,୧୦।୭(ଏଜେନ୍ସି):** ମରୋକ୍କୋ ବିପକ୍ଷ କ୍ୱାର୍ଟରରେ ଗୋଟିଏ ଗୋଲ ସ୍କୋର କରି ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ପୁଣିଥରେ ଗୋଲ୍ଡେନ ବୁଟ୍ ରେସ୍‌ର ପ୍ରଥମ ସ୍ଥାନକୁ ଫେରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୮ଟି ଲେଖାଏଁ ଗୋଲ ଦେଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା (ଆସିଷ୍ଟ) କରିଥିବାରୁ ପ୍ରଥମ ସ୍ଥାନରେ ରହିଛନ୍ତି। ମେସି ଦ୍ୱିତୀୟରେ ଥିଲାବେଳେ ୭ଟି ଗୋଲ ଦେଇଥିବା ନରୱେର ଏର୍ଲିଙ୍ଗ ହଲାଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଓ ଫ୍ରାନ୍ସର ବାଲନ ଓ ଡିଅର ପୁରସ୍କାର ବିଜେତା ଓଉସ୍‌ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ସ୍କୋର କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

## ଆର୍ଜେଣ୍ଟିନା ରେଫରୀ, ଫ୍ରାନ୍ସର ଫାଇଦା

**ବୋଷ୍ଟନ,୧୦।୭(ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ୍‌ରେ ଗୋଟିଏ ଦେଶର ରେଫରୀ ଓ ମ୍ୟାଚ୍ ଅଫିସିଆଲଙ୍କୁ ନିଯୁକ୍ତ କରି ଫିଫା ସମାଲୋଚିତ ହୋଇଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଟାଇଟଲ ଜିତିବା ଲାଗି ଟକ୍କର ରହିଛି। ଏଭଳି ସ୍ଥିତିରେ ଫ୍ରାନ୍ସ ଖେଳୁଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନାର ରେଫରି ଓ ଅଫିସିଆଲଙ୍କୁ ନିଯୁକ୍ତ କରାଯିବାକୁ ନେଇ ତୀବ୍ର ବିରୋଧ ପ୍ରକାଶ ପାଇଥିଲା। କିନ୍ତୁ ଏହି ମ୍ୟାଚ୍‌ଟି ବିବାଦଶୂନ୍ୟ ରହିବା ସହ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏପରିକି ଆର୍ଜେଣ୍ଟିନା ରେଫରିଙ୍କ ଦ୍ୱାରା ପରିଚାଳନା କରାଯାଇଥିବା କ୍ରମାଗତ ୬ଟି ମ୍ୟାଚ୍‌ରେ ଫ୍ରାନ୍ସ ବିଜୟୀ ହୋଇ ଏକ ରେକର୍ଡ କରିଛି। ଏଣୁ ଫ୍ରାନ୍ସକୁ ଆର୍ଜେଣ୍ଟିନା ରେଫରୀ ଓ ଅଫିସିଆଲ ଫାଇଦା ବୋଲି ଏହି ରେକର୍ଡରୁ ସ୍ପଷ୍ଟ ହୋଇଛି।

## ଜାରେଲ୍ ୨ଟି ମ୍ୟାଚ୍‌ରୁ ବାସନ୍ଦ



**ଡଲାସ,୧୦।୭ (ଏଜେନ୍ସି):** ମେକ୍ସିକୋ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ରେଡ୍‌କାର୍ଡ ପାଇଥିବା ଇଂଲଣ୍ଡର ଡିଫେଣ୍ଡର ଜାରେଲ କ୍ୱାଂଶଙ୍କୁ ଫିଫା ୨ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ରେଡ୍‌କାର୍ଡ ପାଇଲେ ସାଧାରଣତଃ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥାଏ। କିନ୍ତୁ ଏହି ମ୍ୟାଚ୍‌ରେ ଜାରେଲ ଅଧିକ ବିପଜ୍ଜନକ ଖେଳ ପ୍ରଦର୍ଶନ କରିଥିବା ଫିଫାର ହୃଦ୍‌ବୋଧ ହୋଇଛି। ଫିଫାର ଏହି ନିଷ୍ପତି ଫଳରେ ଇଂଲଣ୍ଡ ଯଦି ନରୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରେ, ତେବେ ଜାରେଲ ସେମିଫାଇନାଲ ମୁକାବିଲାରେ ଖେଳିପାରିବେ ନାହିଁ। ଗୋଟିଏ ପଟେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ରେଡ୍‌କାର୍ଡ ପାଇଥିବା ଆମେରିକାର ଫୋଲାରିନ୍ ବାଲେଗୁନ୍‌ଙ୍କ ଉପରୁ ବାସନ୍ଦ ପ୍ରତ୍ୟାହାର କରିନିଆଯାଇଥିବାବେଳେ ଜାରେଲଙ୍କୁ ୨ଟି ମ୍ୟାଚ୍‌ରୁ ବାସନ୍ଦ କରିବା ଇଂଲଣ୍ଡକୁ କ୍ଷୁବ୍ଧ କରିଛି।

## ଜୁଲାଇ ୧୮ରୁ ଇଶା ଗ୍ରାମୋତ୍ସବ




**ଭୁବନେଶ୍ୱର, ୧୦।୭ (ସମିସ):** ଭାରତର ସବୁଠାରୁ ବଡ଼ ଗ୍ରାମୀଣ କ୍ରୀଡ଼ା ମହୋତ୍ସବ 'ଇଶା ଗ୍ରାମୋତ୍ସବ'ର ୧୮ତମ ସଂସ୍କରଣ ଓଡ଼ିଶାରେ ଜୁଲାଇ ୧୮ରୁ ଆରମ୍ଭ ହେବ। ସଦଗୁରୁଙ୍କ ଦ୍ୱାରା ପରିକଳ୍ପିତ ଏହି ଗ୍ରାମୀଣସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଓଡ଼ିଶାରେ ଆୟୋଜନ କରାଯିବ। ଚଳିତ ବର୍ଷ ପ୍ରାୟ ୭ ହଜାର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଇଶା ଆଉଟରିଚ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୭୦୦ରୁ ଅଧିକ ଦଳ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପୁରୁଷ ବିଭାଗରେ ଭଲିବଲ୍ ଓ ମହିଳା ବିଭାଗରେ ଥ୍ରୋ ବଲ୍ ଖେଳାଯିବ। ଓଡ଼ିଶାରେ ଜୁଲାଇ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ୭ଟି ଜିଲ୍ଲାରେ କ୍ଲଷ୍ଟର-ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଜିଲ୍ଲାଗୁଡ଼ିକ ହେଲା କଟକ, ପୁରୀ, ଖୋର୍ଦ୍ଧା, ମୟୁରଭଞ୍ଜ, ବଲାଙ୍ଗିର, ଢେଙ୍କାନାଳ ଓ ସୁନ୍ଦରଗଡ଼। କ୍ଲଷ୍ଟର ପରେ ଅଗଷ୍ଟ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଡିଭିଜନାଲ ରାଉଣ୍ଡ ଅନୁଷ୍ଠିତ ହେବ। ଏହାପରେ ଫାଇନାଲ ପର୍ଯ୍ୟାୟ କୋଏମ୍ବାଟୁରରେ ଅନୁଷ୍ଠିତ ହେବ। ଯେଉଁଥିରେ ଓଡ଼ିଶା ସମେତ କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ ଓ ପୁଡୁଚେରୀର ଦଳ ଭାଗନେବେ। ମୋଟ୍ ଉପରେ ଚଳିତ ସଂସ୍କରଣରେ ଏକ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

### ଏମ୍‌ବାପେ, ଡେମ୍ବେଲେଙ୍କ ଚମତ୍କାର ଗୋଲ୍

# ମରୋକ୍କୋ ବିଦା; ଫ୍ରାନ୍ସର ହ୍ୟାଟ୍ରିକ୍ ସେମି

**ବୋଷ୍ଟନ,୧୦।୭(ଏଜେନ୍ସି)**



ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋକୁ ୨-୦ ଗୋଲରେ ହରାଇ ଫ୍ରାନ୍ସ ପ୍ରଥମ ଦଳ ଭାବେ ଚଳିତ ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ସ୍ପେନ୍ ଓ ବେଲଜିୟମ୍ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲର ବିଜେତା ସହ ଫ୍ରାନ୍ସ ଜୁଲାଇ ୧୪ରେ (ବୁଧବାର) ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ପକ୍ଷରୁ ଦୁଇ ଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଫଳରେ ଏମ୍‌ବାପେ ଚଳିତ ବିଶ୍ୱକପ୍‌ରେ ୮ମ ଗୋଲ କରିବା ସହ ପୁଣିଥରେ ଗୋଲ୍ଡେ ବୁଟ୍ ରେସ୍‌ରେ ନିଜକୁ ସାମିଲ କରିଛନ୍ତି। ସେହିପରି ନିଜ ମଧ୍ୟରେ ସମନ୍ୱୟ ରଖି ଖେଳିବାରେ ବିଫଳ ହୋଇଥିବା ମରୋକ୍କୋ କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଫ୍ରାନ୍ସଠାରୁ ହାରି ବିଶ୍ୱକପ୍‌ରୁ ବିଦାୟ ନେଇଛି। କତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସଠାରୁ ୨-୦ ଗୋଲରେ ମରୋକ୍କୋ ପରାଜିତ ହୋଇଥିଲା। ବିଶ୍ୱକପ୍ ଇତିହାସରେ ଫ୍ରାନ୍ସ ୮ମ ଥର ସକାଶେ ଓ କ୍ରମାଗତ ତୃତୀୟଥର ସକାଶେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

## ଇଂଲଣ୍ଡ, ଆର୍ଜେଣ୍ଟିନା ଫେଭରାଇଟ୍

**ମିଆମି/କାନ୍‌ସାସ୍ ସିଟି,୧୦।୭(ଏଜେନ୍ସି):** ଚଳିତ ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ଇଂଲଣ୍ଡ ଓ ନରୱେ ମଧ୍ୟରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବ। ସେହିପରି ଏହି ମ୍ୟାଚ୍‌ର ୪ଘଣ୍ଟା ପରେ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ ଦ୍ୱୟର ବିଜେତା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବ। ଏହି ମୁକାବିଲାଦ୍ୱୟରେ ଏଯାଏ ଅପରାଜିତ ରହିଥିବା ଇଂଲଣ୍ଡ ଓ ଆର୍ଜେଣ୍ଟିନା ମ୍ୟାଚ୍ ଜିତିବେ ବୋଲି ଆଶା କରାଯାଉଛି। କିନ୍ତୁ ଖେଳଦିନ କିଏ କିପରି ପ୍ରଦର୍ଶନ କରିବ ତାହା କହିବା କଷ୍ଟକର। ଇଂଲଣ୍ଡର ପ୍ରତିଦ୍ୱନ୍ଦ୍ୱୀ ନରୱେ ଏହି ବିଶ୍ୱକପ୍‌ରେ ବ୍ରାଜିଲକୁ ୨-୧ ଗୋଲରେ ହରାଇ ବିଦା କରିଛି। କଲମ୍ବିଆ ବିପକ୍ଷରେ ଲଢୁଆ ଖେଳି ସ୍ୱିଜରଲାଣ୍ଡ ୧୯୫୪ ପରେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଣୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳ ନିଜର ଦକ୍ଷତା ଉପରେ ନିର୍ଭର କରି ସଫଳତା ପାଇଛନ୍ତି। କିନ୍ତୁ ଇଂଲଣ୍ଡ ଓ ଆର୍ଜେଣ୍ଟିନା ନିକଟରେ ନକ୍‌ଆଉଟ ମ୍ୟାଚ୍ ଖେଳିବାର ଅଧିକ ଅଭିଜ୍ଞତା, ବିଶ୍ୱରେ ପ୍ରତିଷ୍ଠା ପାଇଥିବା ଖେଳାଳି ଓ ଦଳର ଦକ୍ଷତା ଓ ସଫଳତା ଯୋଗୁ ଏମାନେ ଦୁଇ କ୍ୱାର୍ଟରଫାଇନାଲ୍‌ରେ ଫେବରାଇଟ୍ ଟିମ୍ ଭାବେ ବିବେଚନା କରାଯାଉଛି।




| ଫିଫା ବିଶ୍ୱକପ୍ |
|---|
| କ୍ୱାର୍ଟରଫାଇନାଲ |
| ଶନିବାର ରାତି |
| ଇଂଲଣ୍ଡ ବନାମ ନରୱେ |
| ମିଆମି, ରାତି ୨ଟା ୩୦ |
| ରବିବାର ସକାଳ |
| ଆର୍ଜେଣ୍ଟିନା ବନାମ ସ୍ୱିଜରଲାଣ୍ଡ |
| କାନସାସ୍ ସିଟି, ସକାଳ ୬ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଚେନ୍ନାଇରେ ବିବିଏଲ୍ ଉଦ୍‌ଘାଟନୀ ମୁକାବିଲା

**ମେଲବୋର୍ଣ୍ଣ,୧୦।୭(ଏଜେନ୍ସି):** ଅଷ୍ଟ୍ରେଲିଆର ଲୋକପ୍ରିୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିବିଏଲ (ବିଗ୍ ବାଶ ଲିଗ୍)ର ଉଦ୍‌ଘାଟନୀ ମୁକାବିଲା ଭାରତର ଚେନ୍ନାଇରେ ଡିସେମ୍ବର ୧୨ରେ ଖେଳାଯିବ। ଏଥିରେ ମେଲବୋର୍ଣ୍ଣ ରେନେଗ୍ରେଡ୍‌ସ ସହ ପର୍ଥ ସ୍କ୍ରଚର୍ସର ମୁକାବିଲା ହେବ। ଏ ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍‌ଙ୍କ ଉପସ୍ଥିତିରେ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତରେ ଏହି ମ୍ୟାଚ୍ ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି। କ୍ରିକେଟର ଉନ୍ନତି ଓ ବିନିମୟ ଲାଗି ଉଭୟ ଦେଶ ସରକାର ସହମତି ପ୍ରକାଶ କରିଛନ୍ତି। ଏହି ମ୍ୟାଚ୍ ଆୟୋଜିତ ହେଲେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟରେ ଏକ ନୂଆ ଯୁଗର ଆରମ୍ଭ ହେବ। ସୂଚନା ଅନୁଯାୟୀ ଏହି ମ୍ୟାଚଟି ଡିସେମ୍ବର ୧୨ ତାରିଖ ଅପରାହ୍ଣ ୨ଟା ୪୦ ମିନିଟ୍‌ରେ ଖେଳାଯିବ। ମେଲବୋର୍ଣ୍ଣ ରେନେଗ୍ରେଡ୍‌ର ଏହା ହୋମ୍ ଗ୍ରାଉଣ୍ଡଭାବେ ବିବେଚିତ ହେବ। ଏହି ଦିନ ପର୍ଥରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନ। ବିବିଏଲ୍ ମ୍ୟାଚ୍ ବେଳକୁ ଟେଷ୍ଟର ଫଳାଫଳ ବାହାରିସାରିଥିବା ବୋଲି ଆଶା କରାଯାଉଛି। ନଚେତ୍ ଏହି ମ୍ୟାଚ୍ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

ଏସୀୟ କ୍ରୀଡ଼ା ମହିଳା ହକି

## ଭାରତୀୟ ଦଳରେ ଓଡ଼ିଶାରୁ ସୁନେଲିତା



**ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ଜାପାନରେ ଖେଳାଯିବାକୁ ଥିବା ଆଗାମୀ ଏସୀୟକ୍ରୀଡ଼ାର ମହିଳା ହକି ଲାଗି ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେଙ୍କୁ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସାଲିମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତ ମାସରେ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଚାମ୍ପିଅନ ହୋଇଥିଲା। ତେଣୁ ଏସୀୟ କ୍ରୀଡ଼ା ଲାଗି ସାଲିମା ଅଧିନାୟିକା ପଦ ବଜାୟ ରଖିଛନ୍ତି। ସେହିଭଳି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ମିଡଫିଲ୍ଡର ସୁନେଲିତା ଟପ୍ପୋଙ୍କୁ ସୁଯୋଗ ମିଳିଛି। "ଏହି ଖେଳାଳିମାନେ ଗତ କିଛି ମାସ ମଧ୍ୟରେ ସେମାନଙ୍କର ଶ୍ରେଷ୍ଠ ଫର୍ମ ଓ ଫିଟନେସ୍ ଦେଖାଇସାରିଛନ୍ତି। ଆମେ ନିଶ୍ଚିତ ଯେ ଏହି ଘୋଷିତ ଦଳ ଏସୀୟ କ୍ରୀଡ଼ାରେ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିଛି' ବୋଲି ମୁଖ୍ୟ ପ୍ରଶିକ୍ଷକ ମାରିଜନେ କହିଛନ୍ତି।

## ଭାରତୀୟ ଭଲିବଲ୍ ଦଳରେ ସୌମ୍ୟ



**ଭୁବନେଶ୍ୱର, ୧୦।୭ (ସମିସ):** ଆଗାମୀ ୧୮ ବର୍ଷରୁ କମ୍ ଏସିଆନ ଭଲିବଲ୍ ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ସୌମ୍ୟ ରଞ୍ଜନ ସାମଲ ସ୍ଥାନ ପାଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିବା ଜାତୀୟ ଶିବିରରେ ସୌମ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଢେଙ୍କାନାଳ ଚରଡ଼ ଗାଡ଼ିଆର ବାସିନ୍ଦା ସୌମ୍ୟଙ୍କ ବାପା ପ୍ରଶାନ୍ତ ସାମଲ ମଧ୍ୟ ଜଣେ ପୂର୍ବତନ ରାଜ୍ୟସ୍ତରୀୟ ଭଲିବଲ୍ ଖେଳାଳି। ସୌମ୍ୟ ବର୍ତ୍ତମାନ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଶିବପୁର ଗ୍ରାମରେ ପରିଚାଳିତ ଭଲିଭଲ କୋଚିଂ କେନ୍ଦ୍ରରେ ତାଲିମ ନେଉଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ଭଲିବଲ ପ୍ରଶିକ୍ଷକ ଆଶୁତୋଷ ପାତ୍ର କହିଛନ୍ତି ଯେ ସୌମ୍ୟ ପ୍ରତିଦିନ କଠିନ ପରିଶ୍ରମ କରନ୍ତି। ତାଙ୍କର ସବୁଠାରୁ ବଡ଼ ଶକ୍ତି ହେଉଛି ଶିଖିବାର ଇଚ୍ଛା। ସ୍ଥିରତା ତାଙ୍କୁ ସର୍ବୋଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ଖେଳାଳି ଭାବରେ ବଢ଼ିବାରେ ସାହାଯ୍ୟ କରିଛି।

## ୱିମ୍ବଲଡନ: ଜ୍ୱେରେଭ-ସିନ୍ନର ଫାଇନାଲ

**ଲଣ୍ଡନ, ୧୦।୭ (ଏଜେନ୍ସି):** ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ପୁରୁଷ ବିଭାଗ ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ଟାଇଟଲ୍ ଲଢ଼େଇ ପାଇଁ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଜାନିକ ସିନ୍ନର ଓ ଦ୍ୱିତୀୟ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ମଧ୍ୟରେ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜର୍ମାନୀର ଜ୍ୱେରେଭ ୭-୬ (୭/୦), ୬-୨, ୬-୪ ସେଟରେ ଘରୋଇ ଅଣସିଡେଡ ଖେଳାଳି ଆର୍ଥର ଫେରୀଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ସିନର ଏକପାଖିଆ ଭାବେ ୬-୪, ୬-୪, ୬-୪ ସେଟରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚଙ୍କୁ ପରାସ୍ତ କରିଥିଲେ। ଫଳରେ ଜୋକୋଭିଚଙ୍କ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବା ପୁଣିଥରେ ଅଧୁରା ରହିଯାଇଛି।

## ଭାରତ-ଇଂଲଣ୍ଡ ୫ମ ଟି-୨୦ ଆଜି

**ସାଉଥାମ୍ପଟନ, ୧୦।୭ (ଏଜେନ୍ସି):** ବିଶ୍ୱଚାମ୍ପିଅନ ଭାରତୀୟ କ୍ରିକେଟ ଦଳ ଏବେ ସଙ୍କଟରେ। ଇଂଲଣ୍ଡର ପିଚ୍, ପରିବେଶ ଓ ଘରୋଇ ଖେଳାଳିଙ୍କ କବ୍‌ଜାରେ ରହିଛନ୍ତି ଭାରତୀୟ କ୍ରିକେଟର। ଇଂଲଣ୍ଡ ସହ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୩-୦ରେ ପଛୁଆ ରହି ଆଗୁଆ ସିରିଜ ହାତଛଡ଼ା କରିସାରିଛି। ଏବେ ସିରିଜର ଅନ୍ତିମ ତଥା ୫ମ ମୁକାବିଲା ଶନିବାର ଖେଳାଯିବ। କ୍ଲିନସୁଇପରୁ ବର୍ତ୍ତିବା ଲାଗି ପଞ୍ଚମ ମୁକାବିଲାରେ ଭାରତକୁ ବିଜୟ ନିହାତି ଜରୁରୀ ହୋଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଜୁଲାଇ ୧୪ରୁ ଆରମ୍ଭ ହେବ। ଏଥିପୂର୍ବରୁ ଭ୍ରମଣକାରୀ ଖେଳାଳିମାନେ ଏଠାରେ ସାନ୍ତ୍ୱନାମୂଳକ ମ୍ୟାଚ୍ ବିଜୟ ଆଶାରେ ରହିଛନ୍ତି। ଏହି ମ୍ୟାଚ୍ ଲାଗି ଚତୁର୍ଥ ମୁକାବିଲା ଜିତିଥିବା ଇଂଲଣ୍ଡ ଦଳରେ ସେପରି କିଛି ପରିବର୍ତ୍ତନ ହେବାର ଆଶା କମ୍। କିନ୍ତୁ ଭାରତୀୟ ଦଳରେ ସଞ୍ଜୁ ସାମସନ ଓ ସୂର୍ଯ୍ୟାଂଶ ଶେଡ୍‌ଜେଙ୍କ ଭଳି ଡାହାଣହାତୀ ବ୍ୟାଟରଙ୍କୁ ସାମିଲ କରାଯାଇପାରେ। ଯଦି ଏହି ଦୁଇ ଖେଳାଳିଙ୍କୁ ସାମିଲ କରାଯାଏ, ତେବେ ନଂ-୩ରେ ସାମସନ ଓ ନଂ-୬ କିମ୍ବା ୭ରେ ଶେଡ୍‌ଜେ ବ୍ୟାଟିଂ କରିବେ। ଶ୍ରେୟସ ଆୟରଙ୍କ ନେତୃତ୍ୱାଧିନ ଭାରତ ଏଥିପୂର୍ବରୁ ଆୟର୍ଲାଣ୍ଡ ନିକଟରୁ ୨-୦ରେ ଲଜ୍ଜାଜନକ ଭାବେ ଟି-୨୦ ସିରିଜ ହାରିଥିଲା। ଏବେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜରେ ପରାସ୍ତ ହୋଇଛି।

**ନଂ-୧ ଆଶାରେ ଇଂଲଣ୍ଡ**

ଭାରତ ସହ ଚାଲିଥିବା ଟି-୨୦ ସିରିଜ୍‌ର ଆସନ୍ତାକାଲି ୫ମ ତଥା ଶେଷ ମୁକାବିଲା ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହେବା ପରେ କ୍ରମାଗତ ୩ଟି ମ୍ୟାଚ୍ ଜିତି ଇଂଲଣ୍ଡ ଏହି ସିରିଜ୍ କବଜା କରିଛି। ଦଳ ଲାଗି ଆଉ ଏକ ବଡ଼ ସଫଳତା ଅପେକ୍ଷା କରିଛି। ଶନିବାର ମୁକାବିଲା ଜିତିଲେ ଇଂଲଣ୍ଡ ଟି-୨୦ ମାନ୍ୟତାରେ ଭାରତକୁ ହଟାଇ ନଂ-୧ ହେବ। ଏହା ଆମ ଲାଗି ଏକ ବଡ଼ ପୁରସ୍କାର ହେବ ବୋଲି ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍ କହିଛନ୍ତି।






ଲର୍ଡ୍ସରେ ଭାରତ-ଇଂଲଣ୍ଡ ଐତିହାସିକ ମହିଳା ଟେଷ୍ଟ

## ମନ୍ଧାନା, ହରମନପ୍ରୀତ୍ ଓ ଦୀପ୍ତି ଲଢ଼ିଲେ

**ଲର୍ଡ୍ସ,୧୦।୭(ଏଜେନ୍ସି):** କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଐତିହାସିକ ମହିଳା ଟେଷ୍ଟ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ଲର୍ଡ୍ସର ୧୪୨ ବର୍ଷର ଇତିହାସରେ ୧୫୦ଟି ପୁରୁଷ ଟେଷ୍ଟ ମ୍ୟାଚ୍ ଏଠାରେ ଖେଳାଯାଇସାରିଛି। କିନ୍ତୁ ପ୍ରଥମଥର ଏହି ଆଇକନିକ ଭେନ୍ୟୁରେ ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜିତ ହେଉଛି। ଏହି ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଧିନାୟିକା ହରମନପ୍ରୀତ୍ କୌର, ଉପ-ଅଧିନାୟିକା ସ୍ମୃତି ମନ୍ଧନା ଓ ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ପ୍ରଥମ ଇନିଂସରେ ୭୪.୫ ଓଭରରେ ୨୮୫ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ନିଜର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ମନ୍ଧାନା ସର୍ବାଧିକ ୮୩, ହରମନପ୍ରୀତ୍ ୫୮ ଓ ଦୀପ୍ତି ୫୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସ ୩୫, ରିଚା ଘୋଷ ଓ ସ୍ନେହ ରାଣା ୧୩ ରନ ଲେଖାଏ ଓ ଯଷ୍ଟିକା ଭାଟିଆ ୧୨ ରନ କରିଥିଲେ। ଘରୋଇ ଇଂଲଣ୍ଡ ପକ୍ଷରୁ ସୋଫି ଇକଲେଷ୍ଟୋନ ୩ ଏବଂ ଇସି ୟଙ୍ଗ, ମାଡି ଭିଲର୍ସ ଓ ଲୌରେନ୍ ଫାଇଲର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ଷ୍ଟମ୍ପ ସୁଦ୍ଧା ୧୧ ଓଭରରେ ଗୋଟିଏ ୱିକେଟ୍ ହରାଇ ୨୧ ରନ ସଂଗ୍ରହ କରିଛି।



## ୩୦୦ ମ୍ୟାଚ୍ ଖେଳିଲେ ସ୍ମୃତି ମନ୍ଧାନା

**ଲଣ୍ଡନ, ୧୦।୭ (ଏଜେନ୍ସି):** ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଲର୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚ୍ ଖେଳି ଭାରତୀୟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ୨୯ ବର୍ଷୀୟା ମନ୍ଧାନାଙ୍କ କ୍ୟାରିୟରର ଏହା ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇଛି। ଯେଉଁଥିରେ ମନ୍ଧାନା ୯ଟି ଟେଷ୍ଟ, ୧୨୦ ଦିନିକିଆ ଓ ୧୭୧ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ୩୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ମନ୍ଧାନା ୩ୟ ଭାରତୀୟ ମହିଳା କ୍ରିକେଟର ହୋଇଛନ୍ତି। ଅଧିନାୟିକା ହରମନପ୍ରୀତ୍ କୌର ୩୭୪ ଓ ପୂର୍ବତନ ଅଧିନାୟିକା ମିତାଲି ରାଜ ୩୩୩ଟି ମ୍ୟାଚ୍ ଖେଳିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS